
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୩ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 23 DECEMBER 2022
Vol.No. 33 ■ No. 334 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କରୋନାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା

### ଦେଶବାସୀଙ୍କୁ ମାସ୍କ ପିନ୍ଧିବାକୁ କହିଲେ ପ୍ରଧାନମନ୍ତ୍ରୀ ମୋଦି




ନୂଆଦିଲ୍ଲୀ, ୨୨/୧୨ : ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ କରୋନା ସଂକ୍ରମଣ ବଢୁଥିବାରୁ ଭାରତରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବିଶେଷ କରି ଚାଇନାର ଆତଙ୍କ ଖେଳାଇଥିବା ଓମିକ୍ରନ ଭାରିଏଣ୍ଟର ବିଏଫ ୭ ଓଡ଼ିଶା ଓ ଗୁଜରାଟରୁ ଠାବ ହେବା ପରେ ସମସ୍ତେ ଆତଙ୍କିତ ହୋଇପଡ଼ିଛନ୍ତି। ସ୍ଥିତିକୁ ଦେଖି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ସମୀକ୍ଷା ପରେ ସେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରି ନାହାନ୍ତି। କିନ୍ତୁ ନିଜର ସୁରକ୍ଷା ଓ ସଂକ୍ରମଣ ଜନିତ ବିପଦକୁ ଏଡ଼ାଇବା ପାଇଁ ଦେଶବାସୀଙ୍କୁ ମାସ୍କ ପିନ୍ଧିବାକୁ ଅପିଲ କରିଛନ୍ତି। ଏଥିସହ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର କରିବାକୁ ମଧ୍ୟ କହିଛନ୍ତି। ଏହାବାଦ ସେ ରାଜ୍ୟ ସରକାର ସର୍ଭେଲାନ୍ସକୁ ଜୋରଦାର କରିବା ସହ କରୋନା ଟେଷ୍ଟିଂ ବୃଦ୍ଧି କରିବାକୁ କହିଛନ୍ତି। ଏହାବାଦ କରୋନାର ନୂଆ ଭାରିଏଣ୍ଟକୁ ଯଥାଶୀଘ୍ର ଚିହ୍ନଟ କରିବା ପାଇଁ ଅଧିକରୁ ଅଧିକ ନମୁନାର ଜେନୋମ ସିକ୍ୱେନ୍ସିଂ ପାଇଁ ପରାମର୍ଶ ଦେଇଛନ୍ତି। ମୋଦି ମାସ୍କ ପିନ୍ଧିବାକୁ ପରାମର୍ଶ ଦେବା ପରେ କର୍ଣ୍ଣାଟକା ସରକାର କାଲିଠାରୁ ହିଁ ଏହାର ପରିଧାନକୁ ବାଧ୍ୟତାମୂଳକ କରିଛନ୍ତି। ଏଥିସହ ସମସ୍ତଙ୍କୁ ସାମାଜିକ ଦୂରତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚାଇନାରେ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଥିବା ଓମିକ୍ରନର ସବ୍-ଭାରିଆଣ୍ଟ ବିଏଫ ୭ ଭାରତରୁ ଠାବ ହେବା ପରେ ପ୍ରଧାନମନ୍ତ୍ରୀ ସମୀକ୍ଷା ବୈଠକ ଡାକିଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବ୍ୟତୀତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଉଚ୍ଚ ସ୍ତରୀୟ ବୈଠକରେ କହିଛନ୍ତି ଯେ କୋଭିଡର ମୁକାବିଲା ପାଇଁ ଆମକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ହେବ। ଅମ୍ଳଜାନ ସିଲିଣ୍ଡର, ପିଏସଏ ପ୍ଲାଣ୍ଟ, ଭେଣ୍ଟିଲେଟର ଓ ହସ୍ପିଟାଲର ଭିତ୍ତିଭୂମିକୁ ଏବେ ଠାରୁ ସଜାଡ଼ିବାକୁ ହେବ। ରାଜ୍ୟଗୁଡ଼ିକ ନିୟମିତ ଏହାର ମନିଟରିଂ କରନ୍ତୁ ବୋଲି ମୋଦି କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନ ସ୍ଥିତି ସଂପୂର୍ଣ୍ଣ ଭାବେ ନିୟନ୍ତ୍ରଣ ମଧ୍ୟରେ ରହିଛି। ଆତଙ୍କିତ ହେବାର କୌଣସି କାରଣ ନାହିଁ। ବିଏଫ ୭ ଭାରିଏଣ୍ଟରେ ଆକ୍ରାନ୍ତ ହେଉଥିବା ଲୋକମାନେ ଘରେ ରହି ସୁସ୍ଥ ମଧ୍ୟ ହେଉଛନ୍ତି। ବିଏଫ ୭ ଭାରିଏଣ୍ଟ ଅଧିକ ଘାତକ ହେଉନି। କିନ୍ତୁ ଏହା ଦ୍ରୁତଗତିରେ ସଂକ୍ରମଣ କରିବାର କ୍ଷମତା ରଖିଛି। ବହୁତ କମ ସମୟରେ ଏହି ଭାରିଏଣ୍ଟ ଅନେକ ଲୋକଙ୍କୁ ସଂକ୍ରମଣ କରିପାରିବ। ଏହାର ଆରୋଗ୍ୟ ହାର ଯଥେଷ୍ଟ ଅଧିକ। ବିଏଫ ୭ ଷ୍ଟ୍ରେନ ଦ୍ୱାରା ଜ୍ୱର, ଗଳା ଦରଜ, ନାକ ବନ୍ଦ ଓ କଫ ସମସ୍ୟା ଦେଖାଯାଇ ପାରେ।

## ଚୀନରୁ ଆସୁଛି କରୋନାର କରୁଣ ଦୃଶ୍ୟ: ବଢ଼ିଚାଲିଛି ଆକ୍ରାନ୍ତଙ୍କ ସଂଖ୍ୟା



ନୂଆଦିଲ୍ଲୀ, ୨୨/୧୨ : ବ୍ରିଟେନର ଗବେଷଣା ସଂସ୍ଥା "ଏୟାରଫିନିଟି ଏଲଟିଡି' ଚୀନର କରୋନା ସ୍ଥିତିକୁ ନେଇ ଅନୁଧ୍ୟାନ କଲା ପରେ ଯେଉଁ ତଥ୍ୟ ଦେଇଛି, ତାହା ହୋସ୍ ଉଡ଼ାଇଲା ଭଳି । ରିପୋର୍ଟରେ କୁହାଯାଇଛି ଯେ, ଏବେ ଚୀନରେ ଦିନକୁ ୧୦ ଲକ୍ଷ ସଂକ୍ରମଣ ଘଟୁଛି, ଆଉ କରୋନାରେ ପ୍ରତିଦିନ ୫ ହଜାର ଆକ୍ରାନ୍ତଙ୍କ ଜୀବନ ଯାଉଛି । କରୋନାର ନୂଆ ଭାରିଆଣ୍ଟ ବିଏଫ-୭ ଯୋଗୁଁ ଏତେ ମାତ୍ରାରେ ସଂକ୍ରମଣ ଆସୁଛି । ବ୍ରିଟେନର ଗବେଷଣା ସଂସ୍ଥା ଆହୁରି ଆକଳନ କରିଛି ଯେ, ଆସନ୍ତାମାସକୁ ଚୀନରେ ଦୈନିକ ସଂକ୍ରମଣ ୩୭ ଲକ୍ଷ ପହଞ୍ଚିଯାଇଥିବ । ସେହିପରି ମାର୍ଚ୍ଚ ମାସ ବେଳକୁ ଚୀନରେ ଦୈନିକ ସଂକ୍ରମଣ ୪୨ ଲକ୍ଷ ଛୁଇଁଥିବ ବୋଲି "ଏୟାରଫିନିଟି ଏଲଟିଡି' ଆକଳନ କରିଛି । ସେପଟେ ଚୀନର ସ୍ଥିତି ଉପରେ କଡ଼ା ନଜର ରଖିଛି ଭାରତ । ଚୀନରେ କୋଭିଡ ସ୍ଥିତି ଭୟାନକ ହୋଇପଡ଼ିଥିଲେ ବି ଜିନପିଙ୍ଗ ସରକାର ସତ ମାନିବାକୁ ନାରାଜ । ବରଂ ଚୀନ୍ ସରକାର କହିଛନ୍ତି ଯେ, ଗତ ୨୪ ଘଂଟାରେ କେବଳ ୩ ହଜାର ନୂଆ ସଂକ୍ରମଣ ଚିହ୍ନଟ ହୋଇଛନ୍ତି, ଆଉ କୋଭିଡରେ କାହାର ମୃତ୍ୟୁ ହୋଇନାହିଁ । ହେଲେ ଚୀନର ବିଭିନ୍ନ ସହରରୁ ସାମ୍ନାକୁ ଆସୁଥିବା ଦୃଶ୍ୟ ଏହାକୁ ମିଛ ପ୍ରମାଣିତ କରୁଛି । ଚୀନର ବେଜିଂ ସହରର ଏକ ହସ୍ପିଟାଲର ଦୃଶ୍ୟ ସାମ୍ନାକୁ ଆସିଛି । କୋଭିଡ ଆକ୍ରାନ୍ତଙ୍କ ଭିଡ଼ ଯୋଗୁଁ ▶▶ପୃଷ୍ଠା ୭

## ଗୋବିନ୍ଦ ସାହୁଙ୍କ ସମ୍ପର୍କୀୟଙ୍କ ବିସ୍ଫୋରକ ବୟାନ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଗୋବିନ୍ଦ ସାହୁଙ୍କ ଆତ୍ମହତ୍ୟା ଖବର ଭିତରେ ସାଂଘାତିକ୍ ଅଭିଯୋଗ ଆଣିଲେ ତାଙ୍କ ସମ୍ପର୍କୀୟ । ଗୋବିନ୍ଦ ସାହୁଙ୍କ ଭିଣେଇ ମହେନ୍ଦ୍ର ସାହୁ ଅଭିଯୋଗ ଆଣି କହିଛନ୍ତି, ଯେତେବେଳେ ଗୋବିନ୍ଦଙ୍କ ଆତ୍ମହତ୍ୟା କଥା ଶୁଣିଲୁ, ସେତେବେଳେ ଆତ୍ମହତ୍ୟା କଥା ଆମର ବିଶ୍ୱାସ ହୋଇନଥିଲା । ଗୋବିନ୍ଦ ସାହୁ ଜଣେ ଦୃଢ଼ୋମନା ବ୍ୟକ୍ତି । ସେ ତାଙ୍କ ଜୀବନରେ ଅନେକ ଝଡଝଞ୍ଜା ଦେଖିଛନ୍ତି । ସେ କେବେ ବି ଜେଲ ଭିତରେ ଆତ୍ମହତ୍ୟା କରିପାରିବେ ନାହିଁ । ପେଶାଦାର ହତ୍ୟାକାରୀଙ୍କୁ ଲଗାଇ ଗୋବିନ୍ଦଙ୍କୁ ହତ୍ୟା କରାଯାଇଛି । ଯଦି ସେ ଆତ୍ମହତ୍ୟା କରିବାର ଥିଲା, ଦୋଷୀ ସାବ୍ୟସ୍ତ ହେବା ପରେ ଆତ୍ମହତ୍ୟା କରିଥାନ୍ତେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜେଲ୍ ଏକ ସୁରକ୍ଷିତ ସ୍ଥାନ, ସେଠାରେ କଏଦୀଙ୍କ ଉପରେ ନଜର ରଖିବା ପାଇଁ ଅନେକ ଷ୍ଟାଫ୍ ଅଛନ୍ତି । ତେଣୁ ଜେଲ ଭିତରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବା କୌଣସି ପ୍ରକାର ସମ୍ଭବ ନୁହେଁ । ତାଙ୍କୁ ଷଡଯନ୍ତ୍ର କରି ହତ୍ୟା କରାଯାଇଛି । ପ୍ରଫେସନାଲ କିଲରଙ୍କୁ ନେଇ ଗୋବିନ୍ଦଙ୍କୁ ହତ୍ୟା କରାଯାଇଛି । ଯେଉଁମାନେ ମମିତା ମେହେର ହତ୍ୟା ମାମଲାରେ ସମ୍ପୃକ୍ତ ଅଛନ୍ତି ସେମାନେ ହିଁ ଏହି ହତ୍ୟା କରିଥାଇ ପାରନ୍ତି ।

## ବାଲେଶ୍ୱରରେ ୧୯୧ଟି ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ବାଲେଶ୍ୱର, ୨୨/୧୨ (ନି.ପ୍ର): ବାଲେଶ୍ୱର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୧୮୦୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୩୭୪ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ, ୧୪୩୧ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତି ପ୍ରଦାନ କରାଯାଇଛି। ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ହେଲିକପ୍ଟରରୁ ଅବତରଣ ପରେ ମୁଖ୍ୟମନ୍ତ୍ରୀ ନବନିର୍ମିତ ଶୋଭାରାମପୁର ରେଳ ଓଭରବ୍ରିଜକୁ ପ୍ରଥମେ ଉଦ୍‌ଘାଟନ କରିଥିଲେ। ପରେ ରିଜର୍ଭ ପୁଲିସ ପଡ଼ିଆସ୍ଥିତ ସଭାରେ ଯୋଗଦେଇ ଜିଲାବାସୀଙ୍କୁ ସମ୍ବୋଧିତ କରିଥିଲେ। ଜିଲ୍ଲାର ୫୬୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୨୦ କୋଟି ଟଙ୍କାର ସହାୟତା ପ୍ରଦାନ କରି ମିଶନ ଶକ୍ତି ମା'ମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଆନ୍ଦୋଳନକୁ ଏକ ନୂଆ ସୋପାନରେ ପହଞ୍ଚାଇବାକୁ ସେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ୬୦ ହଜାର ମା'ମାନଙ୍କୁ ଏହି ସହାୟତା ମିଳିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୱାନ ପଞ୍ଚାୟତ, ୱାନ ପ୍ରଡକ୍ଟ ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ପଞ୍ଚାୟତ ଯଦି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଦ୍ରବ୍ୟ ଉତ୍ପାଦନ କରିପାରିବେ, ଏହା ବଜାର ପାଇଁ ସହାୟକ ହେବା ସାଙ୍ଗକୁ ପ୍ରତ୍ୟେକ ପଞ୍ଚାୟତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ। ମା'ମାନେ ଓଡ଼ିଶାର ଶିଳ୍ପ ବିକାଶରେ ନୂଆ ଇତିହାସ ସୃଷ୍ଟି କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ୫ ବର୍ଷରେ ମା'ମାନଙ୍କୁ ବିନା ସୁଧରେ ୫୦ ହଜାର କୋଟି ଟଙ୍କାର ଋଣ ଦିଆଯିବ। ଶିକ୍ଷା, ସାହିତ୍ୟ, ଶିଳ୍ପ, କୃଷି, ଭିତ୍ତିଭୂମି ପ୍ରଭୃତି କ୍ଷେତ୍ରରେ ବାଲେଶ୍ୱର ଆଗୁଆ। ଆଜିର ଏହି କାର୍ଯ୍ୟକ୍ରମ ବିକାଶର ଏହି ଧାରାକୁ ଆହୁରି ଆଗକୁ ନେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲାରେ ହୋଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ମେଡିକାଲ କଲେଜ ଠାରୁ ଆରମ୍ଭ କରି ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ କଲ୍ୟାଣ କାର୍ଯ୍ୟକ୍ରମ ସବୁ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ ହେଉଛି ବୋଲି ସେମାନେ କହିଥିଲେ। ▶▶ପୃଷ୍ଠା ୭

## ଇଡ୍‌କଲ୍ ଜିଏମ୍ ଗୟା ସାନ୍ତରା ଗିରଫ



ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଇଡ୍‌କଲ୍ ର କୋଟିପତି ଜଏଂଟ ମ୍ୟାନେଜର ଗୟା ସାନ୍ତରାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଭିଜିଲାନ୍ସ ଚଢାଉ ବେଳେ ତାଙ୍କ ନିକଟରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତି ଠାବ କରାଯାଇଛି। ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ଜେଠୱା ସୂଚନା ଦେଇ କହିଛନ୍ତି ୨୪ ଘଂଟା ଧରି ଭିଜିଲାନ୍ସ ସେଲରେ ଅଟକ ଥିବା ଗୟା ସାନ୍ତରାଙ୍କ ନାଁ ରେ ୧୩ଟି ପ୍ଲଟ ଓ ଫ୍ଲାଟ ଅଛି। ଏହାଛଡ଼ା ତାଙ୍କ ଘରୁ ନଗଦ କୋଟିଏ ୬ ଲକ୍ଷ ଟଙ୍କା ମିଳିଥିଲା।ତାଙ୍କ ଆକାଉଂଟରେ ରହିଛି ୪ କୋଟି ୧୯ ଲକ୍ଷ ଟଙ୍କା ଚଢ଼ାଉ ବେଳେ କେଜିଏ ସୁନା ଓ ୬ କେଜି ରୁପା ଜବତ ହୋଇଥିଲା। ତାଙ୍କ ସମ୍ପତିର ପରିମାଣ ଆହୁରି ବୃଦ୍ଧି ହେବା ନେଇ ଆଶଙ୍କା ରହିଛି। ପ୍ରକାଶ ଥାଉ କି, ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଭିଜିଲାନ୍ସର ୭ଟି ଟିମ୍ ମଙ୍ଗଳବାର ଭୁବନେଶ୍ୱର., ଯାଜପୁର, ନୟାଗଡ଼, କୋରାପୁଟ ସ୍ଥିତ ସାନ୍ତରାଙ୍କ ▶▶ପୃଷ୍ଠା ୭

## ଚୀନ ଭାରିଏଣ୍ଟରେ ଆତଙ୍କିତ ହୁଅନ୍ତୁ ନାହିଁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୨ ଡିସେମ୍ବର - ରାଜ୍ୟରେ କୋଭିଡ୍ ର ଚୀନ ଭାରିଏଂଟକୁ ଆତଙ୍କିତ ହେବାର ନାହିଁ। ଅନ୍ୟ ଦେଶରେ ବଢୁଛି, କିନ୍ତୁ ଆମର ସେଭଳି ସ୍ଥିତି ନାହିଁ। କିନ୍ତୁ ଭବିଷ୍ୟତରେ ଯେ ଆମର ବଢ଼ିବ ନାହିଁ ତାହା କହିବ ହେବନି। ତେଣୁ ଲକଡାଉନ ଓ ସଟଡାଉନରୁ ବର୍ତିବାକୁ ହେଲେ କୋଭିଡ ନିୟମ ମାନିବାକୁ ପଡିବ। ମାକ୍ସ ପିନ୍ଧିବା ଓ ସାମାଜିକ ଦୂରତା ପାଳନ କରିବାକୁ ହେବବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ସେ ଆହୁରି କହିଛନ୍ତି, ଭାରତରେ ଲୋକଙ୍କର ହାର୍ଡ ଇମ୍ୟୁନିଟି ଭଲ ଅଛି। ତେଣୁ ବେଶୀ ଆତଙ୍କିତ ନ ହୋଇ ସତର୍କ ରୁହନ୍ତୁ। ହକି ବିଶ୍ୱକପ ଓ ନୂଆ ବର୍ଷ ନେଇ ଆସନ୍ତା କାଲି ବୈଠକରେ ନିଷ୍ପତି ନିଆଯିବ। ତା ସହ କୋଭିଡ କଟକଣା ନେଇ ଯେଉଁ ଜରିମାନା ବ୍ୟବସ୍ଥା ରହିଥିଲା ସେ ନେଇ ବି ନିଷ୍ପତି ନିଆଯିବ।

## ରୁଷ ସହ ଯୁଦ୍ଧ ଭିତରେ ପ୍ରଥମ ଥର ଆମେରିକା ଗସ୍ତରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି



ନୂଆଦିଲ୍ଲୀ, ୨୨/୧୨ : ରୁଷ ସହ ଯୁଦ୍ଧ ଭିତରେ ପ୍ରଥମ ଥର ଆମେରିକା ଗସ୍ତରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ସାକ୍ଷାତ କରିଛନ୍ତି । ଜେଲେନ୍ସ୍କି କହିଛନ୍ତି କେବେବି ଆତ୍ମସମର୍ପଣ କରିବୁନି । ସମର୍ଥନ କରିଥିବାରୁ ସେ ଆମେରିକାକୁ ଧନ୍ୟବାଦ ଜଣାଇଛନ୍ତି । ସେପଟେ ଆମେରିକା ରାଷ୍ଟ୍ରପତି ପରୋକ୍ଷରେ ରୁଷକୁ ଟାର୍ଗେଟ୍ କରିଛନ୍ତି । ପ୍ରତିଶ୍ରୁତି ଦେଇ ବାଇଡେନ୍ କହିଛନ୍ତି, ୟୁକ୍ରେନ୍‌କୁ କଦାପି ଏକଟୁଆ ଛାଡିବୁନି । ଏହା ସହ ସହାୟତା ଘୋଷଣା କରିଛନ୍ତି ବାଇଡେନ୍ । ୟୁକ୍ରେନ୍ ପାଇଁ ୧ ଦଶମିକ ୮୫ ଆରବ ଡଲାର ସୈନ୍ୟ ସହାୟତା ଦେବା ପାଇଁ ବାଇଡେନ୍ ଘୋଷଣା କରିଛନ୍ତି । ଏହା ସହ ବାଇଡେନ୍ କହିଛନ୍ତି, ସେ ଚାହୁଁଛନ୍ତି ତୁରନ୍ତ ଯୁଦ୍ଧ ଶେଷ ହେଉ। ଏଥିପାଇଁ ଯାହା ଆବଶ୍ୟକ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବାଇଡେନ୍ ।

## କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ଲେଖିକା ଗାୟତ୍ରୀବାଳା ପଣ୍ଡା



ଭୁବନେଶ୍ୱର, ୨୨/୧୨ (ନି.ପ୍ର): କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯାଉଛନ୍ତି ଲେଖିକା ଗାୟତ୍ରୀ ବାଳା ପଣ୍ଡା । କବିତା ପୁସ୍ତକ ଦୟାନଦୀ ପାଇଁ ସମ୍ମାନଜନକ ସାହିତ୍ୟ ଏକାଡେମୀ ୨୦୨୨ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ସେ ଏକାଧାରରେ ଜଣେ କବି, ଲେଖିକା, ଏବଂ ଗାଳ୍ପିକା । ତାଙ୍କ ଲିଖିତ କବିତା ଗୁଡିକ ଭିତରେ ଆହତ ପ୍ରତିଶୃତି, ଅସ୍ପଷ୍ଟ ଈଶ୍ୱର, ଗାଁ, ଯେତିକି ଦିଶୁଛି ଆକାଶ, ଆଖି ନାହିଁ କାନ ନାହିଁ, ବାଘ ଆଦି ଅନ୍ୟନ୍ୟ । ସେହିପରି ବିର୍ସଜନ, ନିଜକୁ ନେଇ ସତ ଗପ ଆଦି ତାଙ୍କ ଲିଖିତ କ୍ଷୁଦ୍ର ଗଳ୍ପ ପାଠକ ବେଶ୍ ପସନ୍ଦ କରିଛନ୍ତି । ଗାୟତ୍ରୀବାଳା, ୧୯୭୭ ମସିହା ଅପ୍ରେଲ ୧୭ ତାରିଖରେ ଜଗତସିଂହପୁର ଜିଲ୍ଲାର ସାଦେଇପୁରଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଗୋଲକ ବିହାରୀ ପଣ୍ଡା ଓ ମାତାଙ୍କ ନାମ ଅରୁଣିମା ପଣ୍ଡା । ପିତା ଜଣେ ବ୍ୟାଙ୍କ କର୍ମଚାରୀ ଥିଲେ । ଗାୟତ୍ରୀବାଳା, ସାଦେଇପୁର, ବାଲିକୁଦା ଓ କଟକରେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିଥିଲେ । ବାପାଙ୍କ ଇଚ୍ଛାଥିଲା ଗାୟତ୍ରୀବାଳା ଡାକ୍ତର ହୁଅନ୍ତୁ, କିନ୍ତୁ ଝିଅର କଳାରେ ଆଗ୍ରହ ଦେଖି, ସେ ସେଦିଗରେ ତାଙ୍କୁ ପ୍ରୋତ୍ସାହିତ କରିଥିଲେ । ଗାୟତ୍ରୀବାଳା କଟକର ଶୈଳବାଳା ମହିଳା ମହାବିଦ୍ୟାଳୟରେ ପାଠ ପଢ଼ିଥିଲେ ଓ ଛାତ୍ର ସଂସଦର ଅଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ପାଠାଗାର ବିଜ୍ଞାନରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ସମଗ୍ର ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ପରେ ସେ ଭାରତୀୟ ଜନସଞ୍ଚାର ସଂସ୍ଥାନ, ଢେଙ୍କାନାଳରୁ ସାମ୍ବାଦିକତା ଓ ଗଣମାଧମରେ ଡିପ୍ଲୋମା ଓ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟରୁ ▶▶ପୃଷ୍ଠା ୭

## ବିକାନିର ଜମି ଦୁର୍ନୀତି ମାମଲାରେ ଭଦ୍ରାଙ୍କ ଆବେଦନକୁ ଖାରଜ କଲେ ରାଜସ୍ଥାନ ହାଇକୋର୍ଟ

ନୂଆଦିଲ୍ଲୀ, ୨୨/୧୨ : କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ବାଡ୍ରା ଓ ତାଙ୍କ ମା' ମୌରିନ ବାଡ୍ରାଙ୍କ ବଢ଼ିପାରେ ଅଡୁଆ । ଜମି କିଣାବିକା ସମ୍ବନ୍ଧିତ ମନି ଲଣ୍ଡ୍ରିଂ ମାମଲାକୁ ରଫାଦଫା କରିବା ଆବେଦନ ଖାରଜ କରିଛନ୍ତି ରାଜସ୍ଥାନ ହାଇକୋର୍ଟ । ଏହାସହ ଦୁଇ ସପ୍ତାହ ପର୍ଯ୍ୟନ୍ତ ବାଡ୍ରାଙ୍କ ଓ ତାଙ୍କ ସହ ଜମି ଦୁର୍ନୀତିରେ ସମ୍ପୃକ୍ତ ଅନ୍ୟମାନଙ୍କ ଗିରଫଦାରୀ ଉପରେ ରହିତାଦେଶ ଜାରି କରିଛନ୍ତି । ଏହାରି ଭିତରେ ଅଭିଯୋଗକାରୀ ପୁନର୍ବାର ଆବେଦନ ମଧ୍ୟ କରିପାରିବେ । ବିଚାରପତି ଡ. ପୁଷ୍ପେନ୍ଦ୍ର ସିଂ ଭାଟିଙ୍କ ଏକକ ଖଣ୍ଡପୀଠ ଉଭୟ ପକ୍ଷର ଆବେଦନର ଶୁଣାଣି କରିବା ପରେ ରାୟ ସଂରକ୍ଷିତ ରଖିଛନ୍ତି । ୨୦୦୮ରେ ବିକାନେରର କୋଲାୟତରେ ସରକାରୀ ଜମି କିଣାବିକାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଆସିଥିଲା । ସ୍କାଏଲାଇଟିଂ କମ୍ପାନୀର ଚେକରେ ଜଣେ ଡ୍ରାଇଭରଙ୍କ ନାଁରେ ଏହି ଜମି କିଣାଯାଇଥିଲା ଏବଂ ପରେ ଡ୍ରାଇଭର ଜଣକ ଉକ୍ତ ଜମିକୁ କମ୍ପାନୀକୁ ବିକ୍ରି କରିଦେଇଥିଲେ । ମାମଲା ସାମନାକୁ ଆସିବା ପରେ ଏଫଆଇଆର୍ ରୁଜୁ କରାଯାଇଥିଲା । ପରେ ଆଉ ୧୭ଟି ଏଫଆଇଆର୍ ରୁଜୁ ହେବା ପରେ ମାମଲା ସିବିଆଇକୁ ହସ୍ତାନ୍ତର ହୋଇଥିଲା । ମନି ଲଣ୍ଡରିଂ କଥା ସାମ୍ନାକୁ ଆସିବା ପରେ ଇଡି ସକ୍ରିୟ ହୋଇଥିଲା ଏବଂ ଇସିଆର ଦାଖଲ କରିଥିଲା।

## ସମ୍ପୂର୍ଣ୍ଣ ଛିଡ଼ି ଯାଇଥିବା ହାତ ଫେରିପାଇଲେ ଯୁବତୀ



ଭୁବନେଶ୍ୱର, ୨୨/୧୨ (ନି.ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଂଚଳର ଯୁବତୀ ବର୍ଷା ଦାସ(୨୫) ପୁଣି ଥରେ ସମ୍ପୂର୍ଣ୍ଣ ଛିଡ଼ି ଯାଇଥିବା ନିଜର ବାମ ହାତ ଫେରିପାଇଛନ୍ତି। ଏମ୍ସ ଭୁବନେଶ୍ୱର ଡାକ୍ତରଙ୍କ ଦ୍ୱାରା ଦୀର୍ଘ ୧୦ ଘଂଟାର କଠିନ ଅସ୍ତ୍ରୋପଚାର ପରେ ସଫଳତାର ସହିତ ଯୋଡ଼ା ହେଲା ସଂପୂର୍ଣ୍ଣ ଅଲଗା ହୋଇଯାଇଥିବା ବର୍ଷାଙ୍କ ବାମ ହାତ। ଚଳିତ ମାସ ୯ ତାରିଖ ରାତି ପ୍ରାୟ ୯ ଟା ସମୟରେ ଏମ୍ସ ଭୁବନେଶ୍ୱର ଜରୁରୀକାଳୀନ ବିଭାଗକୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଆସିଥିଲେ ଉକ୍ତ ଯୁବତୀ। ହସ୍ପିଟାଲ ଆସିବା ସମୟରେ ତାଙ୍କ ବାମ ହାତ ସମ୍ପୂର୍ଣ୍ଣ ଭାବରେ ଛିଡ଼ି ଯାଇଥିଲା। ଯୁବତୀଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ ଧାନ କୁଟା ମେସିନରେ କାମ କରୁଥିବା ବେଳେ ଅପରାହ୍ନ ▶▶ପୃଷ୍ଠା ୭

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଜୟପୁର, ୨୨/୧୨ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୀମାଂଚଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ନଳିନୀ ରଞ୍ଜନ ମିଶ୍ର, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିବା ସହିତ ସେମାନଙ୍କର ସର୍ବସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ ପ୍ରଭାତ କୁମାର ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପ୍ରାକ୍ତନ ସଂସ୍କୃତ ଶିକ୍ଷକ ସ୍ୱର୍ଗତ ଅନନ୍ତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ସୁପୁତ୍ର ନଳିନୀ ରଞ୍ଜନ ମିଶ୍ର ମାଟ୍ରିକ୍ ବୋର୍ଡ ପରୀକ୍ଷାର ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ମନୋଜ କୁମାର ପାଙ୍ଗୀଙ୍କୁ ୧୦୦୦ଟଙ୍କାର ଅର୍ଥ ରାଶୀ ପ୍ରୋତ୍ସାହନ ସ୍ୱରୂପ ପ୍ରଦାନ କରିଥିଲେ। ପରେପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା,ଶିକ୍ଷା ଓ ସହଶିକ୍ଷା କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ନରେଶ କୁମାର ଷଡଙ୍ଗୀ, ସୋମନାଥ ସାକିଆ, ହିତକର ଚରତି, ଏନ୍. ପଦ୍ମାବତୀ, ପ୍ରଭାତୀ ପାଣଗ୍ରାହୀ, କେ.ପ୍ରମିଳା ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁବର୍ଣ୍ଣ କୁମାରୀ ଖିଲ, ବନିତା ଶତପଥୀ,ରଶ୍ମିତା ନାହାକ, ସନ୍ତୋସିନୀ ପଣ୍ଡା, ଶୁଭସ୍ମିତା ସାହୁ, ବନିତା ପଣ୍ଡା ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱ ରଞ୍ଜନ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଚିତ୍ରକଳା ଶିକ୍ଷକ ପ୍ରଭାକର ମହାରଣା ବାଲୁକା କଳା ପ୍ରଦର୍ଶନ କରିଥିଲେ। ଶିକ୍ଷକ ତନବୀର ମହମ୍ମଦ, ଭଗବାନ ସାବତ,ସୁଜିତ୍ କୁମାର ନାୟକ, ଦେବେନ୍ଦ୍ର କୁମାର ପାଢ଼ୀ, କଲ୍ୟାଣୀ ନାୟକ, ସୁଚରିତା ପଟ୍ଟନାୟକ, ଦୁର୍ଗା ପ୍ରାସାଦ ପାତ୍ର, ସାଗରିକା ପାତ୍ର, ସୁଧା ପଟ୍ଟନାୟକ, ପପିତା ପ୍ରଧାନ, କାଳୀ ପ୍ରାସାଦ ମିଶ୍ର,ଏନ୍. ନାଗେଶ୍ୱର ରାଓ, ରଜନୀ କାନ୍ତ ଘଡ଼େଇ, ଏ. ମୁରଲୀ, ମହମ୍ମଦ ସରିଫ୍ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରବି -୨୦୨୨/ ୨୩ ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

ସୁବର୍ଣ୍ଣପୁର, ୨୨/୧୨ (ନି.ପ୍ର): ଜିଲ୍ଲାର ରବି ୨୦୨୨-୨୩ ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ କୃଷି ନୀତି ନିର୍ଧାରଣ କମିଟି ବୈଠକ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ନିଶି ପୁନମ ମିଞ୍ଜ ଅଧକ୍ଷତା କରି ଜିଲ୍ଲାର କୃଷି ଓ କୃଷକଙ୍କୁ ସଶକ୍ତକରଣ କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ କୃଷି ଓ କୃଷକ ଙ୍କ ନିମନ୍ତେ କୃଷି କଲ୍ୟାଣ କାର୍ଯ୍ୟକ୍ରମ କୁ ସଫଳ ଭାବରେ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାର କୃଷି ବିଭାଗର ବ୍ଲକ ସ୍ତରୀୟ କୃଷି ଅଧିକାରୀ ମାନେ ନିଜ ନିଜ ବ୍ଲକ ଅଂଚଳରେ କ୍ଷେତ୍ର ପରିଦର୍ଶନ ସହ ଚାଷୀଙ୍କୁ ଚାଷ ଉପଯୋଗୀ ପରାମର୍ଶ ଦେବାକୁ ସୂଚନା ପ୍ରଦାନ କରିଛନ୍ତି। ଚଳିତ ରବି ଋତୁ ଚାଷ କୁ ଧାର୍ଯ୍ୟ ମୁତାବକ ସଫଳ କରିବା ପାଇଁ କୃଷି ବିଭାଗ ଆବଶ୍ୟକ ମୁତାବକ ଅନ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ ରଖି କାର୍ଯ୍ୟ ସମ୍ପାଦନ କରିବାକୁ ସୂଚନା ଦିଆଯାଇଛି । ଏହା ଦ୍ୱାରା ଜିଲ୍ଲାର କୃଷି ଓ କୃଷକ ଉଭୟଙ୍କୁ ସମୃଦ୍ଧ କରାଯାଇପାରିବ ବୋଲି ଗୁରୁତ୍ୱାରୋପ କରାଯାଇଛି। ପୁନଶ୍ଚ ଜିଲ୍ଲାର ରବିଚାଷ ଉପଯୋଗୀ ଶତ ପ୍ରତିଶତ ଜମି ଯେପରି ଚାଷ ହୋଇପାରିବ ଓ ଚାଷୀମାନେ ଉପକୃତ ହେବେ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ବୈଠକରେ ପରାମର୍ଶ ଦିଆଯାଇଛି । ଆଜିର ଏହି ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଗୌରୀ ଶଙ୍କର ସିଂ ସ୍ୱାଗତ ବକ୍ତବ୍ୟ ଦେଇ ଜିଲ୍ଲା କୃଷି ବିଭାଗ ତରଫରୁ ଚଳିତ ରବି ୨୦୨୨-୨୩ ବର୍ଷ ନିମନ୍ତେ ନିଆଯାଇଥିବା ବିଭିନ୍ନ କୃଷି ରଣନୀତିକୁ ବୈଠକରେ ଉପସ୍ଥାପନା କରିଥିଲେ । ଏହି ପରିପ୍ରେକ୍ଷୀରେ ଚଳିତ ରବି ନିମନ୍ତେ ସମୁଦାୟ ୮୮୭୪୦ ହେକ୍ଟର ଜମି ବିଭିନ୍ନ ଚାଷ ଉପଯୋଗୀ ରହିଥିବା ବେଳେ ତନ୍ମଧ୍ୟରୁ ୩୩୧୧୦ ହେକ୍ଟର ଜମି ରେ ୧୮୧୧୪୫ ମେଟ୍ରିକ ଟନ ଧାନ,୧୧୦ ହେକ୍ଟର ଜମିରେ ୧୧୧ ମେଟ୍ରିକ ଟନ ଗହମ,୩୪୦ ହେକ୍ଟର ଜମିରେ ୭୮୨ ମେଟ୍ରିକ ଟନ ମକା ଉତ୍ପାଦନ ଲକ୍ଷ୍ୟ ରହିଥିବା ସୂଚନା ଦିଆଯାଇଛି । ସେହିପରି ଅଣ ଧାନ ଚାଷ ନିମନ୍ତେ ୩୫୧୮୦ ହେକ୍ଟର ଜମିରେ ଡାଲିଜାତୀୟ ଚାଷ କରାଯାଇ ୨୨୨୨୬ ମେଟ୍ରିକ ଟନ ଉତ୍ପାଦନ ଲକ୍ଷ୍ୟ ରହିଥିବା ସୂଚନା ଦିଆଯାଇଛି। ସେହିପରି ୬୬୨୦ ହେକ୍ଟର ଜମିରେ ତୈଳବୀଜ,୧୦୬୭୦ହେକ୍ଟର ଜମିରେ ପନିପରିବା,୨୬୮୦ ହେକ୍ଟର ଜମିରେ ମସଲା ଜାତୀୟ ଶସ୍ୟ, ଏବଂ ୩୦ ହେକ୍ଟର ଜମିରେ ଆଖୁ ଚାଷର ଲକ୍ଷ୍ୟ ରଖାଯାଇ ଯଥାକ୍ରମେ ୨୨୨୨୬ ମେଟ୍ରିକ ଟନ ଡାଲିଜାତୀୟ ଫସଲ,୫୮୭୦ ମେଟ୍ରିକ ଟନ ତୈଳ ବୀଜ,୧୦୯୫୮୭ ମେଟ୍ରିକ ଟନ ପନିପରିବା, ୪୪୬୭ ମେଟ୍ରିକ ଟନ ମସଲା ଜାତୀୟ ଶସ୍ୟ, ଓ ୩୭ ମେଟ୍ରିକ ଟନ ଆଖୁ ଉତ୍ପାଦନ ଲକ୍ଷ୍ୟ ରହିଥିବା ସୂଚନା ପ୍ରଦାନ କରାଯାଇଛି । ୨୦୨୨-୨୩ ରବି ଚାଷ ସମୟରେ ବୃହତ, ମଧ୍ୟମ, କ୍ଷୁଦ୍ର ଜଳ ସେଚନ ତଥା ଜିଲ୍ଲାର ଅନ୍ୟାନ୍ୟ ଜଳ ଉତ୍ସ ମାଧ୍ୟମରେ ୬୦୦୦୮ ହେକ୍ଟର ଜମିକୁ ଜଳସେଚନ ର ସୁବିଧା ରହିଥିବା ସୂଚନା ଦିଆଯାଇଛି । ଚଳିତ ବର୍ଷ ଜିଲ୍ଲାରେ ବିଭିନ୍ନ କିସମର ୫୫୬୮ କ୍ୟୁଇଂଟାଲ ଧାନ ବିହନ, ମୁଗ ୧୧୩ କୁଇଂଟାଲ, ବିରି ୩୮ କୁଇଂଟାଲ, ସୋରିଷ ୧୯.୬୦ କୁଇଂଟାଲ, ବାଦାମ ୩୧୮ କୁଇଂଟାଲ, ରାଶି ୦୪ କୁଇଂଟାଲ, ଗହମ ୦୭ କୁଇଂଟାଲ, ସୂର୍ଯ୍ୟ ମୁଖୀ ୦୨ କ୍ୱିଂଟାଲ ସହ ସର୍ବମୋଟ ଅଦ୍ୟାବଧି ୬୦୬୯.୬ କ୍ୱିଂଟାଲ ଚାଷୀଙ୍କୁ ପ୍ରଦାନ ନିମନ୍ତେ ମହଜୁଦ ରହିଥିବା ସୂଚନା ଦିଆଯାଇ ଜିଲ୍ଲାର ପ୍ୟାକ୍ସ ଏବଂ ପ୍ରାଇଭେଟ ଡିଲର ଜରିଆରେ କୃଷକମାନଙ୍କୁ ଯୋଗାଇବାର ବ୍ୟବସ୍ଥା ରହିଥିବା ସୂଚିତ କରାଯାଇଛି କ୍ଷ ପୁନଶ୍ଚ ବୈଠକରେ ଜିଲ୍ଲାର କୃଷି ଓ କୃଷକ ଙ୍କ ନିମନ୍ତେ ସମ୍ପୃକ୍ତ ବିଭିନ୍ନ ବିଭାଗତରଫରୁ ନିଆଯାଇଥିବା କୃଷି ସମ୍ବନ୍ଧୀୟ ଅନ୍ୟାନ୍ୟ ବିଶେଷ ଆଲୋଚନା କରାଯାଇଥିଲା। ଶେଷରେ ଏପିଡି ଆତ୍ମା ମିତାଳି ମଧୁମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ଥିକ ସାକ୍ଷରତା କ୍ୟାମ୍ପ ଓ ଡାକ ମେଳା

ଜୟପୁର , ୨୨/୧୨ (ନି.ପ୍ର): କୋରାପୁଟ ଜିଲ୍ଲାର ଜୟପୁର ବ୍ଲକର ବାଦାଜୀନା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଡଜୀଉନା ଗ୍ରାମରେ କୋରାପୁଟ ଡାକ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ମନୋଜ ପ୍ରଗଡା, ଆଇପିଏସ୍, ଏସଏସପିଓ, କୋରାପୁଟ ଡିଭିଜନ, ଜୟପୁର ବ୍ଲକ ଚେୟାରମ୍ୟାନ୍ ତିଲୋତମ୍ ମୁଦୁଲି, ଏବିଡିଓ ମୋନୋଜ ନାୟକ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସିଡିପିଓ, ଜୟ ପୁର, କ୍ଷୁଦ୍ର ସଞ୍ଚୟ ଅଧିକାରୀ, ଜୟପୁର ସବ ଡିଭିଜନ, ଧାନପୁର ଏବଂ କାଲିଆଗାଓଁ ଜିପି, ସରପଞ୍ଚ, ଧାନପୁର, ସରପଞ୍ଚ ବାଦଜୀନା , ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ, ମ୍ୟାନେଜର, ପି.ଡିନେଶ, ପୋଷ୍ଟର ଇନ୍ସପେକ୍ଟର, ଜୟପୋର ଉତ୍ତର ସବ ଡିଭିଜନ, ୩ ଜିପି ଗ୍ରାମବାସୀ - ବାଦାଜୁନା, କାଲିଗାଓଁ ଏବଂ ଧନପୁର ଏବଂ ଜେଇପୋର ବ୍ଲକର ଡାକ କର୍ମଚାରୀମାନେ ଏହି ଶିବିରରେ ଯୋଗ ଦେଇଥିଲେ। ବିଭିନ୍ନ ଉତ୍ପାଦ ବିକ୍ରୟ ପାଇଁ ଡାକ ବିଭାଗର ଷ୍ଟଲ୍ ମଧ ପରିସରରେ ସ୍ଥାପନ କରାଯାଇଥିଲା । ଏହି ଶିବିରର ମୂଳ ଉଦ୍ଦେଶ୍ୟ ହେଉଛି ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସହିତ ଡାକ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ଉତ୍ପାଦ ଏବଂ ନାଗରିକ କେନ୍ଦ୍ରିକ ସେବା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା।

# ବଲାଣି ଖଣିରେ ଭୟାଭୟ ଅଗ୍ନିକାଣ୍ଡ : ଲକ୍ଷଲକ୍ଷ ଟଙ୍କାର କ୍ଷୟକ୍ଷତି

ବଲାଣି, ୨୨/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଥିବା ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ୍)ର ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଓଡିଶା ଖଣି ସମୂହର ବଲାଣି ଲୌହ ଖଣିରେ ଗତ ମଙ୍ଗଳବାର ରାତିରେ ଭୟାଭୟ ଅଗ୍ନିକାଣ୍ଡ ଘଟି ଲକ୍ଷ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । ତେବେ ଭାଗ୍ୟବଶତଃ ଏହି ଘଟଣାରେ କେହି ହତାହାତ ହୋଇନଥିବା ସୂଚନା ରହିଛି । ସୂଚନାନୁସାରେ ମଙ୍ଗଳବାର ରାତି ପ୍ରାୟ ସାଢେ ଆଠଟା ଠାରୁ ନଅଟା ମଧ୍ୟରେ ବଲାଣି ଖଣିର ୬୦୦ ଟିପିଏଚ କ୍ରସରରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ତୃତୀୟ ସିଫ୍ଟ ରେ କର୍ମଚାରୀ ଓ ଠିକା କର୍ମଚାରୀ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିବା ବେଳେ କ୍ରସରର ତଳ ଭାଗରେ ହୁ ହୁ ହୋଇ ନିଆଁ ଜଳୁଥିବାର ଦେଖିଥିଲେ । କର୍ମଚାରୀ ମାନେ ସଙ୍ଗେ ସଙ୍ଗେ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେବା ସହିତ କ୍ରସର ନିକଟରେ ଥିବା ପାଇପ ଲାଇନ ସାହାଯ୍ୟରେ ନିଆଁକୁ ଆୟତ କରିବାରେ ଚେଷ୍ଟା କରିବା ସହିତ ଅଗ୍ନିଶମ ବିଭାଗର ଗୋଟିଏ ଦଳ ସହିତ ନିଆଁ କୁ ଆୟତ କରିବାରେ ସକ୍ଷମ ହୋଇଥିଲେ । ଘଟଣା ସ୍ଥଳରେ ପ୍ଲାଂଟ ବିଭାଗର ବିଭିନ୍ନ ଅଧିକାରୀ ସମେତ ଅନ୍ୟାନ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ହୋଇ ନିଆଁ କୁ ଆୟତ କରିବାରେ ସାହାଯ୍ୟ କରିଥିଲେ । ତେବେ ନିଆଁକୁ ଆୟତ କରିବା ବେଳକୁ ପ୍ଲାଂଟ ର ବିଭିନ୍ନ ଭାଗରେ ଅଗ୍ନି ବ୍ୟାପ୍ତ ହୋଇଯାଇଥିବା ଯୋଗୁଁ ଅନେକ କ୍ଷୟକ୍ଷତି ଘଟାଇଥିଲା। ପ୍ରାପ୍ତ ସୂଚନାନୁସାରେ ଏହି ଅଗ୍ନିକାଣ୍ଡରେ ଫିଡର ବେଲ୍ଟ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ , ରୋଲର, ପୁଲି ଲେଗିଙ୍ଗ ସହିତ ଅନ୍ୟାନ୍ୟ ଉପକରଣ ସମ୍ପୂର୍ଣ୍ଣ ଭାବରେ ଜଳି ଯାଅଛି । ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ସେ ନେଇ କିଛି ସ୍ପଷ୍ଟ ହୋଇନଥିବା ବେଳେ ବଲାଣି ଖଣି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି ।

# ବନ ସୁରକ୍ଷା ସମିତି ମାଧ୍ୟମରେ ଗ୍ରାମାଂଚଳ ପରିବାର ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ସହାୟତା

ବଲାଙ୍ଗିର , ୨୨/୧୨ (ନି.ପ୍ର): କାର୍ଯ୍ୟକ୍ରମର ମୂଳ ସ୍ଥାନକୁ ଯାଇ ବଲାଙ୍ଗୀର ବନ ବିଭାଗ ଏକ ଉନ୍ନତ ଜୀବିକା ପାଇଁ ଗ୍ରାମବାସୀଙ୍କ ପାଇଁ ଆୟ ଉପାର୍ଜନର ଦ୍ୱିଗୁଣିତ ଉଦ୍ଦେଶ୍ୟ ସହିତ ଏକ ଇମ୍ପ୍ରୋଭାଇଜେସନ୍ ଆରମ୍ଭ କରିଥିଲା ଏବଂ ଜଙ୍ଗଲ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ପାଇଁ ଏକ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା । ବିଭିନ୍ନ ଜଙ୍ଗଲ କାର୍ଯ୍ୟକଳାପରୁ କେବଳ ମାନବ ଶକ୍ତି ଉତ୍ପାଦନ ମାଧ୍ୟମରେ ଜୀବିକା ଯୋଗାଇବା ଦାରିଦ୍ର ସୀମାରେଖା ତଳେ ରହୁଥିବା ଲୋକଙ୍କ ସାମାଜିକ-ଅର୍ଥନୈତିକ ମାନ ବୃଦ୍ଧିରେ ନିଜର ସୀମିତତା ରହିଛି, ଯେଉଁଥି ପାଇଁ ବଲାଙ୍ଗୀର ବନ ବିଭାଗ ଏକ ବିକଳ୍ପ ଚିନ୍ତା କରି ୧୦୮ ଭିଏସଏସ କୁ ବିଭିନ୍ନ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିଛି। ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବିଭିନ୍ନ ବନ ସୁରକ୍ଷା ସମିତି ରେ ବିଭିନ୍ନ ଉପକରଣ ଯଥା ସିଲେଇ ମେସିନ୍ (୮୧ ଟି), ପେପର ପ୍ଲେଟ୍ ମେସିନ୍ (୧୪ଟି), ପଲ୍ସ ଗ୍ରାଇଣ୍ଡିଙ୍ଗ ମେସିନ୍ (୧୪ ଟି) , ଲଜିଷ୍ଟିକ୍ ଆଇଟମ୍ ର ସର୍ବୋଚ୍ଚ ଉପଯୋଗ ପାଇଁ ଆବଶ୍ୟକ ତାଲିମ ମଧ୍ୟ ଏହି କ୍ଷେତ୍ରରେ ସେମାନଙ୍କର ଦକ୍ଷତା ବୃଦ୍ଧିରେ ଉପଲବ୍ଧ ହୋଇଛି ।

# କୋବିର ଅଭାବୀ ବିକ୍ରିକୁ ନେଇ ଚାଷୀକୂଳ ହତାଶ

ଧର୍ମଶାଳା, ୨୨/୧୨ (ନି.ପ୍ର): ଯାଜପୁର ଜିଲାର ଅନେକ ଅଂଚଳ ପରିବା ଚାଷ ପାଇଁ ପ୍ରସିଦ୍ଧ । ଜିଲାର କୋଣ ଅନୁକୋଣକୁ ଏହି ପରିବା ଚାଲାଣ କରାଯାଇଥାଏ । ଶୀତ ଋତୁରେ କୋବି ଚାଷର ଚାହିଦା ରହିଥାଏ । ହେଲେ ଏବେ ଜିଲାରେ କୋବିର ଅଭାବୀ ବିକ୍ରିକୁ ନେଇ ଚାଷୀ କୂଳ ହତାଶ ହେବାକୁ ପଡୁଛି । ଯାଜପୁର ଜିଲା ରସୁଲପୁର ବ୍ଲକ ବାରବାଟୀ ପରିବା ମାର୍କେଟ୍ ଓଡିଶାର ପରିବା ଝୁଡିଭାବେ ବେଶ୍ ଜଣାଶୁଣା । ଏହି ପରିବା ମାର୍କେଟରେ ଦୈନିକ ପ୍ରାୟ ୨୦ ଗୋଟି ପଂଚାୟତର ଚାଷୀ ସେମାନଙ୍କର ଉତ୍ପାଦିତ ସାମଗ୍ରୀକୁ ଆଣି ବିକ୍ରି କରିଥାନ୍ତି । ଏଥି ସହିତ ବାହାର ରାଜ୍ୟର ଗାଡିଗାଡି ମାଲ ମଧ୍ୟ ଏଠାକୁ ଆସିଥାଏ । ଏହି ଅଂଚଳର ଶୀତ ଦିନିଆ ଫସଲଭାବେ ବିଭିନ୍ନ କିସମର କୋବି, ଟାମାଟର, ବାଇଗଣ, ବିନ୍ସ, ମଟର, ସାରୁ ସହ ବହୁ କିସମର ପରିବା ଚାଷ କରାଯାଇଥାଏ । ଏହି ଫସଲ କରିବା ପାଇଁ ଚାଷୀ ସାର, କୀଟନାଶକ ଔଷଧ, କଳଲଙ୍ଗଳ, ବିଭିନ୍ନ ପ୍ରକାରର ଖତ, ହାଇବ୍ରିଡ୍ ମଞ୍ଜି ଓ ବହୁ ଶ୍ରମ କରି ଚାଷ କାମ ଆରମ୍ଭ କରିଥାଏ । କେତେବେଳେ ପାଗ ଅନୁକୂଳ ହେବା ସହିତ ବଜାର ଦର ଠିକ୍ ରହିଲେ ଚାଷୀଟି ଋଣ ଶୁଝିବାରେ ବେଶ୍ ସହାୟକ ହୋଇଥାଏ । ପ୍ରତିକୂଳ ପାଗ ସାଂଗକୁ ,ବଜାରରେ ଚାହିଦା କମିଗଲେ ଚାଷୀ ଆର୍ଥିକ କ୍ଷତି ସହିଥାଏ । ବାରବାଟୀ ବଜାରରେ କୋବିର ଅଭାବୀ ବିକ୍ରି ଯୋଗୁଁ ଶାଗମାଛ ଦରରେ ଚାଷୀଟି ତାର ଉତ୍ପାଦିତ ସାମଗ୍ରୀକୁ ବିକୁଛି । ଗୋଟେ କୋବି ଗଛରେ ହାରାହାରି ୩ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥାଏ । ଗାଡି ଭଡା, ପ୍ୟାକେଟ କଣିବା ସହ କୋବି ବିଲରୁ କାଟିବା, ଓ ମଜୁରୀକୁ ହିସାବ କଲେ ପ୍ରାୟ ପାଖାପାଖି ୫ଟଙ୍କା ଖର୍ଚ୍ଚ ହେଉଛି । ଏବେ ଗୋଟେ ପ୍ୟାକେଟରେ ୨୦ରୁ ୨୫ଟି କୋବିକୁ ୭୦ରୁ ଶହେ ଟଙ୍କାରେ ବଜାରରେ ବିକ୍ରି ହେଉଛି । ଯାହା ଫଳରେ ଚାଷୀ ବହୁତ କ୍ଷତିର ସମ୍ମୁଖୀନ ହେଉଛି । ବାରବାଟୀ ଅଂଚଳରେ ବହୁତ ଦିନରୁ ଶୀତଳଭଣ୍ଡାର ପାଇଁ ଦାବି କରାଯାଉଥିଲେ ମଧ୍ୟ ଅଦ୍ୟବଧି ଏହାର ଦାବି ପୂରଣ ହୋଇ ପାରିନାହିଁ । କୋବିର ଚାହିଦା କମିଗଲେ କୋବି ପଚିଯିବା ଭୟରେ କମ୍ ଦରରେ ଏହାକୁ ବିକ୍ରୀ କରିଥାଏ । ଏବେ ଚାହିଦା କମି ଯିବାରୁ କୋବିକୁ କେହି ପଚାରୁ ନାହାନ୍ତି । ଫଳରେ ଚାଷୀ ବ୍ୟାପକ କ୍ଷତି ସହିବାରୁ ଆଗକୁ କିପରି ପରିବାର ଚଳିବ ତାହାକୁ ନେଇ ଏବେ ଚିନ୍ତିତ ଥିବା ଜଣାପଡିଛି ।

# କୁଡୁମୁଲୁଗୁମ୍ମା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଉଦ୍‌ଘାଟିତ

ମାଲକାନଗିରି , ୨୨/୧୨ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ୭ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିରର ଶୁଭାରମ୍ଭ ହୋଇଯାଇଛି। ଏହି ସେବା ସପ୍ତାହ ଆଜି ଠାରୁ ( ୨୧ ତାରିଖରୁ ୨୭ ତାରିଖ ) ପର୍ଯ୍ୟନ୍ତ କୁଡୁମୁଲୁଗୁମ୍ମା ଗ୍ରାମ ପଂଚାୟତର ଦଣ୍ଡସେନାଗୁଡ଼ା ଗ୍ରାମରେ ମହାବିଦ୍ୟାଳୟର ୫୦ ଜଣ ଏନ ଏସ ଏସ ଛାତ୍ର ଛାତ୍ରୀ ସେବା ସପ୍ତାହ ପାଳନ ଅବସରରେ ଯୋଗଦେବେ । ସର୍ବପ୍ରଥମେ କାର୍ଯ୍ୟକ୍ରମ ଆରମ୍ଭ ରେ ଠାକୁର ଜଗନ୍ନାଥଙ୍କ ତୈଳଚିତ୍ର କୁ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରାଯାଇଥିଲା, ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ସମାଜସେବୀ ଭଗବାନ ସାହୁ ଯୋଗ ଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ସଞ୍ଜିତା ଖୋସଲା, ବରିଷ୍ଠ ଇତିହାସ ଅଧାପିକା ମଧୁମିତା ବିଶ୍ୱାଳ, କନିଷ୍ଠ ଅଧାପିକା ଏଭିନା ବେହେରା, ରାଜନୀତି ବିଜ୍ଞାନ ଅଧାପକ ଜନ୍ କୋରା, ଇଂରାଜୀ ଅଧାପକ ବିଶ୍ୱଜିତ୍ ମହାନ୍ତି, ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟିର ସଦସ୍ୟ ବିଦ୍ୟାଧର ସାହାଣୀ ଓ ପୂର୍ବତନ ଛାତ୍ର ତଥା ସାମ୍ବାଦିକ ଜ୍ୟୋତି ରଞ୍ଜନ ବେହେରାଙ୍କ ସମେତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଶ୍ରୀ ସାହୁ କହିଥିଲେ ଯେ କୌଣସି କାର୍ଯ୍ୟ ଛୋଟ ହେଉ କି ବଡ ହେଉ ଯଦି ମନରେ ସଦିଚ୍ଛା, ତ୍ୟାଗ ଓ ସେବା ଭାବନା ସହ କରାଯାଏ ନିଶ୍ଚିତ ଭାବରେ ଏହା, ଏକ ଉଚ୍ଚକୋଟୀ ମାନବତାର ପ୍ରତୀକ ଭାବେ ସର୍ବସ୍ତରରେ ଗ୍ରହଣୀୟ ହୋଇପାରିବ । କାର୍ଯ୍ୟକ୍ରମ ଶେଷରେ ଇତିହାସ ବରିଷ୍ଠ ଅଧାପିକା ମଧୁମିତା ବିଶ୍ୱାଳ ସମସ୍ତ ଅତିଥି ଓ ଛାତ୍ରଛାତ୍ରୀ ମାନଙ୍କୁ, ଏହି ମହାନ ସେବା ଅଭିଯାନ ର ଅଂଶ ବିଶେଷ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମମତା ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୨୨/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାରେ ଆଇଟିସି ମିଶନ ସୁନେହରାକଲ ସହଯୋଗରେ ମମତା ମାତୃ ଓ ଶିଶୁ ସ୍ୱାସ୍ଥ ସଂଗଠନ ପକ୍ଷ୍ୟରୁ ଗୋଷ୍ଠୀ ଭିତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ବ୍ଲକ କାର୍ଯ୍ୟାଳୟ ପରିସରେ ଏକ ବୈଠକ ଅନୁଷ୍ଠିତ କରାଯାଇ ସ୍ଥାନୀୟ ଅଂଚଳରେ ଥିବା ଯୁବବର୍ଗ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା, ବିଭିନ୍ନ କ୍ଲବ, ସଂଘର ସଦସ୍ୟ ଓ ଏନଜିଓ କର୍ମୀମାନଙ୍କୁ ନେଇ ଗ୍ରାମାଂଚଳରେ ମାତୃ ଓ ଶିଶୁ ସ୍ୱାସ୍ଥର ସ୍ଥିତି, ଲୋକ ସ୍ୱାସ୍ଥ୍ୟ ସମୃଦ୍ଧି କ୍ଷେତ୍ରରେ ଗୋଷ୍ଠୀ ସମୁଦାୟଙ୍କ ଅବଦାନ ଓ ଏନଜିଓ କର୍ମୀଙ୍କ ଦାୟିତ୍ୱ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ମୁଖ୍ୟତଃ ଗ୍ରାମାଂଚଳରେ ସ୍ୱାସ୍ଥ୍ୟ, ପରିମଳ ସୁଧାର ସହ ଅପପୁଷ୍ଟି ଦୂରୀକରଣ ପାଇଁ ଲୋକଙ୍କ ବ୍ୟବହାରିକ ପରିବର୍ତନର ଆବଶ୍ୟକତା ନେଇ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଡିଆ ବିଡିଓ ଦାୟିତ୍ୱରେ ଥିବା କାର୍ତ୍ତିକ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ସାଂସଦ ପ୍ରତିନିଧି ଚୀନାମ ରାବିଡ଼ି କୁମାର, ସ୍ୱେଚ୍ଛାସେବୀ ଏମଡି ଫାରୁକ୍, ପଡିଆ ଆଂଚଳିକ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ପଡିଆ ବ୍ଲକ ଓଡିଶା ଜିବିକା ମିଶନର ଅନୁପ କୁମାର ମିଶ୍ର, ଡଃ ଅନୁପ କୁମାର ପରିଡା ଓ ମମତା ମାତୃ ଓ ଶିଶୁ ସ୍ୱାସ୍ଥ ସଂଗଠନର ରାଜ୍ୟ ମୁଖ୍ୟ ଡଃ ସୁରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡଃ ପରିଡା ଗ୍ରାମାଂଚଳରେ ଉପଲବ୍ଧ ବୃକ୍ଷଲତାକୁ କିଭଳି ଔଷଧ ଭାବେ ବ୍ୟବହାର କରାଯିବ ସେ ନେଇ ଆଲୋଚନା କରିଥିବା ବେଳେ ଡଃ ଜେନା ମାତୃ ଓ ଶିଶୁ ସ୍ୱାସ୍ଥ କୁ ସୁଦୃଢ଼ ପାଇଁ କରାଯିବାକୁ ଥିବା ବିଭିନ୍ନ ପ୍ରୟାସ ବାବଦରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅମିତ୍ କୁମାର ନମଦାସ, ସୁକାନ୍ତୀ ଲିମା ପ୍ରମୁଖ ଉପସ୍ଥିତ ଥିବା ବେଳେ ଝିଲି ସିଲ୍, ଗୋବିନ୍ଦ ସରଦାର, ରାଜେଶ କୁମାର ଓଝା, ପୂଜା ଚକ୍ରବର୍ତୀ, ନୟାମୀ ଖରା, ତୁଳସୀ ମୁର୍ମୁ, କୋପୁରା ସୋରେନ, ସୀତା ଓ ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଭାରତୀ ବିଦ୍ୟା ମନ୍ଦିରରେ କ୍ରୀଡା ଉତ୍ସବ

କେନ୍ଦ୍ରାପଡ଼ା, ୨୨/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ କଜଳା ଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାରତୀ ବିଦ୍ୟା ମନ୍ଦିରର ୨୭ ତମ ବାର୍ଷିକ କ୍ରୀଡା ଉତ୍ସବ ମହା ଆଡମ୍ବରରେ ପାଳନ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ବରିଷ୍ଠ ଆଇନଜୀବି ତଥା ସାଧାରଣ ସଂପାଦକ ଶାନ୍ତି ସ୍ୱରୂପ ଭୂୟାଁ ସମ୍ମାନିତ ଅତିଥି, ସଭାପତି ଅଶ୍ୱିନୀ କୁମାର ସାହୁ, କୋଷାଧକ୍ଷ ପ୍ରଣତୀ ବିଶ୍ୱାଳ ପ୍ରମୁଖ ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡାର ଉପକାରିତା ସଂପର୍କରେ ବକ୍ତବ୍ୟ ରଖିଥିଲେ ।

## ନ୍ୟାୟ ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ଦମ୍ପତି

କୋରାଇ, ୨୨/୧୨ (ନି.ପ୍ର): ଯାଜପୁର ସଦର ଥାନା ଅନ୍ତର୍ଗତ ବଡ଼ବାଗସାହି ଗ୍ରାମର ଜମିଜମା ବିବାଦକୁ ନେଇ ଜୈନିକ ଦମ୍ପତିଙ୍କୁ ପଡ଼ୋଶୀ ଆକ୍ରମଣ କରିବାରୁ ଆଜି ନ୍ୟାୟ ପାଇଁ ଦମ୍ପତି ପାଣିକୋଇଲିସ୍ଥିତ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ପ୍ରକାଶ ଯେ ବଡ଼ବାଘସାହି ଗ୍ରାମର ଗଦାଧର ସେଠୀଙ୍କ ସହ ପଡ଼ୋଶୀଙ୍କ ଜମିଜମାକୁ ନେଇ ଏକ ମାମଲା ଅଦାଲତରେ ଚାଲୁରହିଛି। ଗତ ୧୨ ତାରିଖ ମାମଲା ଚାଲୁଥିବା ଜମିରେ ଥିବା ଏକ ବାଉଁଶ ବୁଦାରେ ପ୍ରତିପକ୍ଷ ନିଆଁ ଲଗାଇ ଦେଇଥିଲେ । ଗଦାଧର ଏହାର ପ୍ରତିବାଦ କରିବାରୁ ପ୍ରତିପକ୍ଷ ଗଦାଧରଙ୍କୁ ମାଡ ମାରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ । ଏହା ପରେ ଗଦାଧର ଯାଜପୁର ସଦର ଥାନାରେ ଅଭିଯୋଗ କରିବା ଜାଣି ପୁନଃଶ୍ଚ ଅଭିଯୁକ୍ତ ମାନେ ତାଙ୍କ ପତ୍ନୀ ଓ ମାଙ୍କୁ ମାଡ ମାରିଥିଲେ ।

# ଧର୍ମଶାଳା ବିଧାୟକଙ୍କ ଉନ୍ନୟନ କମିଟି ସମୀକ୍ଷା ବୈଠକ

ଧର୍ମଶାଳା, ୨୨/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସଭାପତିତ୍ୱରେ ଧର୍ମଶାଳା ପଂଚାୟତ ସମିତି ସଭା ଗୃହରେ ଯାଜପୁର ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଖଣିଜ ଦ୍ରବ୍ୟର ଚୋରା ଚାଲାଣକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏହାକୁ ପ୍ରତିହତ କରିବାପାଇଁ ଧର୍ମଶାଳା ବିଧାୟକ ସମସ୍ତ ପ୍ରଶାସନ ଅଧିକାରୀମାନଙ୍କୁ ନେଇ ଉକ୍ତ ବୈଠକରେ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକରେ ଥିବା ଖଣିଜ ଦ୍ରବ୍ୟ ବାଲି, ଚିପ୍ସ, ପଥରର ଚୋରା ଚାଲାଣକୁ ରୋକିବା ପାଇଁ ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ୍, ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଧର୍ମଶାଳା ଅତିରିକ୍ତ ବିଡିଓ, ରସୁଲପୁର ଅତିରିକ୍ତ ବିଡିଓ, ତହସିଲଦାର ଧର୍ମଶାଳା, ତହସିଲଦାର ରସୁଲପୁରଙ୍କ ସମେତ ଜିଲାର ସମସ୍ତ ପ୍ରଶାସନ ଅଧିକାରୀ ଯୋଗଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ । ଯେଉଁମାନେ ଚୋରାରେ ଖଣିଜ ଦ୍ରବ୍ୟ ଲୁଟ କରିବା ପାଇଁ ପ୍ରୟାସ କରୁଛନ୍ତି ସେମାନଙ୍କ ପ୍ରତି ପ୍ରଶାସନ ଅଧିକାରୀ ବହୁ ପରିମାଣରେ ଅର୍ଥ ଜୋରିମାନା କରିବା ସହିତ ସେମାନଙ୍କ ଉପରେ ମକଦ୍ଦମା ରୁଜୁ କରି ଆଇନଗତ ଭାବେ ଦଣ୍ଡିତ କରିବାପାଇଁ ଉକ୍ତ ବୈଠକରେ ନିଷ୍ପତି ନିଆଯାଇଥିଲା । ଶିକ୍ଷା କ୍ଷେତ୍ରରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ଏବଂ ବିଦ୍ୟାଳୟର ଭିତିଭୂମି ବିକାଶ ନିମନ୍ତେ ଆଲୋଚନା କରାଯାଇ ଥିଲା । ସେହିପରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଡାକ୍ତର ପଦବୀ ପୂରଣ ନିମନ୍ତେ ବୈଠକରେ ଉପସ୍ଥିତ ଥିବା ଜିଲା ସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଅଧିକାରୀ ୭ ଦିନ ମଧ୍ୟରେ ଏହାର ସମାଧାନ କରିବେ ବୋଲି ବୈଠକରେ ପ୍ରତିଶୃତି ଦେଇଛନ୍ତି । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମଧୁବାବୁ ପେନସନ ଯୋଜନା, ଖାଉଟି ସୁରକ୍ଷା, କ୍ରୀଡା, କୃଷି, ଗ୍ରାମ୍ୟ ଉନ୍ନୟନ, ମେଗା ପାଇପ ଯୋଗେ ଜଳ ଯୋଗାଣର ଅଗ୍ରଗତି, ବିଦ୍ୟୁତ୍ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହିତ ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବାରବାଟୀଠାରେ ଏକ ଶୀତଳ ଭଣ୍ଡାର କରିବା ପାଇଁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା, ସେହି କାର୍ଯ୍ୟର କ'ଣ ଅଗ୍ରଗତି ହୋଇଛି ବିଧାୟକ ପ୍ରଶ୍ନ କରିଥିଲେ।

# ଶ୍ରୀ ବଳଦେବଜୀୟୁଙ୍କ ୱେବ୍ ସାଇଟ୍ ଉନ୍ମୋଚନ

କେନ୍ଦ୍ରାପଡ଼ା, ୨୨/୧୨ (ନି.ପ୍ର): କେନ୍ଦ୍ରାପଡାର ଆରାଧ ଦେବ ତଥା ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀୟୁଙ୍କ ୱେବ୍ ସାଇଟ୍ ବୁଧବାର ଉନ୍ମୋଚିତ ହୋଇ ଯାଇଛି । ରଥଦାଣ୍ଡରେ ଥିବା ଯାତ୍ରୀ ନିବାସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରରେ ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୱେବ୍ ସାଇଟ୍ କୁ ଉନ୍ମୋଚନ କରିବା ସହ ଏହି ୱେବ୍ ସାଇଟ୍ ଜରିଆରେ ସମଗ୍ର ବିଶ୍ୱରେ ଶ୍ରୀ ବଳଦେବଜୀୟୁ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ ବେଲି ମତବ୍ୟକ୍ତି କରିଥିଲେ । କାର୍ଯ୍ୟକ୍ରମରେ ପୌରାଧକ୍ଷା ସରିତା ସାହୁ, ସେବାୟତ ଟ୍ରଷ୍ଟି ବଳରାମ ସୁଆର ଅନ୍ୟତନ ଅତିଥି ଭାବେ ଯୋଗ ଦେଇ ମନ୍ଦିରର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ସେବାୟତ, ବୁଦ୍ଧିଜୀବି ଓ ସ୍ଥାନୀୟ ଜନ ସାଧାରଣ ଅଂଶଗ୍ରହଣ କରିଥିଲେ ।

# ଏହି ଅକ୍ଷରର ମହିଳା ମାନଙ୍କୁ ଜୀବନ ସାଥି କରିବା ପରେ ଚମକି ଉଠେ ଆପଣଙ୍କ ଭାଗ୍ୟ: ଭାଗ୍ୟଶାଳୀ ହୁଅନ୍ତି ପୁରୁଷ

**ଭାଗ୍ୟଶାଳୀ ନାମ: ସମସ୍ତେ ସଫଳ ହେବାକୁ ଚାହାଁନ୍ତି । ଅନେକ ଲୋକ ଏଥିପାଇଁ ବହୁତ ପରିଶ୍ରମ କରନ୍ତି । ତଥାପି, ଭାଗ୍ୟର ଅଭାବ ହେତୁ ସେ ସଫଳତା ହାସଲ କରିବାକୁ ସକ୍ଷମ ନୁହଁନ୍ତି, କିନ୍ତୁ ବିବାହ ପରେ ହଠାତ୍ ତାଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବାକୁ ଲାଗେ । ଯେତେବେଳେ ଭାଗ୍ୟର ଦ୍ୱାର ଖୋଲିଯାଏ, ସେମାନେ ସଫଳତାର ସିଢ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ସମୟରେ, ଜୀବନ ସାଥୀ ମଧ୍ୟ ବହୁତ ସମର୍ଥନ ପାଇଥାଏ । ଜ୍ୟୋତିଷ ଶାସ୍ତ୍ରରେ ଏପରି ଲୋକମାନଙ୍କ ବିଷୟରେ କୁହାଯାଇଛି । ଏପରି ପରିସ୍ଥିତିରେ, ଆଜି ଆମେ ଜାଣିବା ଯେ ବିବାହ ପରେ କେଉଁ ଲୋକଙ୍କ ଭାଗ୍ୟ ଖୋଲି ଥାଏ ।**




ଅକ୍ଷର ଏଫ : ଯେଉଁମାନଙ୍କର ନାମ ଏଫ ଅକ୍ଷରରୁ ଆରମ୍ଭ ହୁଏ ସେମାନଙ୍କ ଭାଗ୍ୟ ମଧ ବିବାହ ପରେ ହିଁ ଖୋଲିବା ଆରମ୍ଭ ହୁଏ । ଏପରି ଲୋକମାନେ କଠିନ ପରିଶ୍ରମ ଆଧାରରେ ବିବାହ ପରେ ବହୁତ ଟଙ୍କା ରୋଜଗାର କରନ୍ତି । ସେମାନଙ୍କର ଜୀବନରେ କିଛି ଅଭାବ ଆସେ ନାହିଁ । ଏହି ଅକ୍ଷର ଲୋକମାନଙ୍କର ପତି-ପତ୍ନୀ ବହୁତ ଭାଗ୍ୟବାନ ହେଇଥାନ୍ତି ।

ଅକ୍ଷର ଏଚ: ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ବିବାହ ପରେ ଏହିପରି ଲୋକଙ୍କ ଭାଗ୍ୟ ବଦଳିଥାଏ, ଯାହାର ନାମ ଏଚ୍ ଅକ୍ଷରରୁ ଆରମ୍ଭ ହୋଇଥାଏ । ଏହିପରି ଲୋକମାନେ ହଠାତ୍ ବିବାହ ପରେ ସଫଳତାର ସିଢ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ଲୋକମାନେ ମଧ ନିଜ ଜୀବନସାଥୀଙ୍କଠାରୁ ବହୁତ ସହଯୋଗ ସମର୍ଥନ ପାଆନ୍ତି ।

ଅକ୍ଷର ଏମ : ଯେଉଁମାନଙ୍କର ନାମର ପ୍ରଥମ ଅକ୍ଷର ହେଉଛି ଏମ ସେମାନଙ୍କ ବିବାହ ପରେ ଭାଗ୍ୟ ଉଜ୍ଜ୍ୱଳ ହୋଇଥାଏ । ବିବାହ ପୂର୍ବରୁ କଠିନ ପରିଶ୍ରମ ପରେ ମଧ ସେମାନେ ଫଳାଫଳ ପାଆନ୍ତି ନାହିଁ, ବିବାହ ପରେ ସେମାନେ କଠିନ ପରିଶ୍ରମର ଫଳ ପାଇବା ଆରମ୍ଭ କରନ୍ତି । ବିବାହ ପରେ ସେମାନେ ସମାଜରେ ଏକ ଭଲ ପ୍ରତିଷ୍ଠା ପାଆନ୍ତି ।

ଅକ୍ଷର ପି : ପି ଅକ୍ଷରରୁ ଆରମ୍ଭ ହୋଇଥିବା ନାମ, ଯେଉଁମାନେ ବିବାହ ପୂର୍ବରୁ ସଂଘର୍ଷ କରନ୍ତି, କିନ୍ତୁ ବିବାହ ପରେ ସେମାନଙ୍କର ଶୋଇ ରହିଥିବା ଭାଗ୍ୟ ଜାଗ୍ରତ ହୁଏ । ଜୀବନ ସାଥୀଙ୍କ ସହ ଭଲ ଦିନ ଆରମ୍ଭ ହୁଏ । ବିବାହ ପରେ, ଏହି ଲୋକମାନେ ଜୀବନରେ ବହୁତ ଅଗ୍ରଗତି କରନ୍ତି ।



# ବାଇପୋଲାର୍ ଡିଜ୍‌ଅର୍ଡର୍ ଦୂର୍ କରେ ଯୋଗ



ବାଇପୋଲାର ଡିଜ୍‌ଅର୍ଡର ସମସ୍ୟାକୁ ଯୋଗ ଦ୍ୱାରା ଦୂର କରାଯାଇ ପାରିବ । ବାଇପୋଲାର ଡିଜ୍‌ଅର୍ଡର ହେଉଛି ଏକ ମାନସିକ ବିକାର ପ୍ରକ୍ରିୟା । ମାନସିକ ଚାପ ତଥା ମାନସିକ ବ୍ୟତିକ୍ରମ ଦେଇ ଗତି କରୁଥିବା ବ୍ୟକ୍ତିଙ୍କୁ ବାଇପୋଲାର ଡିଜ୍‌ଅର୍ଡର ରୋଗୀ ବୋଲି କୁହାଯାଏ । ତେବେ ଏହି ରୋଗୀକୁ ବିନା ଖର୍ଚ୍ଚରେ ଯୋଗବିଦ୍ୟା ଦ୍ୱାରା ଦୂର କରାଯାଇପାରିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଏଭଳି ବିକାରଗ୍ରସ୍ତ ବ୍ୟକ୍ତି ନିତିଦିନ ଯୋଗ କଲେ ସେମାନଙ୍କ ଭାବାତ୍ମକ, ଶାରୀରିକ ବିକାଶ ଘଟିଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଏପରିକି ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିଛି ଏବଂ ଜୀବନ ପରିବର୍ତ୍ତନ ହୋଇଚି ବୋଲି କିଛି ବାଇପୋଲାର ଡିଜ୍‌ଅର୍ଡର ବ୍ୟକ୍ତି ମତାମତ ଦେଇଛନ୍ତି । ଏ ସମ୍ପର୍କରେ ବ୍ରାଉନ୍ ବିଶ୍ୱବିଦ୍ୟାଳୟ ଏବଂ ବଟ୍‌ଏର୍ ଡାକ୍ତରଖାନାର ଡାକ୍ତର ଲିସା ଏ. ଉପଚାର ଲାଗି ଯୋଗ ଅଭ୍ୟାସ କରୁଥିବା ୧୦୯ ଜଣଙ୍କୁ ନେଇ ବୈଜ୍ଞାନିକମାନେ ଏକ ପରୀକ୍ଷଣ କରି ଏହାର ପରିଣାମ ପରେ ଉପରୋକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଏହି ବ୍ୟକ୍ତିମାନେ ବାଇପୋଲାର ଡିଜ୍‌ଅର୍ଡରରୁ ମୁକ୍ତିପାଇବା ଲାଗି ଦୀର୍ଘ ୬ ବର୍ଷ ହେଲା ସପ୍ତାହରେ ୨ ଦିନ ଲେଖାଏ ଯୋଗ କରି ଆସୁଥିଲେ । ଏଭଳି ବ୍ୟକ୍ତିଙ୍କୁ ନେଇ ଏକ ଅନ୍‌ଲାଇନ୍ ସର୍ଭେ କରାଯାଇଥିଲା । ଏହି ସର୍ଭେରେ ରୋଗର ଲକ୍ଷଣ ସମ୍ପର୍କରେ ସେମାନଙ୍କୁ ପ୍ରଶ୍ନ କରାଯାଇଥିଲା । ସେମାନଙ୍କ ବ୍ୟବହାର ଏବଂ ମାନସିକ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ଭିଡିଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ ମଧ କରାଯାଇଥିଲା । ସେଥିରୁ ଜଣାପଡ଼ିଥିଲା ଯେ, ରୋଗୀଙ୍କ ମଧ୍ୟରୁ ୮୬ଜଣ ବ୍ୟକ୍ତି ଉପଯୋଗୀ ତଥ୍ୟ ଦେଇଥିବା ବେଳେ ୭୦ ଜଣଙ୍କ ନିକଟରେ ସକାରାତ୍ମକ ପରିଣାମ ଦେଖିବାକୁ ମିଳିଥିଲା । ସପ୍ତାହରେ ଦୁଇଦିନ ଲେଖାଏ ଯୋଗ କରିବା ଦ୍ୱାରା ସେମାନଙ୍କର ମାନସିକ ବିକାରଗ୍ରସ୍ତତା ଅପେକ୍ଷାକୃତ କମ୍ ହେବା ସହ ମାନସିକ ବିକାଶ ଘଟିଥିଲା । ସେହିପରି ଦୁଇତୃତୀୟାଂଶ ଲୋକ କହିଥିଲେ ଯେ, ଜୀବନରେ ନମନୀୟତା ଆଣିବା ସହ ମାନସିକ ଚାପ ଓ ଚିନ୍ତା ଦୂରକରିବା ଲାଗି ସେମାନେ ଯୋଗ କରିଥାନ୍ତି ।

# ଅଳସୀ

ଅଣ-ଜଳସେଚିତ ଜମିରେ ଅଳସୀ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ଓଡ଼ିଶାର ଜଳବାୟୁ ପାଇଁ ଦେଓମାଳି ଓ ଆଇଜିପି ୭୬ କିସମ ଉପଯୁକ୍ତ । ଏକର୍ ପ୍ରତି ଚାରି କିଗ୍ରା ବିହନ ଆବଶ୍ୟକ । ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ, ବିଶୋଧିତ କରି ବୁଣନ୍ତୁ । ଏକ କିଗ୍ରା ବିହନକୁ ତିନି ଗ୍ରାମ ଥିରାମ କିମ୍ବା ଦୁଇ ଗ୍ରାମ କାର୍ବେଣ୍ଡାଜିମ୍ ମିଶାଇ ବିଶୋଧନ କରନ୍ତୁ । ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ । ଶେଷ ଓଡ଼ ଚାଷ ସମୟରେ ଏକର୍ ପ୍ରତି ଆଠ କିଗ୍ରା ଲେଖାଏଁ ଯବକ୍ଷାରଜାନ, ଫସଫରସ ଓ ପଟାସ ମୂଳ ସାର ଭାବେ ଦିଅନ୍ତୁ । ଧାଡ଼ି ମଧ୍ୟରେ ତିରିଶ ସେମି ଏବଂ ଗଛ ମଧ୍ୟରେ ଦଶ ସେମି ବ୍ୟବଧାନ ରଖି ମଞ୍ଜି ତିନି ସେମି ଗଭୀରରେ ବୁଣନ୍ତୁ ।



# ଆୟୁର୍ବେଦର ଦିୱାନା ହେବ ଆମେରିକା



ଦିନକୁଦିନ ଆୟୁର୍ବେଦିକ ଔଷଧ ଉପରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିବାକୁ ଲାଗଇଛି । ଯେଉଁଥିପାଇଁ ଭାରତ ପରେ ଆମେରିକାରେ ଆୟୁର୍ବେଦକୁ ଲୋକପ୍ରିୟ କରିବା ପାଇଁ ଚେଷ୍ଟା ଜାରି ରହିଛି । ନିକଟରେ ଆୟୁର୍ବେଦିକ ଔଷଧ ଏବଂ ତା'ର ପ୍ରଭାବକୁ ନେଇ ବିଶାଳ 'ଇଣ୍ଡୋ-ୟୁଏସ ୱେଲନେସ୍' ସମାଗମ କାଲିଫର୍ଣ୍ଣିଆରେ ଆୟୋଜିତ ହୋଇଛି । ଏଥିରେ ବଡ଼ ସଂଖ୍ୟାରେ ଆୟୁର୍ବେଦ ସହ ଜଡ଼ିତ ଥିବା ଭାରତୀୟ ସଂସ୍ଥା, କମ୍ପାନୀ ଓ ବିଶେଷଜ୍ଞ ଭାଗ ନେଇଛନ୍ତି । ଏହାସହ ଏହି ସମାଗମରେ ଆୟୁର୍ବେଦ, ଯୋଗ, ହର୍ବଲ, ପ୍ରାକୃତିକ ଚିକିତ୍ସା ଭଳି ଭାରତୀୟ ଉତ୍ପାଦକୁ ପ୍ରଦର୍ଶନୀ କରି ବିଶେଷଜ୍ଞମାନେ ଲୋକଙ୍କୁ ଏହାର ଉପକାରିତା ସମ୍ବନ୍ଧରେ ମଧ ସୂଚନା ଦେଇଛନ୍ତି । ଖାସ୍ କଥାଟି ହେଲା, ଆୟୁଷ ମନ୍ତ୍ରଣାଳୟର ସହଯୋଗରେ ଏହି ସମାଗମ ଆୟୋଜନର ଭାର ସମ୍ଭାଳିଛି ଆମେରିକା । ବର୍ତ୍ତମାନ ସମୟରେ ଆମେରିକୀୟବାସୀ ମଧୁମେହର ଚିକିତ୍ସା ପାଇଁ ଆୟୁର୍ବେଦ, ପ୍ରାକୃତିକ ଚିକିତ୍ସା ଏବଂ ଯୋଗକୁ ବିକଳ୍ପିକ ଉପଚାର ରୂପେ ଆପଣାଯାଉଛନ୍ତି । ନ୍ୟୁୟର୍କରେ ରହୁଥିବା ଭରତୀୟ ବଂଶଭୋବ ଡ. ଭଗବତୀ ଭଟ୍ଟାଚୟର୍ଯ୍ୟଙ୍କ ଅନୁସାରେ, 'ପ୍ରଥମେ ଯୋଗକୁ ଆପଣାଇ ଲାଭବାନ ହୋଇଥିବା ଆମେରିକୀୟ ଏବେ ଆୟୁର୍ବେଦ ଆଡକୁ ଆକର୍ଷିତ ହେବାକୁ ଲାଗିଛନ୍ତି ।'



# ଫଙ୍ଗାଲ୍ ଇନ୍‌ଫେକ୍‌ସନ୍ ପାଇଁ ଭଲ ଲେମ୍ବୁ ମଞ୍ଜି

ଆମେ ସାଧାରଣତଃ ଲେମ୍ବୁ ଓ କମଳା ଖାଇବା ବେଳେ ଏହାର ମଞ୍ଜିକୁ ବାହାର କରି ଫିଙ୍ଗି ଦେଇଥାଉ । ହେଲେ ଆପଣ ଜାଣିଛନ୍ତି କି ଲେମ୍ବୁ ଓ କମଳା ମଞ୍ଜିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଏହି ମଞ୍ଜିକୁ ଖାଇଲେ ଆପଣ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ମୁକ୍ତି ପାଇପାରିବେ । ତା' ହେଲେ ଆସନ୍ତୁ ଜାଣିବା ଲେମ୍ବୁ ମଞ୍ଜିରେ କ'ଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।

♦ ଅଧିକାଂଶ ସମୟରେ ଆପଣ ମୁଣ୍ଡ ବିନ୍ଧାକୁ ଶୀଘ୍ର ଠିକ୍ କରିବା ପାଇଁ ଏସ୍ପିରିନ୍ ଖାଇଥା'ନ୍ତି । ଲେମ୍ବୁ ମଞ୍ଜିରେ ପ୍ରଚୁର ମାତ୍ରାରେ ସେଲିସିଲିକ ଏସିଡ୍ ରହିଛି, ଯାହା ଏସ୍ପିରିନର ଏକ ଅଂଶ । ତେଣୁ ମୁଣ୍ଡ ବିନ୍ଧା ସମୟରେ ଲେମ୍ବୁ ମଞ୍ଜି ଖାଇଲେ ଉପଶମ ମିଳିଥାଏ ।

♦ ଲେମ୍ବୁ ମଞ୍ଜିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ମୁହଁରେ ହେଉଥିବା ବ୍ରଣକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ । ତେଣୁ ବ୍ରଣ ଭଲ କରିବା ପାଇଁ ଲେମ୍ବୁ ମଞ୍ଜିର ତେଲକୁ ବ୍ୟବହାର କରନ୍ତୁ । ଯଦି ନିୟମିତ ଭାବରେ ଲେମ୍ବୁ ମଞ୍ଜିକୁ ମୁହଁରେ ବ୍ୟବହାର କରିବେ, ତେବେ କିଛିଦିନ ମଧରେ ଆପଣଙ୍କ ବ୍ରଣ ଓ ଦାଗ ଭଲ ହୋଇଯିବ ।

# ମାନସିକ ସ୍ତରରେ କିପରି ଫିଟ୍ ରହିବେ: ନିୟମିତ ଖାଇବାକୁ ପଡ଼ିବ ଏହିସବୁ ଖାଦ୍ୟ



*ଆମେ ଶାରୀରିକ ଭାବେ ସୁସ୍ଥ ରହିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ମାନସିକ ଭାବେ ସୁସ୍ଥ ରହିବା ମଧ ସେତିକି ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ମାନସିକ ସ୍ତରରେ ସୁସ୍ଥ ଓ ଶକ୍ତିଶାଳୀ ରୁହେ, ତେବେ ସମସ୍ତ ପ୍ରକାର ଅସୁବିଧା ଓ ଚାପକୁ ସହଜରେ ପ୍ରତିରୋଧ କରିପାରିବ । ଏପରି କିଛି ଫୁଡ୍ ରହିଛି, ଯାହାକି ଆମକୁ ମାନସିକ ସ୍ତରରେ ଫିଟ୍ ରଖିବାରେ ସହାୟତା କରିଥାଏ । ଆସନ୍ତୁ ଆଲୋଚନା କରିବା ସେହି ଫୁଡ୍ ବିଷୟରେ ।*

♦ ଅଣ୍ଡାରେ ରହିଥିବା କିଛି ପୋଷକ ତତ୍ତ୍ୱ ଆପଣଙ୍କ ମାନସିକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଫଲିକ୍ ଏସିଡ୍, ବାୟୋଟିନ, କୋଲାଇନ ଆଦି ମସ୍ତିଷ୍କର କୋଷିକାଗୁଡ଼ିର ବିକାଶରେ ସହାୟତା କରିଥାନ୍ତି ।

♦ ଦହି କେବଳ ଆମର ପାଚନ ତନ୍ତ୍ରକୁ ଠିକ୍ ରଖେ, ତା' ନୁହେଁ, ଏହା ଆମର ମସ୍ତିଷ୍କର କ୍ରିୟାକୁ ନିୟନ୍ତ୍ରଣ କରିଥାଏ । ନିୟମିତ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହା ଆପଣଙ୍କ ଚାପକୁ କମ୍ କରିବାରେ ସହାୟତା କରିଥାଏ । ଯଦି ଆପଣ ଚିଡ଼ଚିଡ଼ା ସ୍ୱଭାବର ହୋଇଥାନ୍ତି, ତେବେ ମୁଡ୍ ଠିକ୍ କରିବାରେ ଦହି ସାହାଯ୍ୟ କରିଥାଏ ।

♦ ସବୁଜ ପନିପରିବା ପର୍ଯ୍ୟାପ୍ତ ମାତ୍ରାରେ ସେବନ କରୁଥିବା ଲୋକଙ୍କର ମସ୍ତିଷ୍କ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ, ଯାହା ଆମକୁ ମାନସିକ ସ୍ତରରେ ସୁସ୍ଥ ରଖିଥାଏ ।

♦ ଡାର୍କ ଚକୋଲେଟରେ ଥିବା କୋକୋଆ ଆମର ମସ୍ତିଷ୍କର ରକ୍ତସଞ୍ଚାଳନ ପ୍ରକିୟାକୁ ଠିକ୍ ରଖିଥାଏ । ଏତଦବ୍ୟତୀତ ଚକୋଲେଟରେ ଥିବା ଏକ ଉପାଦାନ ଆମର ମସ୍ତିଷ୍କର ଯୁବାବସ୍ଥା ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

# ୪୦ବର୍ଷ ପରେ ଡାଏଟରେ ସାମିଲ କରନ୍ତୁ ଏହି ଖାଦ୍ୟ: ସହଜରେ ଅତିକ୍ରମ କରିବେ ବୃଦ୍ଧାବସ୍ଥା

ସାଧାରଣତଃ ବୟସ ବଢି ଯେତେବେଳେ ୪୦ ଅତିକ୍ରମ କରେ ସେତେବେଳେ ଆମ ଶରୀର ଅଧିକ ଯତ୍ନ ଆବଶ୍ୟକ କରେ, ଏହି ବୟସରେ ପ୍ରାୟତଃ ଲୋକମାନେ ଅନେକ ପ୍ରକାରର ରୋଗର ସମ୍ମୁଖୀନ ହୋଇଥାନ୍ତି । ହୃଦରୋଗ, ରକ୍ତଚାପ, ଏପରି ପରିସ୍ଥିତିରେ ପୀଡିତ ହୁଅନ୍ତି, ଯଦି ସମ୍ପୂର୍ଣ୍ଣ ଡାଏଟ୍ ସମସ୍ୟା ଜଟିଳ ହୋଇପାରେ ଯଦି ଯତ୍ନ ନିଆଯାଏ ନାହିଁ ।ଯଦି ଏହି ବୟସରେ ଖାଦ୍ୟ ପାନୀୟ ଠିକ ରହିବ ନାହିଁ ତେବେ ସମସ୍ୟା ଜଟିଳ ହୋଇପାରେ । ଖାସକରି ଶୀତଦିନେ ଯତ୍ନ ନେବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ୪୦ବର୍ଷ ପରେ କେଉଁ ଖାଦ୍ୟ ଖାଇବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବ ।

ମାଛ– ବୃଦ୍ଧାବସ୍ଥାରେ ହୃଦୟର ଯତ୍ନ ନେବା ଏକ ଚିନ୍ତାର ବିଷୟ, ଏପରି ପରିସ୍ଥିତିରେ ତୁମେ ଟୁନା ଏବଂ ଅନ୍ୟାନ୍ୟ ମାଛ ଖାଇବା ଉଚିତ୍, କାରଣ ଏଥିରେ ପ୍ରଚୁର ପରିମାଣରେ ଓମେଗା -୩ ଫ୍ୟାଟ ଏସିଡ୍ ଥାଏ । ଓମେଗା ଫ୍ୟାଟ ଏସିଡ୍ ରକ୍ତଚାପ, ଲିପିଡସ୍, ଏବଂ ଅନିୟମିତ ହୃଦସ୍ପନ୍ଦନ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ ।

ଶସ୍ୟ– ବୃଦ୍ଧାବସ୍ଥାରେ ଶସ୍ୟ ଖାଇବା ଉଚିତ୍ । ଯଦି ଆପଣ ପ୍ରତିଦିନ ତିନୋଟି ଶସ୍ୟ କିମ୍ବା ଅଧିକ ସେବନ କରନ୍ତି , ତେବେ ଆପଣଙ୍କର ହୃଦଘାତ ହେବାର ଆଶଙ୍କା କମିପାରେ । ଶସ୍ୟ ଆପଣଙ୍କ ଭଲ କୋଲେଷ୍ଟ୍ରୋଲକୁ ବୁଝାଇଥାଏ ଏବଂ ହୃଦଘାତ ହେବାର ଆଶଙ୍କା କମ କରିଥାଏ । ଆପଣ ଓଟସ୍, ବ୍ରାଉନ୍ ଚାଉଳ, ରାଇ, ବାର୍ଲି ସହିତ ଫାଇବର ଖାଦ୍ୟ ଖାଇବା ଉଚିତ୍ ।

ବିନ– ଏହା ଏମିତି ଏକ ପରିବା ଯାହା ପ୍ରୋଟିନରେ ଭରପୂର, ଏହା ସହିତ ପୋଟାସିୟମ୍ ଏବଂ ବି ଭିଟାମିନ୍ ମଧ ରହିଥାଏ, ଉଭୟ ହୃଦୟ ପାଇଁ ଭଲ । ଶୀତଦିନେ, ଆପଣ ବିଭିନ୍ନ ଉପାୟରେ ଏହାକୁ ପ୍ରସ୍ତୁତ କରି ଖାଇ ପାରିବେ ଏବଂ ଖାଦ୍ୟରେ ବାଇଗଣ ଅନ୍ତର୍ଭୁକ୍ତ ମଧ କରିପାରିବେ ।



ଡାଳିମ୍ବ– ଡାଳିମ୍ବରେ ଏଲାଗିକ୍ ଏସିଡ୍ ନାମକ ଏକ ଭିଟାମିନ୍ ଥାଏ, ଯାହା ପାଇଁ ଡାଳିମ୍ବକୁ ଏକ ସୁପରଫୁଡ୍ କୁହାଯାଏ, ଏହା ଆପଣଙ୍କୁ ସୁସ୍ଥ ରଖିବା ଅତ୍ୟନ୍ତ ଉପଯୋଗୀ, ଏହି ଖାଦ୍ୟଗୁଡ଼ିକ ଧମନୀରେ ଚର୍ବି ଜମା ନହେବାରେ ସାହାଯ୍ୟ କରିଥାଏ । ଡାଳିମ୍ବ ବ୍ୟବହାର କରିବା ଦ୍ୱାରା ବୃଦ୍ଧି ହୋଇଥିବା କୋଲେଷ୍ଟ୍ରୋଲ୍ କୁ ଏହା ହ୍ରାସ କରିଥାଏ ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୩ ଡିସେମ୍ବର ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଶକ୍ତିଶାଳୀ ଖାଦ୍ୟ...

ସଂସଦରେ ମଧ୍ୟାହ୍ନ ଭୋଜନ ଟେବୁଲରେ ପରଷା ଯାଇଥିଲା 'ଶକ୍ତିଶାଳୀ ଖାଦ୍ୟ' ମିଲେଟ୍ ବା ମୋଟା ଶସ୍ୟରୁ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ଶକ୍ତିଶାଳୀ ବ୍ୟକ୍ତିବୃନ୍ଦଙ୍କ ଲାଗି, ଯେଉଁମାନଙ୍କ ମଧ୍ୟରେ ଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ମନ୍ତ୍ରୀମଣ୍ଡଳ ଓ ସଂସଦର କିଛି ପ୍ରମୁଖ ସଦସ୍ୟ ଯଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ୍ ଖାଡ୍‌ଗେ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ା । ଭାରତର ଆଗ୍ରହ କ୍ରମେ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୩କୁ ଜାତିସଂଘ ଦ୍ୱାର ଆନ୍ତର୍ଜାତିକ ମିଲେଟ୍ ବର୍ଷ ଭାବରେ ଘୋଷଣା କରାଯାଇଥିବା ବେଳେ ବିଶ୍ୱର ସର୍ବାଧିକ ମିଲେଟ୍ ଉତ୍ପାଦନକାରୀ ଦେଶ ଭାରତର ନେତୃବୃନ୍ଦ ଏହିସବୁ ମୋଟା ଶସ୍ୟ ଯଥା ଯଅ(ଜୋଆର), ବାଜରା ଏବଂ ମାଣ୍ଡିଆ(ରାଗି) ଇତ୍ୟାଦିରୁ ପ୍ରସ୍ତୁତ ରୁଟି ଏବଂ ମିଠା ଇତ୍ୟାଦି ଆହାର କରିବା ସାଧାରଣ ଲୋକଙ୍କୁ ଏହି ଶସ୍ୟଗୁଡ଼ିକର ପୌଷ୍ଟିକତା ସମ୍ପର୍କରେ ସଚେତନ କରିବାରେ ଯଥେଷ୍ଟ ସହାୟକ ହେବ । ଭାରତରେ ଅଧିକାଂଶ କ୍ଷୁଦ୍ର ଚାଷୀ ମିଲେଟ୍‌ଗୁଡ଼ିକର ଚାଷ କରିଥାନ୍ତି ଏବଂ ଏହିସବୁ ଶସ୍ୟରୁ ପ୍ରସ୍ତୁ ଖାଦ୍ୟପଦାର୍ଥକୁ ଆହାର କରିଥାନ୍ତି । କିନ୍ତୁ କ୍ୱଚିତ୍ ସେମାନେ ଜାଣିଥାନ୍ତି ଏସବୁ ଶସ୍ୟରେ କେତେ ପରିମାଣରେ ପୋଷଣ ତତ୍ୱ ଭରି ରହିଛି । ଏକ ଖାଦ୍ୟ ସାମଗ୍ରୀ ନିଅଣ୍ଟିଆ ଦେଶରେ ତେଣୁ ଏସବୁ ଶସ୍ୟର ଉପଯୋଗିତା ଓ ପୌଷ୍ଟିକତା ବିଷୟରେ ଲୋକମାନଙ୍କ ମଧ୍ୟରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି କରାଯିବାର ଅପରିହାର୍ଯ୍ୟତା ରହିଛି । ଖାଦ୍ୟ ସାମଗ୍ରୀ କଥାରୁ ମନେପଡ଼େ କିଛିଦିନ ପୂର୍ବେ ଖାଦ୍ୟ ସୁରକ୍ଷା ସମ୍ପର୍କରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିବରଣୀଗୁଡ଼ିକୁ ନେଇ ଉପୁଜି ଥିବା ଦ୍ୱନ୍ଦ୍ୱ ସମ୍ପର୍କରେ । ସରକାରଙ୍କ କହିବା ଅନୁସାରେ ଦେଶରେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟଶସ୍ୟ ମହଜୁଦ ରହିଛି ଏବଂ ଖାଦ୍ୟ ଅସୁରକ୍ଷା ବୋଲି କିଛି ଜିନିଷ ନାହିଁ । ସରକାରଙ୍କ ରିପୋର୍ଟକୁ ଯଦି ବିଶ୍ୱାସ କରାଯାଏ, ତା' ହେଲେ ଭାରତ ସରକାରଙ୍କ କେନ୍ଦ୍ରୀୟ ଭଣ୍ଡାର ଅଧୀନରେ ଜାତୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ତାଙ୍କର ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ତଥା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଗନା (ପିଏମ୍‌ଜିକେଏୱାଇ) ଅଧୀନରେ ଅତିରିକ୍ତ ଆବଣ୍ଟନଜନିତ ଆବଶ୍ୟକତାକୁ ମେଣ୍ଟାଇବା ନିମନ୍ତେ ଖାଦ୍ୟଶସ୍ୟ ରହିଛି । ଡିସେମ୍ବର ୧୫ ତାରିଖ ସୁଦ୍ଧା ପ୍ରକାଶିତ ସରକାରୀ ବିବରଣୀ ଅନୁସାରେ କେନ୍ଦ୍ରୀୟ ଭଣ୍ଡାରରେ ପ୍ରାୟ ୧୮୦ ଲକ୍ଷ ଟନ୍ ଗହମ ଓ ୧୧୧ ଲକ୍ଷ ଟନ୍ ଚାଉଳ ଅଛି । ଜାନୁଆରୀ ୧,୨୦୨୩ରେ ହାରାହାରି ୧୫୯ ଲକ୍ଷ ଟନ୍ ଗହମ ଓ ୧୦୪ ଲକ୍ଷ ଟନ୍ ଚାଉଳ ଉପଲବ୍ଧ ହେବ । ମଜାର କଥା ହେଉଚି, ଏହି ରିପୋର୍ଟ ପ୍ରକାଶିତ ହୋଇଛି କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ସଂସଦରେ ତାଙ୍କର ବିବରଣୀ ପ୍ରଦାନ କରିବା ପରେ, ଯାହା ଉପରୋକ୍ତ ରିପୋର୍ଟର ବିପରୀତ ଦିଗକୁ ସୂଚୀତ କରିଥାଏ । ମନ୍ତ୍ରୀ ମହାଶୟ ସଂସଦରେ ଉଲ୍ଲେଖ କରିଥିଲେ ଯେ ଭାରତରେ ସାମ୍ପ୍ରତିକ ସମୟରେ ଗହମର ଗଚ୍ଛିତ ପରିମାଣ ବଫର ବିଧି ବା ମଧବର୍ତ୍ତୀ ବିଧି ଭାବରେ ପରିଚିତ ବାଧତାମୂଳକ ଦେହଳୀ ସୀମାଠାରୁ ପ୍ରାୟ ଏକ ଦଶନ୍ଧି ମଧରେ ସବୁଠୁ କମ୍ ରହିଛି । କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଆହୁରି ମଧ କହିଥିଲେ ଯେ ଡିସେମ୍ବର ୧ ତାରିଖ ସୁଦ୍ଧା ଦେଶର କେନ୍ଦ୍ରୀୟ-ଧାରଣ ଖାଦ୍ୟଶସ୍ୟ (ମିଶ୍ରିତ ଭାବରେ ଚାଉଳ ଓ ଗହମ)ର ମୋଟ ପରିମାଣ ୩୦.୫ ମିଲିଅନ୍ ଟନ୍ ରହିଥିଲା । ସେ କହିଥିଲେ, 'ଏଥି ମଧରୁ ଗହମ ସଂରକ୍ଷଣ ୧୯ ମିଲିଅନ୍ ଟନ୍ ଥିବା ବେଳେ ଚାଉଳର ଗଚ୍ଛିତ ପରିମାଣ ହେଉଛି ୧୧.୫ ମିଲିଅନ୍ ଟନ୍ ।' ମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ହିସାବ ଓ ସରକାରୀ ବିବରଣୀ ମଧରେ ରହୁଥିବା ଅସାମଞ୍ଜସ୍ୟତା ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବା ସ୍ୱାଭାବିକ ଏବଂ ଏହା ଦେଶରେ କ୍ଷୁଧା ଓ ଅପପୁଷ୍ଟିଜନିତ ସମସ୍ୟାର ନିରାକରଣ କରିବା କ୍ଷେତ୍ରରେ ସରକାରଙ୍କ ପ୍ରସ୍ତୁତି ସମ୍ପର୍କରେ ସନ୍ଦେହ ସୃଷ୍ଟି କରିଥାଏ । ଜାତିସଂଘର ହିସାବ ଅନୁସାରେ ଭାରତରେ ହାରାହାରି ୧୯୫ ମିଲିଅନ୍ କୁପୋଷଣର ଶିକାର ହେଉଥିବା ଲୋକ ବାସ କରନ୍ତି । ଆହୁରି ମଧ ଦେଶର ପ୍ରାୟ ୪୩ ପ୍ରତିଶତ ଶିଶୁ ନିରନ୍ତର ଭାବରେ କୁପୋଷଣର ଶିକାର ହୋଇ ଚାଲିଛନ୍ତି । ଖାଦ୍ୟ ସୁରକ୍ଷା ସୂଚକାଙ୍କ, ୨୦୨୨ରେ ଏହି ଦୃଷ୍ଟିରୁ ଭାରତ ୧୧୩ ପ୍ରମୁଖ ଦେଶଙ୍କ ମଧରେ ୬୮ ତମ ସ୍ଥାନରେ ରହିଛି । ତେଣୁ ଖାଦ୍ୟ ଶସ୍ୟର ସଂରକ୍ଷଣ ସମ୍ପର୍କରେ ସରକାର କେବଳ ସଂଖ୍ୟା ଉପସ୍ଥାପନ କରିବା ପରିବର୍ତ୍ତେ ପ୍ରକୃତ ଅବସ୍ଥାକୁ ଉପସ୍ଥାପନ କରିବା ଉଚିତ ଏବଂ ମୋଟା ଶସ୍ୟ ଗୁଡ଼ିକ ଅତ୍ୟଧିକ ପରିମାଣରେ ପୁଷ୍ଟିକର ଯାହା ଦେଶର ଶିଶୁ ଓ ବୟସ୍କଙ୍କଠାରେ ଦେଖା ଦେଉଥିବା ପୋଷକ ତତ୍ୱର ଅଭାବକୁ ଦୂର କରି ପାରିବ ।

# ଜାତିବ୍ୟବସ୍ଥା ଓ ସଂରକ୍ଷଣ



**ଅଧ୍ୟାପକ ଗୋପବନ୍ଧୁ**

ଭାରତବର୍ଷରେ ଉଭୟ ଜାତି ବ୍ୟବସ୍ଥା ଓ ସଂରକ୍ଷଣ ବ୍ୟବସ୍ଥା ବିବାଦୀୟ ପ୍ରସଙ୍ଗ ହୋଇଆସିଛି । ଦଳେ ଅଛନ୍ତି ଯେଉଁମାନେ ଜାତିବ୍ୟବସ୍ଥାକୁ ବିରୋଧ କରନ୍ତି । ଏମାନେ ଜାତିବିହୀନ ସମାଜରେ ବିଶ୍ୱାସ କରନ୍ତି ଓ ଏହାର ସପକ୍ଷରେ କହନ୍ତି । ଏମାନଙ୍କ ଯୁକ୍ତି ଯେ ଜାତିବ୍ୟବସ୍ଥା ଯୋଗୁଁ ସଂରକ୍ଷଣ ବ୍ୟବସ୍ଥାର ସୃଷ୍ଟି ହୋଇଛି । ତେଣୁକରି ଜାତି ହଟିଲେ ଆପଣା ଛାଏଁ ଜାତିଗତ ସଂରକ୍ଷଣ ମଧ୍ୟ ହଟିଯିବ । ଅନ୍ୟ ଏକ ଦଳ ରହିଛି ଯେଉଁମାନେ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରନ୍ତି, କିନ୍ତୁ ଜାତିବ୍ୟବସ୍ଥାକୁ ସ୍ୱୀକାର କରନ୍ତି । ଏମାନଙ୍କ ମତରେ ଜାତି ଧର୍ମାନୁମୋଦିତ ସାମାଜିକ ବ୍ୟବସ୍ଥା, ତେଣୁ ଜାତିବ୍ୟବସ୍ଥାକୁ ବଜାୟିରଖି ଜାତି ଆଧାରିତ ସଂରକ୍ଷଣକୁ ହଟାଇଦେବା ଉଚିତ । ତୃତୀୟ ଗୋଷ୍ଠୀ ରହିଛି ଯେଉଁମାନେ ଉଭୟ ଜାତିବ୍ୟବସ୍ଥା ଓ ସଂରକ୍ଷଣ ବ୍ୟବସ୍ଥାକୁ ସମର୍ଥନ କରନ୍ତି । ଏମାନଙ୍କ ଯୁକ୍ତି ସଂରକ୍ଷଣ ହେଉଛି ଅନଗ୍ରସର ଜାତିମାନଙ୍କ ସାମ୍ବିଧାନିକ ଅଧିକାର । ତେଣୁ ଉଭୟ ଜାତି ଓ ସଂରକ୍ଷଣ ରହିବା ଉଚିତ୍ ।

ଏ ବିଷୟକୁ ନେଇ ବିତର୍କ ଲାଗିରହିଛି । ବିରୋଧ ଓ ପ୍ରତିରୋଧ ମଧ୍ୟ ଚାଲିଛି । ଯାହା ଅନେକ ସମୟରେ ସାମାଜିକ ବିଦ୍ୱେଷ ଓ ଅସ୍ଥିରତାର କାରଣ ହେଉଛି । ଗଣତନ୍ତ୍ରରେ ଯାହା ସମସ୍ୟା ତା ଉପରେ ବିତର୍କ ହେବା ଜରୁରୀ । କାରଣ ବିତର୍କ ସମାଧାନର ବାଟ ବାହାର କରେ । କେଉଁଟି ଠିକ୍ ଓ କେଉଁଟି ଭୁଲ ତାହା ନିର୍ଣ୍ଣୟ କରିବାରେ ସହାୟକ ହୁଏ । ସମସ୍ୟା ଉପରେ ଆଲୋଚନା ନକରି ଆଡ଼େଇବାକୁ ଚେଷ୍ଟା କରିବା ଅର୍ଥ ସମସ୍ୟାକୁ ବଢ଼ିବାରେ ସାହାର୍ଯ୍ୟ କରିବା । ସାକାରାତ୍ମକ ବିତର୍କ ସର୍ବଦା ଉପାଦେୟ । ତେଣୁ ସଂରକ୍ଷଣ ବ୍ୟବସ୍ଥା ତଥା ଜାତି ବ୍ୟବସ୍ଥା ଉପରେ ବ୍ୟାପକ ଚର୍ଚ୍ଚା ହେବା ଜରୁରୀ । ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତେ ଅବଗତ ହେବା ଉଚିତ । କାହିଁକି ସମ୍ବିଧାନର ପ୍ରଣେତାମାନେ ଜାତି ଆଧାରିତ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି ତାହା ବୁଝିବାର ଆବଶ୍ୟକତା ରହିଛି । ଏହା ସହିତ ଜାତି ବ୍ୟବସ୍ଥାର ଯୁକ୍ତିଯୁକ୍ତତା କେତେ ତାହା ମଧ୍ୟ ବୁଝିବାର ଆବଶ୍ୟକତା ରହିଛି ।

ଜାତିଗତ ସଂରକ୍ଷଣର ପ୍ରାରମ୍ଭକୁ ନେଇ ଦୁଇଟି ମତ ରହିଛି । ଗୋଟିଏ ହେଉଛି ସାମ୍ବିଧାନିକ ସଂରକ୍ଷଣ ଓ ଅନ୍ୟଟି ହେଉଛି ଜାତିବ୍ୟବସ୍ଥା ସହିତ ମୂଳରୁ ସଂଯୁକ୍ତ ହୋଇ ରହିଥିବା ସଂରକ୍ଷଣ । ସ୍ୱାଧୀନତା ପରେ ଭାରତବର୍ଷର ଶାସନ ବ୍ୟବସ୍ଥାକୁ ସୂଚାରୁ ରୂପେ ପରିଚାଳିତ କରିବାପାଇଁ ଯେଉଁ ସମ୍ବିଧାନ ରଚନା କରାଯାଇଛି ସେହି ସମ୍ବିଧାନରେ ଅନଗ୍ରସର ଜାତିମାନଙ୍କର ବିକାଶ ପାଇଁ ଯେଉଁ ସଂରକ୍ଷଣ ସୁବିଧାର ବ୍ୟବସ୍ଥା ରହିଛି ତାହା ହେଉଛି ସାମ୍ବିଧାନିକ ସଂରକ୍ଷଣ । ସମ୍ବିଧାନସମ୍ମତ ଭାବେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ମହିଳାମାନଙ୍କ ବିକାଶ ପାଇଁ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଏବଂ କେତେକଙ୍କୁ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦିଆଯାଇଛି । ଏହିପ୍ରକାର ସଂରକ୍ଷଣର ଆୟୁଷ ମାତ୍ର ସାତ ଦଶକ । ଅବଶ୍ୟ କେତେକ ସଂରକ୍ଷଣ ବହୁପରେ ସମ୍ବିଧାନ ସହିତ ସଂଯୁକ୍ତ ହୋଇଛି । ନାନା ବାଦ ପ୍ରତିବାଦ ମଧ୍ୟଦେଇ ଏହା ଚାଲି ଆସିଛି । ପୋଡ଼ାଜଳା ହୋଇଛି, ଭଙ୍ଗାରୁଜା ହୋଇଛି, ଆତ୍ମାହୁତି ଓ ଆତ୍ମହତ୍ୟା ପର୍ଯ୍ୟନ୍ତ କଥା ଯାଇଛି ।

ଏହିପ୍ରକାର ସଂରକ୍ଷଣର ଯାଥାର୍ଥ୍ୟତା ଓ ଆବଶ୍ୟକତା ଉପରେ ସାଧାରଣତଃ ସାମ୍ବିଧାନିକ ସଂରକ୍ଷଣ ପାଉନଥିବା ଗୋଷ୍ଠୀ ବିରୋଧ ମନୋଭାବ ପୋଷଣ କରି ଆସିଛନ୍ତି । ଏମାନଙ୍କ ମଧ୍ୟରୁ ଅନେକେ ସଂରକ୍ଷଣ ଜାତି ଆଧାରରେ ନହୋଇ ଆର୍ଥିକ ଆଧାରରେ ଆର୍ଥିକ ଦୁର୍ବଳ ଶ୍ରେଣୀକୁ ଦିଆଯିବା ଆବଶ୍ୟକ ବୋଲି ଯୁକ୍ତି କରନ୍ତି । ଫଳରେ ଅଗ୍ରସର ବର୍ଗର ଆର୍ଥିକଭାବେ ଯେଉଁମାନେ ଦୁର୍ବଳ ସେମାନେ ମଧ୍ୟ ଏହାର ସୁବିଧା ପାଇପାରିବେ । ଏହି ଯୁକ୍ତି ଆଧାରରେ ଅର୍ଥନୈତିକଭାବେ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ) ସଂରକ୍ଷଣ ଦାନାବାନ୍ଧି ସମ୍ବିଧାନରେ ସ୍ଥାନିତ ହୋଇଛି । ଏମାନେ ଅନ୍ୟ ଏକ ଯୁକ୍ତି ଉପସ୍ଥାପନ କରି କହନ୍ତି ଯେ ଜାତିଭିତ୍ତିକ ସଂରକ୍ଷଣ ଯୋଗୁଁ ଜାତିବାଦ ବଢ଼ୁଛି । ଏହା ନଥିଲେ ଜାତିବାଦ ଲୋପ ପାଇଥାନ୍ତା । ଏପ୍ରକାର ଯୁକ୍ତି ସପକ୍ଷରେ ବାସ୍ତବତା କେତେ ରହିଛି ତାହା ଅନୁଧ୍ୟାନର ବିଷୟ ନିଶ୍ଚୟ । ଜାତିଭିତ୍ତିକ ସଂରକ୍ଷଣ ଜାତିବ୍ୟବସ୍ଥାକୁ ବଢ଼ାଇଛି କି କମାଇଛି ତାହାର ମଧ୍ୟ ଅନୁଧ୍ୟାନ ହେବା ଉଚିତ୍ ।

ସଂରକ୍ଷଣ ବ୍ୟବସ୍ଥାର ଦ୍ୱିତୀୟ ଦିଗଟି ହେଉଛି ଜାତିବ୍ୟବସ୍ଥା ନିଜେ ଗୋଟିଏ ସଂରକ୍ଷଣ ବ୍ୟବସ୍ଥା । ଭାରତବର୍ଷରେ ଜାତିବ୍ୟବସ୍ଥାର ଜନନୀ ହେଉଛି ବର୍ଣ୍ଣବ୍ୟବସ୍ଥା । ଏହି ବର୍ଣ୍ଣବ୍ୟବସ୍ଥା ଆଉ କିଛି ନୁହେଁ, ଏହା ହେଉଛି ଜାତିଗତ ସଂରକ୍ଷଣ । କେଉଁ ଜାତି କେଉଁ କାମକରିବ ତାହାର ନିର୍ଦ୍ଧାରଣ ହିଁ ବର୍ଣ୍ଣବ୍ୟବସ୍ଥା । ଏହା ମଧରେ ଇଚ୍ଛାକୃତ ବୃତ୍ତି ଓ ବାଧ୍ୟତାମୂଳକ ବୃତ୍ତି ରହିଛି । ଚାରି ବର୍ଣ୍ଣ ମଧ୍ୟରୁ ବ୍ରାହ୍ମଣ, କ୍ଷତ୍ରୀୟ ଓ ବୈଶ୍ୟ ଇଚ୍ଛାକୃତ ବୃତ୍ତି । ପରବର୍ତ୍ତୀ ସମୟରେ ଏଗୁଡ଼ିକ ବଂଶାନୁକ୍ରମିକ ହୋଇଯାଇଛି । ଚତୁର୍ଥ ଗୋଷ୍ଠୀ ଶୂଦ୍ର ନାମରେ ନାମିତ । ଏମାନେ ହେଲେ ସେବକ ଗୋଷ୍ଠୀ । ସମସ୍ତ ପ୍ରକାର ଉତ୍ପାଦନ ଓ ଉଚ୍ଚ ତିନି ବର୍ଗର ସେବାକରିବା କାର୍ଯ୍ୟ ଏମାନଙ୍କ ଉପରେ ନ୍ୟସ୍ତ । ଏମାନଙ୍କ ଉପରେ ଲଦାଯାଇଥିବା ବୃତ୍ତି ବାଧ୍ୟତାମୂଳକ । ବର୍ଣ୍ଣବ୍ୟବସ୍ଥା ସମସ୍ତ ଜାତିକୁ ବୃତ୍ତିଗତ ସଂରକ୍ଷଣ ଦେଇଛି । ଏହା ହଜାର ହଜାର ବର୍ଷଧରି ବଂଶାନୁକ୍ରମିକ ଭାବେ ଚାଲି ଆସିଛି । କର୍ମ ଅନୁସାରେ ବର୍ଣ୍ଣ କୁହାଯାଉଥିଲେ ବି ପ୍ରକୃତରେ ବର୍ଣ୍ଣ ଅନୁସାରେ କର୍ମ ଏବଂ ଏହା ବଂଶାନୁକ୍ରମିକ ମଧ୍ୟ ।

ବ୍ରାହ୍ମଣ ସଂରକ୍ଷଣ ସୁବିଧା ପାଇଛି ପୂଜାପାଠ କରିବାର ଓ ଜ୍ଞାନ ଚର୍ଚ୍ଚା କରିବାର । କ୍ଷତ୍ରୀୟ ସଂରକ୍ଷଣ ସୁବିଧା ପାଇଛି ବ୍ରାହ୍ମଣର ମାର୍ଗଦର୍ଶନ ଅନୁସାରେ ଶାସନ କରିବାର ଓ ରାଜ୍ୟକୁ ସୁରକ୍ଷା ଦେବାର । ବୈଶ୍ୟ ସଂରକ୍ଷଣ ସୁବିଧା ପାଇଛି ବାଣିଜ୍ୟ ବ୍ୟବସାୟ କରିବାର । ଅନ୍ୟ ପକ୍ଷରେ ଶୂଦ୍ର ସମାଜ ଉପରେ ସଂରକ୍ଷଣ ଲଦାଯାଇଛି ସେବା କରିବାର ଓ ସମସ୍ତ ଉତ୍ପାଦନ କାର୍ଯ୍ୟ ସମ୍ପାଦନ କରିବାର । ଏହି ଶୂଦ୍ର ସମାଜକୁ ହଜାର ହଜାର ଜାତିରେ ଭାଗ କରାଯାଇ ବିଭିନ୍ନପ୍ରକାର କାର୍ଯ୍ୟ ତାଙ୍କ ଉପରେ ଲଦାଯାଇଛି । (ପୃଷ୍ଠା ୭ରେ)

# ଜାତୀୟ ଗଣିତ ଦିବସ ପାଳନର ଅନୁଚିନ୍ତା



**ଡ. ଶରତ ଚନ୍ଦ୍ର ମିଶ୍ର**

(ପୂର୍ବ ପ୍ରକାଶିତ ଉତ୍ତାରୁ))

କ୍ରମଶଃ ସେ ଦୁର୍ବଳ ହେବାକୁ ଲାଗିଲେ ଓ ଇଂଲଣ୍ଡର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଲେ । ଶେଷରେ ଜଣା ପଡ଼ିଲା ଯେ ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ । ସେ ଥରେ ଲଣ୍ଡନର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ପ୍ରଫେସର ହାର୍ଡ଼ି ତାଙ୍କୁ ସାକ୍ଷାତ ପାଇଁ ଗଲେ ଓ ଯାଇ ଦେଖିଲେ ସେ ଖୁବ୍ ଅସୁସ୍ଥ । ସେ କହିଲେ ମୁଁ ଏକ ଅଶୁଭ ନମ୍ବର ଯୁକ୍ତ ଟ୍ୟାକ୍ସିରେ ଆସିଛି, ଯାହାର ନମ୍ବର ହେଉଛି ୧୭୨୯ ଓ ପୁଣି ଯେଉଁ ଅଶୁଭ ସଂଖ୍ୟାଟି ୭, ୧୩ ଏବଂ ୧୯ ପରି ତିନୋଟି ମୌଳିକ ସଂଖ୍ୟାର ଗୁଣଫଳ । ଏହା କହି ସେ ଖୁବ୍ ଦୁଃଖ ପ୍ରକାଶ କଲେ ।

ମାତ୍ର ହାସ୍ୟରସ ପ୍ରିୟ ରାମାନୁଜନ୍ ହସି ହସି ତତ୍‌କ୍ଷଣାତ୍ କହିଲେ ୧୭୨୯ ସଂଖ୍ୟାଟି ଅତି ସୁନ୍ଦର । କାରଣ ଏହାକୁ ଦୁଇଟି ସଂଖ୍ୟାର ଘନଫଳର ସମଷ୍ଟିରୁ ପ୍ରକାଶ ସମ୍ଭବ । ଯେମିତି $୧^{୩} + ୧୨^{୩} = ୧+୧୭୨୮ = ୧୭୨୯$ ଓ $୯^{୩} + ୧୦^{୩} = ୭୨୯+୧୦୦୦=୧୭୨୯$ । ଏଥିରୁ ତାଙ୍କର ଗଣିତ ଜ୍ଞାନର ଉତ୍କର୍ଷତା ବେଶ୍ ଅନୁମେୟ । ଇଂଲଣ୍ଡର ବିଭିନ୍ନ ଦାମୀ ଡାକ୍ତରଖାନା ଓ ବହୁ ଗୁଣି, ଜ୍ଞାନୀ ଓ ଅଭିଜ୍ଞ ଡାକ୍ତରମାନଙ୍କର ଆପ୍ରାଣ ଚେଷ୍ଟା ଓ ଆନ୍ତରିକ ଉଦ୍ୟମ ତାଙ୍କୁ ଯକ୍ଷ୍ମା ରୋଗରୁ ମୁକ୍ତି ଦେଇ ପାରିଲା ନାହିଁ । ଇଂଲଣ୍ଡର ଜଳବାୟୁ ତାଙ୍କ ପାଇଁ ପ୍ରଧାନ ବାଧକ ହେବା ସହ ଯକ୍ଷ୍ମାରୋଗ ପାଇଁ ବି ଉପଯୁକ୍ତ ଔଷଧର ଉଦ୍‌ଭାବନ ହୋଇନଥାଏ । ଇଂଲଣ୍ଡର ଡାକ୍ତର, ଶୁଭେଚ୍ଛୁ ତଥା ପ୍ରଫେସର ହାର୍ଡ଼ିଙ୍କର ଅନୁରୋଧ କ୍ରମେ ସେ ଫେବୃଆରୀ ୨୭ ତାରିଖରେ ୧୯୧୯ରେ ଇଂଲଣ୍ଡ ତ୍ୟାଗ କରି ମାର୍ଚ୍ଚ ୨୭ ତାରିଖରେ ବମ୍ବେରେ ପହଞ୍ଚିଲେ । ବମ୍ବେରେ ତାଙ୍କର ମାଆ ଓ ଭାଇ ତାଙ୍କୁ ସାଙ୍ଗରେ ଧରି ଏପ୍ରିଲ ଦୁଇ ତାରିଖରେ ମାନ୍ଦ୍ରାଜ୍‌ରେ ପହଞ୍ଚିଲେ । ଏହା ପରେ ପ୍ରାୟ ଦୀର୍ଘ ୯ ମାସ କାଳ ରାମାନୁଜନ୍ ମାନ୍ଦ୍ରାଜ୍ କାବେରୀ ନଦୀ କୂଳସ୍ଥ ଏକ ଗ୍ରାମ କୁଦୁମୁଦୀ କୁମ୍ଭକନମ୍ ଆଦି ବିଭିନ୍ନ ସ୍ଥାନରେ ବାସ କରିଥିଲେ । ଏହାପରେ ୧୯୨୦ ମସିହା ଜାନୁଆରୀ ମାସରେ ତାଙ୍କୁ ମାନ୍ଦ୍ରାଜ୍ ନିଆଗଲା । ମାନ୍ଦ୍ରାଜ୍‌ର ସରକାରୀ ଯକ୍ଷ୍ମାରୋଗୀ ବିଶେଷ ଡାକ୍ତର ପି ଏସ୍ ଚନ୍ଦ୍ରଶେଖର ଆୟର ଓ ଅନ୍ୟାନ୍ୟ ଅଭିଜ୍ଞ ଡାକ୍ତର ତାଙ୍କର ଚିକିତ୍ସା ଦାୟିତ୍ୱ ନେଲେ । ସମସ୍ତ ପ୍ରକାରର ଶ୍ରେଷ୍ଠ ଚିକିତ୍ସା ମିଳିଲା ଓ ପାଖରେ ପତ୍ନୀ ଜାନକୀ ସମସ୍ତ ପ୍ରକାରର ସେବା ଓ ସୁଶ୍ରୁଷା କଲେ । ମାତ୍ର ଏ ସବୁ ସତ୍ତ୍ୱେ ସେ ସୁସ୍ଥ ହୋଇ ପାରିନଥିଲେ । କ୍ରମଶଃ ସ୍ୱାସ୍ଥ୍ୟବସ୍ଥା ଖରାପ ଆଡ଼କୁ ଗତିଗଲା । ରାମାନୁଜନ୍ ୧୯୨୦ ମସିହା ଏପ୍ରିଲ ମାସ ୨୬ ତାରିଖ ସୋମବାର ଦିନ ମାନ୍ଦ୍ରାଜ୍ ନିକଟସ୍ଥ ଚେତପୁର ଠାରେ ତାଙ୍କର ଶେଷନିଶ୍ୱାସ ତ୍ୟାଗ କଲେ ।

ଦାରିଦ୍ର ଓ ଅଭାବରେ ଜୀବନ ଅତିବାହିତ ହୋଇଥିଲେ ମଧ ତାଙ୍କର କେବେ ବି ଧନ ସମ୍ପତି ପ୍ରତି ଲାଳସା ନଥିଲା । ମାତ୍ର ଗଣିତ ଶିକ୍ଷା ତଥା ଗଣିତରେ ନୂତନ ତଥ୍ୟ ଉଦ୍‌ଭାବନ କରିବାରେ ତାଙ୍କର ଖୁବ୍ ଲୋଭ ଥିଲା । ସେ ଜଣେ ଗଣିତ ମନସ୍କ ବ୍ୟକ୍ତି ଥିଲେ । ତାଙ୍କର ମୃତ୍ୟୁରେ ବିଶ୍ୱର ଗଣିତ ପ୍ରେମୀ, ଭାରତର ଗଣିତଜ୍ଞ ତଥା ଭାରତବାସୀ ମ୍ରିୟମାଣ ହୋଇପଡ଼ିଲେ । ତାଙ୍କର କୃତି ଓ କୀର୍ତ୍ତୀକୁ ସମ୍ମାନ ଜଣାଇ ୨୦୧୨ ମସିହାଠାରୁ ତାଙ୍କର ଜନ୍ମଦିବସକୁ 'ଜାତୀୟ ଗଣିତ ଦିବସ' ଭାବେ ପାଳିତ ହେଉଛି ।


+ ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪


# ମା'ଶାରଦା ଦେବୀ : ରାମକୃଷ୍ଣ ପରମହଂସଙ୍କ ଆଧ୍ୟାତ୍ମିକ ସହଧର୍ମିଣୀ



**ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**

ଭାରତ ବର୍ଷର ଅନ୍ୟତମ ପ୍ରସିଦ୍ଧ ସନ୍ଥ ତଥା ସ୍ୱାମୀ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଆଧ୍ୟାତ୍ମିକ ସହଧର୍ମିଣୀ ଥିଲେ ଶାରଦା ଦେବୀ । ୧୮୫୩ ମସିହା ଡିସେମ୍ବର ୨୨ ତାରିଖରେ ତାଙ୍କର ଜନ୍ମ ପଶ୍ଚିମବଙ୍ଗର ଜୟରାମବାଟୀ ନାମକ ଏକ ଗ୍ରାମରେ ହୋଇଥିଲା । ରାମକୃଷ୍ଣଙ୍କ ଅନୁଗାମୀ ମାନଙ୍କ ମଧ୍ୟରେ ଶାରଦା ଦେବୀ ଶ୍ରୀମା ନାମରେ ପରିଚିତ ଥିଲେ ।

ଶାରଦା ଦେବୀଙ୍କ ପିତା ଥିଲେ ରାମଚନ୍ଦ୍ର ମୁଖୋପାଧ୍ୟାୟ ଓ ମା' ଥିଲେ ଶ୍ୟାମସୁନ୍ଦରୀ ଦେବୀ । ମାତ୍ର ୬ ବର୍ଷ ବୟସରେ ଦେବୀ ଶାରଦାଙ୍କ ବିବାହ ରାମକୃଷ୍ଣଙ୍କ ସହ କରି ଦିଆଯାଇଥିଲା । ୧୮ ବର୍ଷ ବୟସ ହେବା ପରେ ସେ ପତିଙ୍କୁ ଦେଖା କରିବା ଲାଗି ଦକ୍ଷୀଣେଶ୍ୱରରେ ପହଂଚିଥିଲେ । ସେତେବେଳକୁ ରାମକୃଷ୍ଣ ପରମହଂସ ଦୀର୍ଘ ୧୨ ବର୍ଷ ଆଧ୍ୟାତ୍ମିକ ସାଧନା ଶେଷ କରି ସାରି ଆତ୍ମସାକ୍ଷାତକାର ଅବସ୍ଥାରେ ପହଂଚି ସାରିଥିଲେ । ସେ ଶାରଦା ଦେବୀଙ୍କୁ ସହର୍ଷ ଆପଣାଇ ନେଇଥିଲେ । ଏହାପରେ ରାମକୃଷ୍ଣଙ୍କ ସହ ଦେବୀ ଆଧ୍ୟାତ୍ମିକ ଜୀବନ ବିତାଇଥିଲେ । ସନ୍ଥ



ରାମକୃଷ୍ଣ ଦେବୀ ଶାରଦାଙ୍କୁ ଜଗତ୍‌ମାତା ରୂପରେ ଦେଖୁଥିଲେ ।

୧୮୮୬ରେ ରାମକୃଷ୍ଣଙ୍କ ଦେହାନ୍ତ ପରେ ଶାରଦା ଦେବୀ ତୀର୍ଥ ଭ୍ରମଣ ନିମନ୍ତେ ଚାଲିଯାଇଥିଲେ । ସେଠାରୁ ଫେରିବା ପରେ ତାଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ହୋଇପଡ଼ିଥିଲା । ସେ କାମାରପୁକୁରରେ ରହୁଥିଲେ । ତାଙ୍କ ଅବସ୍ଥା ଦେଖି ରାମକୃଷ୍ଣଙ୍କ ଭକ୍ତମାନେ ତାଙ୍କୁ କଲିକତା ନେଇ ଆସିଥିଲେ । କଲିକତା ଆସିବା ପରେ ତାଙ୍କ ଜୀବନରେ ପରିବର୍ତନ ଆସିଥିଲା । ସେ ଦୀକ୍ଷା ପ୍ରଦାନ କରି ଶିଷ୍ୟ ଗ୍ରହଣ କରିବାକୁ ଲାଗିଲେ । ଶାରଦା ଦେବୀଙ୍କ ଆଧ୍ୟାତ୍ମିକ ଜ୍ଞାନ ଖୁବ୍ ଉଚ୍ଚକୋଟୀର ଥିଲା । ସେ କୌଣସି ପୁସ୍ତକ ଲେଖିଯାଇନଥିଲେ ମଧ ସ୍ୱାମୀ ନିଖିଳାନନ୍ଦ ଏବଂ ସ୍ୱାମୀ ତପସ୍ୟାନନ୍ଦ ତାଙ୍କର ବାଣୀକୁ ରେକର୍ଡ଼ କରିପାରିଥିଲେ । ଶାରଦା ଦେବୀ ନିଜର ଶିଷ୍ୟ ମାନଙ୍କୁ ସର୍ବଦା ମାନସିକ ଭାବେ ଶୁଦ୍ଧ ହେବାକୁ ପରାମର୍ଶ ଦେଉଥିଲେ । ଧ୍ୟାନ ଦ୍ୱାରା ଶାନ୍ତି ପ୍ରାପ୍ତ କରିବା ନିମନ୍ତେ ସେ ଉପଦେଶ ଦେଇଥିଲେ । ଅନ୍ୟର ଦୋଷ ଦେଖିଲେ ମନୁଷ୍ୟ କେବେ ହେଲେ ଶାନ୍ତି ପାଇପାରିବ ନାହିଁ ବୋଲି ସେ କହୁଥିଲେ । ସେହିପରି ମନୁଷ୍ୟ ସର୍ବଦା ନିଜର ଗୁରୁ ପ୍ରତି ଭକ୍ତି ରଖିବା ଆବଶ୍ୟକ ବୋଲି ଦେବୀ ଉପଦେଶ ଦେଇ ଯାଇଛନ୍ତି ।


♥ ପ୍ଲଟ ନଂ : ୧୦୮୨/ଡ଼ି,
ସେକ୍ଟର-୬, ସିଡ଼ିଏ, କଟକ
ମୋ : ୯୮୬୧୩୫୫୬୨୮





## ହସି ଉଠିବ ଆମରି ଧରା

**ରଘୁନାଥ ତ୍ରିପାଠୀ**

ଗ୍ରୀଷମ ଯଦି ଆସିଛି ଏବେ
ବରଷା ଦୂରେ ରହିବ କାହିଁ
ସିଝଇ ଧରା ତାତି ପବନେ
ଶ୍ରାବଣ ଧାରେ ଯିବ ଦୂରେଇ ।

ବରଷା ପରା ଆସିଛି ଏବେ
ସାରା ଦୁନିଆ ଦେବ ଭିଜେଇ
ଶରତ ଆଉ ଦୂରରେ ନାହିଁ
ଜନମନକୁ ଦେବ ମଜେଇ ।

ଶରତ ପରା ଆସିଛି ଏବେ
ଆକାଶେ ହସେ ବିମଳ ଶଶୀ
ହେମନ୍ତ ଆଉ ଦୂରରେ ନାହିଁ
ଶିଶିର ବିନ୍ଦୁ ପଡିବ ଖସି ।

ହେମନ୍ତ ପରା ଆସିଛି ଏବେ
କାକର ପଡେ ଦୁବ ଘାସରେ
ଶୀତ ଋତୁ ତ ଦୂରରେ ନାହିଁ
ଧରା ଥରିବ ଶୀତ ଲହରେ ।

ଶୀତ ଋତୁ ତ ଆସିଛି ଏବେ
ଦେହ ମନକୁ ଦିଏ ଥରେଇ
ବସନ୍ତ ଆଉ ଦୂରରେ ନାହିଁ
ଧୀର ସମୀର ଆସିବ ନେଇ ।

ଋତୁରାଜ ତ ଆସିଛି ଏବେ
ଦୁନିଆ ହସେ ଫୁଲ ବାସରେ
ମୃଦୁ ମଳୟ ଯିବ ବାହୁଡ଼ି
ନିଦାଘ ଆସି ଛୁଇଁଲେ ଥରେ ।

ଆମ ରାଇଜେ ସବୁରି ଋତୁ
ବରଷେ ଥରେ ଆସଇ ପରା
ନିଜ ନିଜର କରମ କଲେ
ହସି ଉଠିବ ଆମରି ଧରା ।


♥ ବାଲିସାହି,
ମଧୁପାଟଣା, କଟକ
ମୋ: ୮୭୬୩୩୪୩୨୬୩


## ଅନ୍ତର୍ମନ ଏକ କନ୍ୟାର

**ବାଉରିବନ୍ଧୁ ଲେଙ୍କା**

ମନେ ପଡେ ବାପା
ସେଦିନ ବିବାହ ବେଦୀରେ
କନ୍ୟାଦାନ ପାଇଁ ପୁରୋହିତଙ୍କ
ମନ୍ତ୍ରୋଚାରଣ ବେଳର ଦୃଶ୍ୟ ।
ହେଲେ ତମର ଦୃଷ୍ଟି
ନିବଦ୍ଧ ଥିଲା ମୋ ଉପରେ ।
ଠିକ୍ ଠିକ୍ ବୁଝିପାରିଥିଲି
ତମ ଆଖିର ସେ ଭାଷାକୁ ।
ଜାଣିଛ ବାପା କଣ କହୁଥିଲେ
ସେ ଆଖି ଦୁଇଟି ??

'ଯାହା ବି ମନ୍ତ୍ର ପଢୁ ସେ ପୁରୋହିତ
ମୁଁ କିନ୍ତୁ ତତେ ଦାନ କରୁନି ଲୋ
ମାଆ ।
ତୁ ତ ମୋ ହୃଦୟର ସ୍ପନ୍ଦନ,
ମୋ ଆନନ୍ଦ ଓ ଦୁଃଖର ଅନୁଭୂତି,
ମୋ ଆତ୍ମାର ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ।
କେମିତି ତତେ ଦାନ କରି ପାରିବି
କୌଣସି ଏକ ବସ୍ତୁ ଭାବି ଦାନ
ପାତ୍ରରେ ?
କି ପୁଣ୍ୟ ଅର୍ଜନ କରିବି ?
ଅନ୍ୟ ରୀତି ପରି ବିବାହ ବି
ସମାଜର ଏକ ରୀତି ।
ଜୀବନର ସବୁ ଆନନ୍ଦ ଓ ଦୁଃଖ,
ଜୟ ଓ ପରାଜୟକୁ ନେଇ
ସର୍ବଦା ମୁଁ ତୋ ସହିତ
ରହିଛି ରହିବି ମଧ ।'

ଆଉ ତମ ଆଖିରେ ଆଖି ମିଶେଇ
କଣ ଜବାବ ଦେଇଥିଲି,
ତମେ ଜାଣିଛ ବାପା ?
'ଏ ବିବାହ ବନ୍ଧନ
କିଛି ବି ପରିବର୍ତ୍ତନ ଆଣି ପାରିବନାହିଁ
ତମ ଆଉ ମୋ ସମ୍ପର୍କ ଭିତରେ ।
ସେମିତି ଅତୁଟ ରହିବ ପୂର୍ବ ପରି ।
ଏହି ବିଶ୍ୱାସ ହିଁ ତ ମୋର ସାହସ ।
ତମେ ହିଁ ତ ବାପା
ମୋ ଜୀବନର ପ୍ରଥମ ପୁରୁଷ,
ତମେ ହିଁ ତ ମୋ ପାଇଁ ବିଶିଷ୍ଟ,
ମୋ ପାଇଁ ସୁନ୍ଦର, ପ୍ରେମୀ, ସ୍ନେହୀ
ଆଉ ଅଦ୍ୱିତୀୟ ।
ଯେଉଁ ସ୍ୱତନ୍ତ୍ର ଅନୁଭବ ହୁଏ,
ତମେ ସାଙ୍ଗରେ ଥିଲେ,
ତା'ର କାଣିଚାଏ ବି
ପାଇବିନି ଅନ୍ୟ କେଉଁଠି,
ହଁ କାଣିଚାଏ ବି ।'


♥ ପର୍ଲ ରେସିଡେନ୍ସି,
ଦୁର୍ଗାମାଧବ ନଗର
ଭୁବନେଶ୍ୱର,
ମୋ: ୯୮୫୩୫୩୫୮୪୪


## ସତ୍ୟ ହିଁ ସତନାମ୍ ଧର୍ମ

**ଚନ୍ଦ୍ରହାସ୍ୟ ସତନାମି**

ସତ୍ୟେ ଉଦିତ ଶଶୀ ସୂର୍ଯ୍ୟ ସତ
ସତ୍ୟେ ଶୂନ୍ୟ ଗଗନେ ତାରକାସ୍ଥିତ
ସତ୍ୟେ ବନବାସ ଘେନି ଆଜ୍ଞ ମାତ
ସତ୍ୟେ ସତନାମ ଧର୍ମ ପ୍ରତିଷ୍ଠିତ ।

ଐତିହ୍ୟ ଗାଥାଟି ଯୋଗୀ ପୁରୁଷର
ଗୁରୁ ଘାସିଦାସ ନାମ
ପ୍ରଚାରିତ ହେଲେ ପ୍ରଚାରକ ଭାବେ
ଧର୍ମ ନାମେ ସତନାମ ।

ସତ୍ୟ ପୁରୁଷର ସନ୍ଥମାନ ମଧ୍ୟେ
ଅଟେ ସେହି ଅନ୍ୟତମ
ଛତିଶଗଡର ରାୟପୁର ସ୍ଥିତେ
ଗିରୋଦରେ ତାଙ୍କ ଜନ୍ମ ।

ବାଲ୍ୟକାଳୁ ସନ୍ଥ ତପସ୍ୱୀ ଭାବରେ
ତପ କରିବାରେ ମଗ୍ନ
ଛାତା ପାହାଡର ନିର୍ଜନ ବଣରେ
ସତନାମ ଜପି ନାମ୍ନ ।

କଠୋର ତପସ୍ୱେ ଏ କଳିଯୁଗରେ
ବିଷ୍ଣୁ ବରେ ବରଦାନ
ବାଲ୍ୟନର, ବସ୍ନା, ସଫୁରା ମାଁ'ଙ୍କୁ
ଦେଲ ପୁଣି ଜୀବଦାନ ।

ସେହିଦିନୁ ସତ୍ୟ ସ୍ତମ୍ଭର ପ୍ରତିକ
ଗ୍ରାମେ ଗ୍ରାମେ ହେଲା ସ୍ଥାପନ
ସତ୍ୟ ସ୍ତମ୍ଭେ ସ୍ୱଛ ପତାକା ଉଡଇ
ସ୍ୟ, ଧର୍ମ, ନ୍ୟାୟେ ଜାଣ ।


+୩ କଳା ଛାତ୍ର ତୃତୀୟ ବର୍ଷ
ପଞ୍ଚାୟତ ସମିତି ଡିଗ୍ରୀ
ମହାବିଦ୍ୟାଳୟ,
କୋକସରା, କଳାହାଣ୍ଡି
ମୋ: ୮୨୪୯୮୪୨୬୪୮


## ଏକ ବର୍ଷା ରାତି

**ଜିତୁ ପ୍ରଧାନ**

ଏ ବର୍ଷ ପାହୁ ନଥିଲା ରାତି
କିଟିକିଟି ଅନ୍ଧାରରେ ବି
ଭାଂଗିଥିଲା ନିଦ
କୋଉଠି ଥିଲା ଅଦିନିଆ ବର୍ଷାଟା ଯେ
ସାରା ରାତି ବାଘ ହୋଇ
ମାଡ଼ି ବସିଲା,
ମାଣ ମାଣ ପାଚିଲା ଧାନର
କ୍ଷେତରେ ।

ଦିନ ଚାରିଟାରେ
ବୂହା ସରିଥାନ୍ତା ଧାନ
ପଡ଼ି ଥାନ୍ତା ବେଙ୍ଗେଳା
ବସ୍ତା ବସ୍ତା ଧାନ ଦେଖି ହସିଥାନ୍ତା
ଚଷା ପୁଅ, ଭାଙ୍ଗି ଗଲା ସ୍ୱପ୍ନ
ବର୍ଷାରେ ଭିଜିଗଲା ଆଶା.....।।

କଟା ସରିଥିବା ଧାନ ଏବେ
ପହଁରୁ ଥିବେ ଆଣ୍ଠିଏ ଲୁହରେ
ଅଥଚ ମୁଣ୍ଡରେ ହାତ ଦେଇ
ଗୁମୁରି ଗୁମୁରି କାନ୍ଦୁଥିବ ଚଷା ପୁଅ
ଚାହିଁଲେ ବି ମରି ପାରୁନଥିବ
ଅଥଚ ବଞ୍ଚିବା ହୋଇ ପଡିବ ଭୀଷଣ
ଅସମ୍ଭବ....।।

ବଦଳିଲା ପାଣି ପାଗ ଜଳବାୟୁ
ମଗୁଶୁରରେ ବି ଉଭେଇ ଗଲା ଶୀତ
ଯାହା ଯାଇଥିଲା ଧୋଇରେ ମରୁଡ଼ିରେ
ଏବେ ଗଲା ବର୍ଷାରେ ରୋଗରେ
ପୋକରେ ଷଣ୍ଢ ଖିଆରେ
ବାଲୁଙ୍ଗାରେ.....।।

ରାତି ଗୋଟେ ତିରିଶିରେ ବି
ବୂହା ଚାଲିଥିଲା ଧାନ
ଭୟଙ୍କର ବର୍ଷା ଭୟରେ......।।

ଖଳାରେ ଖେଳେଇ ହୋଇ ପଡ଼ି ଥିବା
ଧାନରେ ଅଙ୍କୁରିତ ହେଉଥିଲା ବୀଜ
ଆଠ ମାସର ପରିଶ୍ରମରେ
ବଞ୍ଚିବଞ୍ଚି ମରୁଥିଲା ଚଷା ପୁଅ....।।


♥ ଓଡ଼ିଆ ସାହିତ୍ୟ ଛାତ୍ର
ନୟାଗଡ଼ ସ୍ୱୟଂଶାସିତ
ମହାବିଦ୍ୟାଳୟ
ମୋ - ୭୬୮୧୦୪୪୮୬୪






# ପାଣି ଭିତରେ ୧୧ ଘଣ୍ଟା ପଶି ସୁଟିଂ କଲେ ରକୁଲ ପ୍ରୀତ

ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରୀତ ସିଂହ ବାସ୍ତବରେ ଖୁବ୍ ପରିଶ୍ରମୀ। ତାହା ହୋଇ ନଥିଲେ ଗତ ମଙ୍ଗଳବାର ସେ ପାଣି ଭିତରେ ଦୀର୍ଘ ୧୧ ଘଣ୍ଟା ସୁଟିଂ କରି ନ ଥାନ୍ତେ। ଥଣ୍ଡା ପାଣିରେ ଏତେ ସମୟ ଧରି ରହିବା ଯଦିଓ ତାଙ୍କ ଜୀବନର ସବୁଠାରୁ କଷ୍ଟଦାୟକ ଅଭିଜ୍ଞତା ଥିଲା, ତଥାପି ସେ ସୁଟିଂରେ ମନ ମୁତାବକ ଅଭିନୟ କରିପାରିଥିବାରୁ ଆତ୍ମସନ୍ତୋଷ ପ୍ରକାଶ କରିଛନ୍ତି। ଥଣ୍ଡାରୁ ବର୍ତ୍ତିବା ଲାଗି ସେ ଆୟୁର୍ବେଦିକ କାଢ଼ା ବ୍ୟବହାର କରୁଥିବା ସାମାଜିକ ଗଣମଧମରେ ଏକାଧିକ ଫଟୋ ମଧମରେ ଜଣାଇଛନ୍ତି। ଇନ୍ଷ୍ଟାଗ୍ରାମ୍‌ରେ ଛାଡ଼ିଥିବା ଫଟୋଗୁଡ଼ିକରେ ସେ ଟାୱେଲ୍ ଘୋଡ଼େଇହୋଇ ଔଷଧ ପିଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ରକୁଲଙ୍କ ଲାଗି ଏ ବର୍ଷଟି ଏକ ଘଟଣାବହୁଳ ତଥା ସଫଳ ବର୍ଷ ବୋଲି କୁହାଯାଇପାରେ, ଯଦିଓ ତାଙ୍କର ଶେଷ ଚଳଚ୍ଚିତ୍ର 'ଥ୍ୟାଙ୍କ୍ ଗଡ୍' ବ୍ୟାବସାୟିକ ରୂପେ ବିଫଳ ହୋଇଥିଲା। ୨୦୨୨ରେ ରକୁଲଙ୍କର ସମୁଦାୟ ପାଞ୍ଚଟି ସିନେମା ମୁକ୍ତିଲାଭ କରିଛି- ଆଟାକ୍, କଟପୁତଲି, ରନ୍‌ୱେ ୩୪, ଡକ୍ଟର ଜି ଓ ଥ୍ୟାଙ୍କ୍ ଗଡ୍। ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ରର ନାମ ହେଉଛି 'ଛତ୍ରିୱାଲେ'। ଏହା ତାଙ୍କ ଲାଗି ବେଶ୍ ସ୍ୱତନ୍ତ୍ର, କାରଣ ଏତେ ବର୍ଷ ବଲିଉଡ୍‌ରେ କାମ କରିବା ପରେ ପ୍ରଥମ ଥର ପାଇଁ ତାଙ୍କୁ ଏଥିରେ ଶୀର୍ଷକ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଛି। ଏହି ଚଳଚ୍ଚିତ୍ରରେ ସେ ଏକ କଣ୍ଡୋମ୍ କାରଖାନାର କର୍ମଚାରୀ ଭୂମିକାରେ ଦେଖାଦେବେ। ଏହାର କାହାଣୀ ଯୌନତା ସମ୍ପର୍କିତ ହୋଇଥିଲେ ହେଁ ଏହା ବ୍ୟଙ୍ଗ ଓ ସମ୍ବେଦନାଶୀଳତା ମାଧ୍ୟମରେ ଏକ ଗୂଢ଼ ସାମାଜିକ ବାର୍ତ୍ତା ପ୍ରଦାନ ବୋଲି କୁହାଯାଉଛି। ପରିବାର ସହିତ ଦେଖିହେବା ଭଳି ଢଙ୍ଗରେ ଏହା ନିର୍ମିତ ହୋଇଥିବା ନେଇ ରକୁଲ ଦୃଢ଼ୋକ୍ତି ପ୍ରକାଶ କରନ୍ତି। 'ଛତ୍ରିୱାଲେ' ଆସନ୍ତା ବର୍ଷ ମୁକ୍ତିଲାଭ କରିବ। ଏହା ସହିତ ରକୁଲଙ୍କ ହାତରେ ଆଉ ଏକ ଚଳଚ୍ଚିତ୍ର ଅଛି ଯେଉଁଥିରେ ସେ ଭୂମି ପେଡ୍‌ନେକର ଓ ଅର୍ଜ୍ଜୁନ କପୁରଙ୍କ ସହିତ ଅଭିନୟ କରିବେ।

# ଉର୍ଫିଙ୍କ ମୁହଁ ବନ୍ଦ : ଡାକ୍ତର କହିଲେ- କଥା ବନ୍ଦକର



ସାମାଜିକ ଗଣମାଧ୍ୟମରେ ଉର୍ଫି ଜାଭେଦ ଯେତିକି ଲୋକପ୍ରିୟ, ଉଦ୍ଭଟ ପୋଷାକ ପରିଧାନକୁ ନେଇ ସେ ସେତିକି ଅପବାଦର ମଧ୍ୟ ସମ୍ମୁଖୀନ ହୋଇଥାନ୍ତି। ତେବେ କୌଣସିମତେ ସେ ଡିଜିଟାଲ୍ ମନୋରଞ୍ଜନ ଦୁନିଆରେ ଜଣେ ସୁପରିଚିତ ଚେହେରା ପାଲଟି ବିଗ୍ ବସ୍ ଭଳି କାର୍ଯ୍ୟକ୍ରମରେ ଭାଗ ନେଇସାରିଛନ୍ତି। ଉର୍ଫି ନିକଟରେ ଛୁଟି କାଟିବା ପାଇଁ ଦୁବାଇ ଯାଇଥିଲେ। ତେବେ ସେଠାରେ ପହଞ୍ଚିବାର କିଛି ଦିନ ପରେ ତାଙ୍କ ଗଳାରେ ସଂକ୍ରମଣ ହୋଇଥିବାର ଜଣାପଡ଼ିଥିଲା। ଏହି ଅବସରରେ ସେ ଡାକ୍ତରଖାନାରୁ ଏକ ରୋଚକ ଭିଡିଓ ଇନ୍ଷ୍ଟାଗ୍ରାମ୍‌ରେ ଛାଡ଼ିଛନ୍ତି।

ସେଥିରେ ଉର୍ଫି ଲାରିଞ୍ଜାଇଟିସ୍ ଦ୍ୱାରା ସଂକ୍ରମିତ ହେବାର ଅଭିଜ୍ଞତା ବଖାଣୁଥିବା ବେଳେ ଡାକ୍ତର ସେଥିରେ ହସ୍ତକ୍ଷେପ କରି ତାଙ୍କୁ ପାଟି ବନ୍ଦ ରଖିବାକୁ କହିବାର ଦେଖିବାକୁ ମିଳିଛି। ଅତ୍ୟଧିକ ପାଟି କରିବା ଅଥବା ଭୂତାଣୁ ସଂକ୍ରମଣ କାରଣରୁ ସ୍ୱର ପେଟିକା ଫୁଲିଗଲେ ସେହି ଅବସ୍ଥାକୁ ଲାରିଞ୍ଜାଇଟିସ୍ କୁହାଯାଏ। ସ୍ୱର ତନ୍ତ୍ର ଫୁଲିଯିବା କାରଣରୁ ସ୍ୱର ବିକୃତ ଶୁଣାଯାଏ। ତେଣୁ ଡାକ୍ତର ଉର୍ଫିଙ୍କୁ କିଛିଦିନ ଚୁପ୍‌ଚାପ୍ ବିଶ୍ରାମ ନେବାକୁ କହିଛନ୍ତି। ତାଙ୍କ ଲାଗି ଦୁଃଖର କଥା ହେଲା ଯେ ଦୁବାଇରେ ଗମାତ କରିବାର ସବୁତକ ଯୋଜନା ତାଙ୍କୁ ବାତିଲ କରିବାକୁ ପଡ଼ିଛି। ଏହି ୨୫ ବର୍ଷୀୟା ଡିଜିଟାଲ୍ ତାରକା ଏକାଧିକ ସଂଗୀତ ଭିଡିଓରେ ଅଭିନୟ କରିସାରିଛନ୍ତି। ମାସେ ତଳେ ମୁକ୍ତିଲାଭ କରିଥିବା 'ହାୟେ ହାୟେ ୟେ ମଜବୁରି' ଭିଡିଓରେ ସେ ଯୌନ ଉଦ୍ଦୀପକ ପୋଷାକ ପିନ୍ଧିଥିବା କାରଣରୁ ତାଙ୍କ ନାମରେ ଅଭିଯୋଗ ଦାଖଲ କରାଯାଇଥିଲା। ଅପରପକ୍ଷେ ହ୍ୱାଟ୍‌ସଆପ୍ ଯୋଗେ ତାଙ୍କୁ ବଳାତ୍କାର ଓ ହତ୍ୟା ଧମକ ମିଳିଥିବା ନେଇ ସେ ଅଭିଯୋଗ କରିବା ପରେ ବିହାରର ନବୀନ ଗିରି ନାମକ ଯୁବକକୁ କିଛି ଦିନ ତଳେ ପୁଲିସ ଗିରଫ କରିଛି। ପେସାଦାର ଜୀବନରେ ଉର୍ଫି ଏବେ ଏମ୍‌ଟିଭିରେ ପ୍ରସାରିତ 'ସ୍ପ୍ଲିଟ୍‌ସଭିଲା ୧୪' ନାମକ ଡେଟିଂ କାର୍ଯ୍ୟକ୍ରମରେ ଦେଖାଦେଉଛନ୍ତି।

# ଜାଣିଶୁଣି କୋଭିଡ୍-୧୯ ଆକ୍ରାନ୍ତ ହେଲେ ଚୀନା ଗାୟିକା ଜାନି ସାଙ୍ଗ୍

ଜାଣିଶୁଣି କରୋନାଭାଇରସ୍‌ଦ୍ୱାରା ସଂକ୍ରମିତ ହେବା ପରେ ଚୀନା ଗାୟିକା ତଥା ଗୀତିକାର ଜାନି ସାଙ୍ଗ୍ ସାମାଜିକ ଗଣମାଧ୍ୟମରେ ତୀବ୍ର ସମାଲୋଚିତ ହୋଇଛନ୍ତି। 'ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ୍' ରିପୋର୍ଟ କରିଛି, କୋଭିଡ୍ ପଜିଟିଭ୍ ବାହାରିଥିବା ବନ୍ଧୁମାନଙ୍କ ସହିତ ମିଳାମିଶା କରି ସେ କରୋନାଭାଇରସ୍‌ଦ୍ୱାରା ଆକ୍ରାନ୍ତ ହୋଇଥିବା କଥା କହିଛନ୍ତି। 'ୱେଇବୋ'ରେ ଗାୟିକା ସାଙ୍ଗ୍ କହିଛନ୍ତି ଯେ, ସେ ମଧ୍ୟ ଭୂତାଣୁ ବାହକ 'ମେଷ'ମାନଙ୍କ (ସିପ୍) ଘରକୁ ଯାଇଥିଲେ। ସମ୍ପ୍ରତି ଚୀନ୍‌ରେ 'ଓମିକ୍ରନ୍'ର 'ବିଏଫ୍.୭' ଭୂତାଣୁଜନିତ କୋଭିଡ୍-୧୯ ସଂକ୍ରମଣ ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ବେଳେ ସେ ଜାଣିଶୁଣି ଏଭଳି ବୋକାମି କରିବା ସଂକ୍ରାନ୍ତରେ ବୁଝାଇ ଦେଇଛନ୍ତି। ସେ କହିଛନ୍ତି, ଏବେଠୁ ସଂକ୍ରମିତ ହୋଇଗଲେ ନବବର୍ଷ ଅବ୍ୟବହିତ ସନ୍ଧ୍ୟାରେ ଆଉ ସଂକ୍ରମଣ ଆଶଙ୍କା ରହିବ ନାହିଁ। ଏବେ ସୁସ୍ଥ ହେବା ପାଇଁ ମୋ ପାଖରେ ସମୟ ଥିବାରୁ କୋଭିଡ୍-୧୯ ପଜିଟିଭ୍ ହୋଇଥିବା ଲୋକମାନଙ୍କ ସହିତ ମୁଁ ମିଳାମିଶା କଲି। ଜ୍ୱର, ତଣ୍ଟି ଦରଜ ଓ ଘୋଳାବିନ୍ଧା ଆଦି ଲକ୍ଷଣ ଦେଖା ଦେବାରୁ ସେ ଶୋଇପଡ଼ିଲେ। ତାଙ୍କର ଏହି ସବୁ ଲକ୍ଷଣ କୋଭିଡ୍ ରୋଗୀମାନଙ୍କ ଲକ୍ଷଣ ସହିତ ସମାନ ହୋଇଥିଲେ ବି ତାହା ଗୋଟିଏ ଦିନ ରହିଥିଲା ବୋଲି ୩୮ ବର୍ଷୀୟ ଗାୟିକା ସାଙ୍ଗ୍ କହିଛନ୍ତି।





# ଭାଇଙ୍କ ନିର୍ଦ୍ଦେଶନାରେ ଅଭିନୟ କଲେ ସୋନାକ୍ଷୀ

ସୋନାକ୍ଷୀ ସିହ୍ନାଙ୍କ ଭାଇ କୁଶ ଏସ୍ ସିହ୍ନା ନୂଆ କରି ନିର୍ଦ୍ଦେଶକ ଚେୟାରରେ ବସିଛନ୍ତି ଏବଂ 'ନିକିତା ରୟ ଏଣ୍ଡ୍ ଦି ବୁକ୍ ଅଫ୍ ଡାର୍କନେସ୍' ଶୀର୍ଷକ ଚଳଚ୍ଚିତ୍ର ମାଧ୍ୟମରେ ତାଙ୍କର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ ହୋଇଛି। ଏଥିରେ ଭାଇ-ଭଉଣୀ ପ୍ରଥମ ଥର ଲାଗି ପେସାଦାର ଜୀବନରେ ଏକାଠି ହୋଇଛନ୍ତି। ନିକଟରେ ଏହାର ସୁଟିଂ ସରିଛି। ଏଥିରେ ଶୀର୍ଷକ ଚରିତ୍ରରେ ଅଭିନୟ କରିଥିବା ସୋନାକ୍ଷୀ କହିଛନ୍ତି ଯେ ସୁଟିଂ ସମୟରେ ସେ ବ୍ୟକ୍ତିଗତ ସମ୍ପର୍କକୁ ପାରୁପର୍ଯ୍ୟନ୍ତ ଦୂରେଇ ରଖିବାକୁ ଚେଷ୍ଟା କରିଥିଲେ।

ଭାଇର ନିର୍ଦ୍ଦେଶନାରେ କାମ କରିବା ଅଭିଜ୍ଞତା ତାଙ୍କୁ ଚମତ୍କାର ଲାଗିଛି। ଏକାଠି ଗୋଟିଏ ଚଳଚ୍ଚିତ୍ରରେ କାମ କରିବା ବେଳେ ଉଭୟ ଉଭୟଙ୍କୁ ମନେ ପକାଇ ଦେଉଥିଲେ ଯେ ଘରର ଝଗଡ଼ା ସୁଟିଂ ସେଟ୍‌ରେ କରିବା ମନା। କୁଶ ଯେ ନିର୍ଦ୍ଦେଶକ ଏବଂ ସୋନାକ୍ଷୀ ତାଙ୍କର ଅଧୀନରେ କାମ କରୁଥିବା ଜଣେ ଅଭିନେତ୍ରୀ, ସେକଥା ମଧ୍ୟ ସୋନାକ୍ଷୀ ବାରମ୍ବାର ନିଜକୁ ସ୍ମରଣ କରାଉଥିଲେ। ଏକାଠି କାମ କରିବା ବେଳେ ଉଭୟ ପରସ୍ପରଙ୍କୁ ଜଣେ ଜଣେ ପେସାଦାର ଭାବେ ଚିହ୍ନିବା ଏକ ବିରାଟ ଆବିଷ୍କାର ଥିଲା ବୋଲି ସୋନାକ୍ଷୀ କହିଛନ୍ତି।

ଚଳଚ୍ଚିତ୍ରର ସୁଟିଂ ସୁଚାରୁ ରୂପେ ହୋଇଥିଲା ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ କୁଶ ସୁଟିଂ ଶେଷ କରିଦେଇଥିଲେ। ସୋନାକ୍ଷୀ ଲଣ୍ଡନ୍‌ରେ ଏହାର ସୁଟିଂରେ ଭାଗ ନେଇଥିଲେ। ତାଙ୍କ ସହିତ ଅର୍ଜ୍ଜୁନ ରାମପାଲ ଓ ପରେଶ ରାୱଲ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଆସନ୍ତା ବର୍ଷ 'ନିକିତା ରୟ ଏଣ୍ଡ୍ ଦି ବୁକ୍ ଅଫ୍ ଡାର୍କନେସ୍' ମୁକ୍ତିଲାଭ କରିବ। ଭାରତରେ ପଶୁଙ୍କ ଜୀବନ ରକ୍ଷା କାର୍ଯ୍ୟ ଲାଗି ସୋନାକ୍ଷୀଙ୍କୁ ନିକଟରେ 'ପେଟା ଇଣ୍ଡିଆ' ସଂଗଠନ ପକ୍ଷରୁ ୨୦୨୨ ମସିହାରେ ଶ୍ରେଷ୍ଠ ବ୍ୟକ୍ତିତ୍ୱ ପୁରସ୍କାର ମିଳିଛି। ଶେଷ ଥର ଲାଗି 'ଡବଲ୍ ଏକ୍ସଏଲ୍' ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ଦେଖିବାକୁ ମିଳିଥିଲା।

# 'ଅବତାର' ଚଳଚ୍ଚିତ୍ର କ'ଣ ହିନ୍ଦୁ ପୁରାଣ ଦ୍ୱାରା ଅନୁପ୍ରାଣିତ ?

ପ୍ରସିଦ୍ଧ ହଲିଉଡ ନିର୍ଦ୍ଦେଶକ ଜେମ୍ସ କାମେରନଙ୍କ ଫିଲ୍ମ ଅବତାର-୨ ଏବେ ସମଗ୍ର ବିଶ୍ୱରେ ଚହଳ ପକାଇଦେଇଛି । ପ୍ରଥମ ୪ ଦିନରେ ହିଁ ଏହି ଫିଲ୍ମ ଭାରତରେ ୧୦୦ କୋଟି ଟଙ୍କାର ବ୍ୟବସାୟ କରିଛି ଓ ସମଗ୍ର ବିଶ୍ୱରେ ପ୍ରାୟ ୩୫୦୦ କୋଟି ଟଙ୍କାର ବ୍ୟବସାୟ କରିଛି । ଏହି ଫିଲ୍ମରେ ଅତ୍ୟନ୍ତ ଚମତ୍କାର ଭିଏଫଏକ୍ସର ପ୍ରୟୋଗ କରାଯାଇଛି ଯାହାକି ଦର୍ଶକମାନଙ୍କ ମନ୍ତ୍ରମୁଗ୍ଧ କରିଦେଉଛି । ତେବେ ଏହି ଫିଲ୍ମର ନାମ ଅବତାର କାହିଁକି ? କଣ ଏହା ଆମ ପୁରାଣରେ ଥିବା ଭଗବାନଙ୍କ ଅବତାରକୁ ବୁଝାଉଛି ? କଣ ଆମ ପୁରାଣରୁ ଅନୁପ୍ରାଣିତ ହୋଇ ଏହି ଚଳଚ୍ଚିତ୍ର ତିଆରି କରିଛନ୍ତି କାମେରନ ଏପରି ଅନେକ ପ୍ରଶ୍ନ ଭାରତୀୟଙ୍କ ମନରେ ସୃଷ୍ଟି ହୋଇଛି।

ଏସବୁ ପ୍ରଶ୍ନର ଉତ୍ତର ନିଜେ ଜେମ୍ସ କାମେରନ ପୂର୍ବରୁ ହିଁ ଦେଇସାରିଛନ୍ତି । ୨୦୦୯ରେ ରିଲିଜ ହୋଇଥିବା ଅବତାର-୧ ବେଳେ ସେ ଭାରତୀୟ ଟିଭି ଚ୍ୟାନେଲ ହେଡଲାଇନ ଟୁଡେ (ବର୍ତ୍ତମାନର ଇଣ୍ଡିଆଟୁଡେ) କୁ ଏକ ସାକ୍ଷାତକାର ଦେଇ ସେ କହିଥିଲେ ଯେ ଏହି ଫିଲ୍ମର ନାମ ଭାରତୀୟ ପୁରଣାର ଅବତାରରୁ ହିଁ ଆସିଛି । ଭାରତୀୟ ପୁରାଣ ଅନୁସାରେ ଈଶ୍ୱର ହାଡ଼ମାଂସର ଶରୀର ନେଇ ପୃଥିବୀରେ 'ଅବତାର' ଗ୍ରହଣ କରନ୍ତି । ସେଥିରୁ ଅନୁପ୍ରାଣିତ ହୋଇ ବିଜ୍ଞାନ ବଳରେ ମଣିଷର ଅବତାର କଥା ଉକ୍ତ ଫିଲ୍ମରେ କୁହାଯାଇଛି । ସେ କହିଛନ୍ତି ଯେ, ପାଶ୍ଚାତ୍ୟ ଲୋକମାନେ ଅବତାର ଶବ୍ଦକୁ ଠିକଭାବେ କହିପାରୁନାହାନ୍ତି, କିନ୍ତୁ ଭାରତୀୟମାନେ ଯେପରି କହୁଛନ୍ତି ତାହା ଠିକ । ଏହି ସାକ୍ଷାତକାରରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ହିନ୍ଦୁ ପରମ୍ପରା ତାଙ୍କୁ ସବୁବେଳେ ଆମୋଦିତ ଓ ଆକୃଷ୍ଟ କରିଥାଏ ।



# ଓସ୍କାର ଦୌଡ଼ରେ 'କନ୍ତାରା'

ଓସ୍କାର ଦୌଡରେ ଚଳିତ ବର୍ଷର ସବୁଠାରୁ ବଡ ବ୍ଲକବଷ୍ଟର ହିଟ୍ ଫିଲ୍ମ କନ୍ତାରା। ନିଆରା କାହାଣୀ ଓ ବକ୍ସ ଅଫିସରେ ଦମଦାର ବ୍ୟବସାୟ କରି ପ୍ରତ୍ୟେକ କୋଣଅନୁକୋଣରୁ ଦର୍ଶକଙ୍କୁ ପ୍ରଭାବିତ କରିବା ପରେ ଏହି ଫିଲ୍ମ ଏବେ ଓସ୍କାର-୨୦୨୧ ଉପରେ ନଜର ପକାଇଛି। ଏନେଇ କନ୍ତାରା ଫିଲ୍ମର ନିର୍ମାତା ତଥା ଅଭିନେତା ରିଷଭ ଶେଟ୍ଟୀ ସୂଚନା ଦେଇଛନ୍ତି। ଏହି ଫିଲ୍ମକୁ ଓସ୍କାର ନମିନେସନ ପାଇଁ ପଠାଯାଇଛି। ଆରଆରଆର୍ ପରେ ଭାରତୀୟ ସିନେମା ତରଫରୁ କନ୍ତାରା ସବୁଠୁ ବଡ ପୁରସ୍କାର ଦ ଏକାଡେମୀ ଆୱାର୍ଡରେ ନିଜର ଭାଗ୍ୟ ପରୀକ୍ଷା କରିବ। ଫିଲ୍ମକୁ ନିଶ୍ଚିତ ପୁରସ୍କାର ମିଳିବ ବୋଲି ନିର୍ମାତା ଆଶା ରଖିଛନ୍ତି। ରିଷଭ ଶେଟ୍ଟୀଙ୍କ ଫିଲ୍ମ କନ୍ତାରା ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଏକ ବଡ ହିଟ୍ ଫିଲ୍ମ ପ୍ରମାଣିତ ହୋଇଛି। ଏହା ବାହୁବଳି, କେଜିଏଫ୍, ଆରଆରଆର୍ ଓ ପୁଷ୍ପା ଭଳି ହିଟ୍ ଫିଲ୍ମ ଲିଗ୍ କ୍ଲବ୍‌ରେ ସାମିଲ ହୋଇଯାଇଛି। ଏହି ଫିଲ୍ମ ପ୍ରତିଟି କୋଣରେ ପହଞ୍ଚି ଦର୍ଶକଙ୍କୁ ପ୍ରଭାବିତ କରିଛି। କେବଳ ଦର୍ଶକ ନୁହନ୍ତି ସେଲେବ୍ରିଟି, କ୍ରିକେଟର ଓ ରାଜନେତାମାନେ ମଧ୍ୟ ଏହି ଫିଲ୍ମକୁ ନେଇ ପ୍ରଶଂସା କରିଛନ୍ତି।



# ୩୯ବର୍ଷ ବୟସରେ ମା' ହେବେ ଗୌହର ଖାନ୍, ଇନଷ୍ଟା ଭିଡିଓରେ ଦେଲେ ସୂଚନା

ସୋନମ-ଆନନ୍ଦ, ଆଲିଆ-ରଣବୀରଙ୍କ ପରେ ଏବେ ମାତାପିତା ହେବାକୁ ଯାଉଛନ୍ତି ବଲିଉଡ ଅଭିନେତ୍ରୀ ଗୌହର ଖାନ୍ ଓ ଜୌଦ ଦରବାର। ଅଭିନେତ୍ରୀ ଗୌହର ଖାନ୍ ଇନଷ୍ଟାରେ ଏକ ଭିଡିଓ ପୋଷ୍ଟ କରି ଏହି ଖୁସି ଖବର ଦେଇଛନ୍ତି। ଏହି ଖୁସି ଖବର ବିଷୟରେ ଘୋଷଣା କରି ଗୌହର ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଇନଷ୍ଟାଗ୍ରାମରେ ଏକ ଆନିମେଟେଡ୍ ଭିଡିଓ ସେୟାର କରିଛନ୍ତି। ଭିଡିଓର କ୍ୟାପସନରେ ସେ ଲେଖିଛନ୍ତି – ବିସ୍ମିଲ୍ଲା ହିର ରହମାନ ନିର ରହୀମ। ଆପଣ ସମସ୍ତଙ୍କ ପ୍ରାର୍ଥନା ଏବଂ ଭଲପାଇବା ଆବଶ୍ୟକ। ମା ଶା ଆଲ୍‌ହା। ଆନିମେଟେଡ୍ ଭିଡିଓରେ ଦେଖାଯାଇଛି ଯେ, ଗୌହର ନିଜ ସ୍ୱାମୀ ଜୌଦଙ୍କ ସହ ବାଇକରେ ଯାଉଛନ୍ତି। ଭିଡିଓରେ ଲେଖାଯାଇଛି, ଏକ୍ ସେ ବନେ ଦୋ, ଜବ ଜୌଦ ସେ ମିଲି ଗୌହର। ଏହା ପରେ ବାଇକରେ ଏକ କ୍ୟାରିୟର ଯୋଡି ହେଉଛି, ଯେଉଁଥିରେ କିଛି ଖେଳନା ରଖାଯାଇଛି। ଏହା ପରେ ଲେଖାଯାଉଛି, ଆମେ ଖୁବ ଶୀଘ୍ର ୩ହେବାକୁ ଯାଉଛୁ। ଗୌହରଙ୍କ ଏହି ପୋଷ୍ଟ ପରେ ଲୋକେ ତାଙ୍କୁ ଶୁଭେଚ୍ଛା ଦେବା ଆରମ୍ଭ କରିଛନ୍ତି। ଗୌହରଙ୍କୁ ୩୯ବର୍ଷ ବୟସ ହୋଇଥିବା ବେଳେ ସେ ୨୦୨୦ରେ ଜୌଦ ଦରବାରଙ୍କୁ ବିବାହ କରିଥିଲେ।



## ୧୧ ଲକ୍ଷ ଛାତ୍ରୀଙ୍କୁ ମିଳିବ ସାନିଟାରି ନାପ୍‌କିନ୍

ଭୁବନେଶ୍ୱର , ୨୨/୧୨ (ନି.ପ୍ର): ୨୦୨୨-୨୩ ଶିକ୍ଷାବର୍ଷରେ ରାଜ୍ୟର ୧୧ ଲକ୍ଷ ୨୩ ହଜାର ୭୧ ଛାତ୍ରୀଙ୍କୁ ମାଗଣା ସାନିଟାରି ନାପ୍‌କିନ୍ ବଣ୍ଟନ କରାଯିବ। ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରୀଙ୍କୁ ଏହି ପ୍ୟାଡ୍ ବଣ୍ଟନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। କେଉଁ ଶ୍ରେଣୀରେ କେତେ ଛାତ୍ରୀ ପଢୁଛନ୍ତି ତାହାର ତଥ୍ୟ ସଂଗ୍ରହ ଶେଷ ହୋଇଛି। ୭ମ ଶ୍ରେଣୀରେ ସର୍ବାଧିକ ୨ଲକ୍ଷ ୬୯ ହଜାର ୮୯୫ ଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ୬ଷ୍ଠ ଶ୍ରେଣୀରେ ୨ ଲକ୍ଷ ୬୫ ହଜାର ୯୧୩, ୮ମ ଶ୍ରେଣୀରେ ୨ ଲକ୍ଷ ୪୩ ହଜାର ୫୨୬, ୯ମ ଶ୍ରେଣୀରେ ୧ ଲକ୍ଷ ୮୩ ହଜାର ୩୨୪ ଓ ୧୦ମ ଶ୍ରେଣୀରେ ୧ ଲକ୍ଷ ୬୦ ହଜାର ୪୧୩ଜଣ ପଢୁଛନ୍ତି।

ଯଦି ଜିଲ୍ଲା ଅନୁଯାୟୀ ଦେଖାଯାଏ ତାହା ହେଲେ ଗଞ୍ଜାମରେ ୯୧ ହଜାର ୪୮୧ଜଣ ଛାତ୍ରୀ ରହିଥିବା ବେଳେ ମୟୂରଭଞ୍ଜରେ ୭୭ହଜାର ୪୯୪, ବାଲେଶ୍ୱରରେ ୫୯ ହଜାର ୪୫୭, କେନ୍ଦୁଝରରେ ୫୪ ହଜାର ୮୨୦, କଟକରେ ୫୪ ହଜାର ୭୫୨, ବଲାଙ୍ଗୀରରେ ୫୧ହଜାର ୭୦୮, କୋରାପୁଟରେ ୪୯ହଜାର ୭୬୪, ସୁନ୍ଦରଗଡ଼ରେ ୪୮ହଜାର ୮୯୯, ନବରଙ୍ଗପୁରରେ ୪୮ହଜାର ୩୮୩, କଳାହାଣ୍ଡିରେ ୪୮ ହଜାର ୭୦, ଖୋର୍ଦ୍ଧାରେ ୪୫ ହଜାର ୧୧, ଯାଜପୁରରେ ୪୭ହଜାର ୪୪୬, ଭଦ୍ରକରେ ୪୩ ହଜାର ୫୮ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଦେବଗଡ଼ରେ ସର୍ବନିମ୍ନ ୭୩୯୯ ଜଣ ଛାତ୍ରୀ ରହିଛନ୍ତି। ଉକ୍ତ ଛାତ୍ରୀମାନଙ୍କୁ ସାନିଟାରି ନାପ୍‌କିନ୍ ସଂଗ୍ରହ ଦିଗରେ ପଦକ୍ଷେପ ନିଆଯାଉଛି।

# କୃଷକଙ୍କୁ ନ୍ୟାୟ ପାଇଁ ପ୍ରତ୍ୟେକ ସବଡିଭିଜନରେ ପ୍ରତିବାଦ ଓ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଚାଷୀଙ୍କୁ ନ୍ୟାୟ ଦେବା ଦାବିରେ ଆଜି ରାଜ୍ୟର ସବ୍‌ଡିଭିଜନରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରତିବାଦ ଏବଂ ଉପଜିଲ୍ଲାପାଳଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଧାନମଣ୍ଡି ଖୋଲିଛନ୍ତି ବୋଲି ମିଥ୍ୟା ଚିତ୍କାର କରୁଛନ୍ତି କିନ୍ତୁ ବାସ୍ତବରେ ଓଡ଼ିଶାର ଉପକୂଳ ଓ ଦକ୍ଷିଣାଂଚଳରେ ଧାନ ଅମଳ ପାଖାପାଖି ୮୦% ଶେଷ ହୋଇଯାଇଥିଲେ ବି ଧାନମଣ୍ଡି ଖୋଲା ଯାଇନାହିଁ। ଚାଷୀମାନଙ୍କ ଲାଗି ପଶ୍ଚିମଓଡ଼ିଶା ଅଂଚଳରେ ଖୋଲାଯାଇଥିବା ଧାନମଣ୍ଡି ଗୁଡିକର କୁପରିଚାଳନା ଓ ବିଶୃଙ୍ଖଳା କାରଣରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଅନ୍ନଦାତାଙ୍କ ପ୍ରତି ରାଜ୍ୟ ସରକାରଙ୍କର ଏଭଳି ହତାଦାର ଓ ଅନ୍ୟାୟ ବିରୋଧରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ଉପଜିଲ୍ଲାପାଳମାନଙ୍କୁ ଦାବିପତ୍ର ଦିଆଯିବା ସହ ୨୨ରୁ ୨୮ ତାରିଖ ଆଗାମୀ ୭ଦିନ ଧରି ମଣ୍ଡିଚାଲ ଅଭିଯାନ କାର୍ଯ୍ୟକ୍ରମରେ ଧାନମଣ୍ଡିକୁ ଯାଇ ଚାଷୀଙ୍କ ସହ ଆଲୋଚନା କରାଯିବ।

ଏମଏସ୍‌ପି ଓ ଧାନମଣ୍ଡିର ସସମ୍ୟା ତର୍ଜମା କରିବା ପାଇଁ ବିଜେପି କିଷାନ ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ରାଜକୁମାର ଚହର୍ ଆସନ୍ତା ୨୪ ଓ ୨୫ତାରିଖ ଦୁଇଦିନିଆ ଓଡ଼ିଶାଗସ୍ତରେ ଆସୁଛନ୍ତି। ବିଭିନ୍ନ ଅଂଚଳ ଗସ୍ତ କରିବା ସହ ରାଜ୍ୟ ବିଜେପି କାର୍ଯ୍ୟାଳୟରେ କିଷାନ ମୋର୍ଚ୍ଚାର ପରିବର୍ଦ୍ଧିତ ବୈଠକରେ ଯୋଗ ଦେଇ ଓଡ଼ିଶାରେ ଚାଲିଥିବା ଧାନମଣ୍ଡି ଅବ୍ୟବସ୍ଥା, ଏମ୍‌ଏସପି, ଚାଷୀଙ୍କୁ ଶୋଷଣ, ଜୈବିକ କୃଷିକୁ ପ୍ରୋତ୍ସାହନ, ସର୍ବପରି କୃଷକଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଏକ ଦୁର୍ବାର ଆନ୍ଦୋଳନ ଲାଗି ମାର୍ଗ ଦର୍ଶନ କରିବେ ବୋଲି ରାଜ୍ୟ କୃଷକମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି।

ମଣ୍ଡି ଖୋଲି ନଥିବା ସ୍ଥାନରେ ତୁରନ୍ତ ମଣ୍ଡି ଖୋଲିବା, ମଣ୍ଡିର ପରିଚାଳନାଗତ ତ୍ରୁଟି ସଜାଡିବା, କୃଷକ ରେଜିଷ୍ଟ୍ରେସନରେ ଅନିୟମତିତା ଓ ପାତର ଅନ୍ତର ନୀତି ବନ୍ଦ କରିବା, ସେଂଟ୍ରାଲ ଟୋକନ ନାଁରେ ଭ୍ରଷ୍ଟାଚାର ବନ୍ଦ କରିବା, କଟନୀ-ଛଟନୀ ବନ୍ଦ କରିବା, ଚାଷୀ ମୁଣ୍ଡ ପିଛା ସର୍ବାଧିକ ୬୦କ୍ୱିଂଟାଲ ଧାନବିକ୍ରି କରିବା ନିଷ୍ପତିକୁ ରଦ୍ଦ କରି ବିକ୍ରି ସୀମାକୁ ବୃଦ୍ଧି କରିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଏମ୍‌ଏସପି ଚାଷୀଙ୍କୁ ପ୍ରଦାନ ଏବଂ ମୁଖ୍ୟମନ୍ତ୍ରୀ ୨୦୧୬ରେ ଘୋଷଣା କରିଥିବା କ୍ୱିଂଟାଲ ପିଛା ୧୦୦ଟଙ୍କା ବୋନସ ତୁରନ୍ତ ପ୍ରଦାନ କରନ୍ତୁ ସମେତ ୧୦ଦଫା ଦାବି ନେଇ ଉପଜିଲ୍ଲାପାଳଙ୍କୁ ଘେରିଥିଲା ବିଜେପି। ଉପଜିଲ୍ଲାପାଳମାନଙ୍କ ମାଧ୍ୟମରେ ୭ଦିନର ମହଲତ ଦେଇ ସମସ୍ତ ଦାବି ଗୁଡିକ ପୂରଣ ନହେଲେ ଆଗାମୀ ଦିନରେ କୃଷକଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ବିଜେପି।

# ଓଡ଼ିଶାର ପ୍ରଜ୍ଞାପନ ମେଢକୁ ବାଦ୍ ଦେବା କେନ୍ଦ୍ରର ହୀନ ରାଜନୀତି : ପାଇକ ମହାସଂଘ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଆଗାମୀ ସାଧାରଣତନ୍ତ୍ର ଦିବସରେ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ପୁନରାୟ ବାଦ୍ ଦେବା ଓଡ଼ିଶା ପ୍ରତି କେନ୍ଦ୍ରର ଏକ ବୈମାତୃକ ମନୋଭାବ ବୋଲି ମନେହୁଏ। କେଉଁ ଆଧାରରେ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ବାରମ୍ବାର ୨୦୨୧, ୨୦୨୨, ୨୦୨୩ରେ ବାଦ୍ ଦିଆଯାଇଛି। ଓଡ଼ିଶାର କଳା ଓ ସଂସ୍କୃତିକୁ କେନ୍ଦ୍ର ସରକାର ଅବହେଳା, ହୀନମନ୍ୟତା କରିଥିବାରୁ ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ରାଜ୍ୟ ସଭାପତି ଅଶୋକ ପାଲଟାସିଂହ କେନ୍ଦ୍ର ସରକାରଙ୍କୁ ତୀବ୍ର ନିନ୍ଦା କରିଛନ୍ତି। କଳାର ଗନ୍ତୁରୀ ପାଇଁ ଏ ରାଜ୍ୟ ଉତ୍କଳ। ଚଳିତବର୍ଷ କଟକ ବାଲିଯାତ୍ରାକୁ ସୁଦୂର ବାଲିଦ୍ୱିପରେ ପ୍ରଧାନମନ୍ତ୍ରୀ ଭୂୟସୀ ପ୍ରଶଂସା କରି ଉତ୍କଳୀୟ କଳାର ଅବତାରଣ କରିଥିଲେ। ପରନ୍ତୁ ପ୍ରତ୍ୟେକବର୍ଷ ସାଧାରଣତନ୍ତ୍ର ଦିବସରେ ପ୍ରଜ୍ଞାପନ ମେଢ ମାଧ୍ୟମରେ ଓଡ଼ିଶାର କଳାକୁ ସମଗ୍ର ଦେଶ ନୁହେଁ, ବିଶ୍ୱର କୋଣ ଅନୁକୋଣର ଜନସାଧାରଣ ଦେଖିବାର ସୁଯୋଗ ପାଇଥାଆନ୍ତି। ପରନ୍ତୁ ଚୟନକର୍ତାମାନେ କେଉଁ ଆଧାରରେ ଏହାକୁ ବାଦ୍ ଦେଉଛନ୍ତି ବା ହୀନ ରାଜନୈତିକ ଅଭିସନ୍ଧି ରଖି ଏହା କରାଯାଉଛି ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସଂସ୍କୃତି ବିଭାଗ ଏହା ଉପରେ ତଦନ୍ତ କରିବାକୁ ପାଇକ ମହାସଂଘ ଦାବି କରିଛି। ଚଳିତବର୍ଷ 'ପାଇକ ଆଖଡ଼ା' ଓ ଦେଶ ସ୍ୱାଧୀନତାରେ ସହଦ ହୋଇଥିବା ଓଡ଼ିଶାର ମହାନ୍ ଜନ ନାୟକଙ୍କୁ ନେଇ ପ୍ରଜ୍ଞାପନ ମେଢ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କୁ ନିଖିଳ ଓଡ଼ିଶା ପାଇକ ମହାସଂଘ ପ୍ରସ୍ତାବ ଦେଇଥିଲା। ରାଜ୍ୟ ସରକାର ଏହା ଉପରେ ପଦକ୍ଷେପ ନେଲେନାହିଁ। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ବାରମ୍ବାର ଓଡ଼ିଶା ପ୍ରତି ଚରମ ଅବହେଳା ପ୍ରଦର୍ଶନ କରି ଚ୍ଲିଛନ୍ତି। ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ 'ପାଇକ ବିଦ୍ରୋହ'କୁ ବର୍ତମାନ ସୁଦ୍ଧା କେନ୍ଦ୍ର ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ନ କରିବା ଏକ ବିଡ଼ମ୍ବନାର ବିଷୟ। କେନ୍ଦ୍ର ସରକାର ବାରମ୍ବାର ଏହି ହୀନ ରାଜନୀତିକୁ ମହାସଂଘର କର୍ମକର୍ତାମାନେ ତୀବ୍ର ବିରୋଧ କରିବା ସହିତ ଆଗାମୀ ଦିନରେ କେନ୍ଦ୍ରକୁ କଡ଼ା ଜବାବ ଦେବାକୁ ମହାସଂଘ ଚେତାବନୀ ଦେଇଛି। ଏହି ନିନ୍ଦା ପ୍ରସ୍ତାବକୁ ମହାସଂଘର ରାଜ୍ୟ ସଂଯୋଜକ କେଦାର ଦାସ, ସାଧାରଣ ସମ୍ପାଦକ ପ୍ରଫେସର ଗାୟନ ସାମଲ, କଟକ ଜିଲ୍ଲା ସଭାପତି ରାଜକିଶୋର ବେହେରା, ଖୋର୍ଦ୍ଧା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, ମୁଖପାତ୍ର ରାଜୀବ ନୟନ ରଥ, ଉପଦେଷ୍ଟା ବିଭୂତି ସ୍ୱାଇଁ, ଢେଙ୍କାନାଳ ସଭାପତି ବନ ସାମଲ, ଜଗତସିଂହପୁର ସଭାପତି ବିଦ୍ୟାଧର ନାୟକ, ପାଇକଗୁରୁ ଭାସ୍କର ସୁନ୍ଦରାୟ, କଣାସ ଦଳବେହେରା ମନୋରଞ୍ଜନ ପଶ୍ଚିମ କବାଟ ପ୍ରମୁଖ ତୀବ୍ର ନିନ୍ଦା କରିଛନ୍ତି।

# ବଲାଙ୍ଗିରରେ ସର୍ବଭାରତୀୟ ଗୋପାଳନ ସମ୍ମିଳନୀ ଉଦ୍‌ଘାଟନ କଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ ବଲାଙ୍ଗିର ଗସ୍ତରେ ଯାଇ ଆଜି ସେଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ସର୍ବଭାରତୀୟ ଗୋପାଳନ ସମ୍ମିଳନୀର ଶୁଭଉଦ୍‌ଘାଟନ କରିଛନ୍ତି । ବଲାଙ୍ଗିର ଏବେ ଗୋପାଳନ ଏବଂ ଦୁଟ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲା ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ଗତ ଅକ୍ଟୋବର ମାସରେ ସଇଁତଳାଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ କରାଯାଇଥିବା ବୃହତ୍ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସ୍ଥାପନ ତା'ର ଏକ ଉଦାହରଣ। ଏହି ଅବସରରେ ଉପସ୍ଥିତ ଦୁଗ୍ଧ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ଦୁଗ୍ଧ ଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ନିର୍ବାଚିତ ଜନପ୍ରତିନିଧିଗଣ ମିଳିତ ଭାବରେ ଦଳଗତ ମନୋଭାବ ନେଇ ଏ ଦିଗରେ କାର୍ଯ୍ୟକଲେ ସଫଳତା ନିଶ୍ଚୟ ମିଳିପାରିବ ବୋଲି କହିଥିଲେ। ବିଜୁ ଏକ୍ସପ୍ରେସ୍ କରିଡୋରର ଲାଭ ଉଠାଇବା ସହ କୃଷି ଉଦ୍ୟୋଗ, ଗୋପାଳନ, ଉଦ୍ୟାନ କୃଷି, ପିସିକଲଚର ଭଳି ଉଦ୍ୟୋଗରେ ବିକାଶ କରାଯାଇପାରିବ ବୋଲି ସେ ଆଶାପୋଷଣ କରିଥିଲେ । ସଂପ୍ରତି ବଲାଙ୍ଗିର ଜିଲ୍ଲାରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦର ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ବିଶେଷ ଚାହିଦା ରହିଛି । ଦୁଗ୍ଧ ଉତ୍ପାଦନ ସଂସ୍ଥାଗୁଡ଼ିକର କ୍ଷମତାକୁ ଉଚିତ ମାର୍ଗରେ ପରିଚାଳିତ କରିପାରିଲେ ତାହା ପଶ୍ଚିମ ଓଡ଼ିଶାର ଲୋକଙ୍କୁ ପ୍ରକୃତରେ ସାମାଜିକ ଓ ଅର୍ଥନୈତିକ ଭାବେ ସଶକ୍ତ କରିପାରିବ ବୋଲି କହିଥିଲେ। ସେ ଯୁବବର୍ଗଙ୍କୁ ଆହ୍ୱାନ ଜଣାଇ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର, ବିଶେଷ କରି, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତି ଆକର୍ଷିତ ହେବା ଏବଂ ବାହାରୁ ଆସୁଥିବା କମ୍ପାନୀଗୁଡ଼ିକ ସହ ସହବନ୍ଧିତ ହୋଇ ଲାଭାନ୍ୱିତ ହେବାକୁ ସେ ପରାମର୍ଶ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଉତରାଂଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ, ବଲାଙ୍ଗିର ଜିଲ୍ଲାପାଳ ଚଂଚଲ ରାଣା, ବିକେଏମ୍ ଦୁଟ ସଂଘର ଅଧ୍ୟକ୍ଷା ଶ୍ରୀମତୀ ସୀମା ପଟେଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦେବକୀ ସାହୁ, ଓମ୍‌ଫେଡ୍ ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଚନ୍ଦ୍ର ସିହ୍ନା, ଡବ୍ଲ୍ୟୁଓଡିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଅଜିତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପି ତରଫରୁ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଚାଷୀଙ୍କୁ ନ୍ୟାୟ ଦେବା ପାଇଁ ଦାବୀ କରି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ତରଫରୁ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବିଜେପି ନେତୃବୃନ୍ଦ ଯାଇ ଖୋର୍ଦ୍ଧା ଜିଲ୍ଲା ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ଆସନ୍ତା ୨୨ ରୁ ୨୮ତାରିଖ ପର୍ଯ୍ୟନ୍ତ ବିଜେପି କାର୍ଯ୍ୟକର୍ତାମାନେ ରାଜ୍ୟର ବିଭିନ୍ନ ଅଂଚଳ ମଣ୍ଡି ପରିଦର୍ଶନ କରିବେ। ରାଜ୍ୟ ସରକାର ଚାଷୀକୁଳ ହିତ ପାଇଁ ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ ନକରିଲେ ପରବର୍ତୀ ପଦକ୍ଷପେ ସ୍ୱରୁପ ବଡ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ସିଂ ଚେତାବନୀ ଦେଇଛନ୍ତି। ଶ୍ରୀ ସିଂ କହିଛନ୍ତି ବର୍ତମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କାକୁ ପହଂଚିଲାଣି । ଅନ୍ୟ ପଟେ ରାଜ୍ୟ ସରକାର ପ୍ରତି ମୂହୁର୍ତରେ ଚାଷୀଙ୍କ ମାନସିକତା ଓ ଧର୍ଯ୍ୟକୁ ହତ୍ୟା କରିବା ଲାଗି ଜୋରସୋର ଉଦ୍ୟମ କରୁଛନ୍ତି। ରାଜ୍ୟରେ ବିଳମ୍ବରେ ମଣ୍ଡି ଖୋଲିବାରୁ ବାହାର ରାଜ୍ୟ ମୁହାଁ ଚାଷୀ। ଉପନିର୍ବାଚନ ପାଇଁ ପଦ୍ମପୁରରେ ୧୫ ଦିନ ପରେ ମଣ୍ଡି ଖୋଲିଲେ। ଉପକୂଳରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇନି, ଚାଷୀ ଦଲାଲକୁ ଧାନ ଦେଉଛନ୍ତି। ଡ୍ରୋନ୍ ସର୍ଭେରେ ୩୫% ଜମି ପଡ଼ିଆ ପଡ଼ିଥିବା ଜଣାପଡ଼ିଛି । ଏମଏସପି ପାଇଁ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉ ଏବଂ ୧୦୦ ଟଙ୍କା ବୋନସ କଥା କହିଥିବା ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଦିଅନ୍ତୁ।

# ଜାନୁଆରି ୨୫ରେ ଗଡ଼ିବ ଶ୍ରୀଜଗନ୍ନାଥ ସର୍କିଟ ଟ୍ରେନ

ଭୁବନେଶ୍ୱର , ୨୨/୧୨ (ନି.ପ୍ର): ରେଳ ମନ୍ତ୍ରଣାଳୟ ଅଧୀନ ଭାରତୀୟ ରେଳବାଇ କ୍ୟାଟରିଙ୍ଗ ଆଣ୍ଡ ଟୁରିଜିମ କର୍ପୋରେସନ (ଆଇଆରସିଟିସି) ପକ୍ଷରୁ ଭାରତ ଗୌରବ ଟ୍ରେନ ମାଧ୍ୟମରେ ଶ୍ରୀଜଗନ୍ନାଥ ଯାତ୍ରା ରେଳ ଟୁର ପ୍ୟାକେଜ୍ ଘୋଷଣା କରାଯାଇଛି। ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ 'ଦେଖୋ ଆପ୍ନା ଦେଶ' ପଦକ୍ଷେପ ଅନୁଯାୟୀ ଏକ ସ୍ୱତନ୍ତ୍ର ଟ୍ରେନ ଶ୍ରୀଜଗନ୍ନାଥ ଯାତ୍ରା ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ୍ ଦିଲ୍ଲୀରୁ ଆରମ୍ଭ ହୋଇ ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଓଡ଼ିଶାର ପ୍ରମୁଖ ତୀର୍ଥସ୍ଥଳ ଓ ଐତିହ୍ୟସ୍ଥଳକୁ ସଂଯୋଗ କରିବ। ଅତ୍ୟାଧୁନିକ ଏସି ରେକ୍ ସହିତ ଏହି ଟ୍ରେନ୍ ଜାନୁଆରି ୨୫ରେ ଦିଲ୍ଲୀ ସଫଦରଜଙ୍ଗ୍ ରେଳ ଷ୍ଟେସନରୁ ବାହାରି ଫେବ୍ରୁଆରି ପହିଲାରେ ଯାତ୍ରା ଶେଷ କରିବ। ଏହି ସମୟ ମଧ୍ୟରେ ତୀର୍ଥଯାତ୍ରୀ ଦେଶର ଚାରି ଧାମ ମଧ୍ୟରୁ ପୁରୀର ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବେ। ଏହାବ୍ୟତୀତ ବାରଣାସୀ, ବୈଦ୍ୟନାଥ ଧାମ ଓ ଗୟା ପରିଦର୍ଶନ ମଧ୍ୟ ଏହି ଯାତ୍ରାର ଆକର୍ଷଣର କେନ୍ଦ୍ର ରହିବ। ପର୍ଯ୍ୟଟକମାନେ ଗାଜିଆବାଦ, ଆଲିଗଡ଼ ତୁଣ୍ଡଲା, ଇଟାଓ୍ୱା, କାନପୁର ଏବଂ ଲକ୍ଷ୍ନୌ ଷ୍ଟେସନରେ ଚଢିବା ଓ ଓହ୍ଲାଇବାର ବିକଳ୍ପ ମଧ୍ୟ ପାଇବେ। ୭ ରାତ୍ରି/୮ ଦିନର ଟ୍ରେନ୍ ଯାତ୍ରା ବାରଣାସୀରେ ଏହାର ପ୍ରଥମ ପରିଭ୍ରମଣ କରାଇବ। ଯେଉଁଠାରେ ପର୍ଯ୍ୟଟକମାନେ କାଶୀ ବିଶ୍ୱନାଥ ମନ୍ଦିର ଜ୍ୟୋତିର୍ଲିଙ୍ଗ, ଗଙ୍ଗା ଘାଟ ଓ ଆରତି କରିଡର ପରିଦର୍ଶନ କରିବେ। ବାରଣାସୀ ପରେ ଟ୍ରେନ୍ ଝାଡ଼ଖଣ୍ଡର ଜସିଡିହ ରେଳ ଷ୍ଟେସନକୁ ଯିବ। ଯେଉଁଠାରେ ପର୍ଯ୍ୟଟକ ବୈଦ୍ୟନାଥ ଧାମ ଜ୍ୟୋତିର୍ଲିଙ୍ଗ ମନ୍ଦିର ପରିଦର୍ଶନ କରିପାରିବେ। ଜସିଡିହ ପରେ ଟ୍ରେନ୍ ପୁରୀ ଅଭିମୁଖେ ଯାତ୍ରା କରିବ। ଏଠାରେ ହୋଟେଲରେ ଦୁଇ ରାତି ରହିବାର ବ୍ୟବସ୍ଥା କରାଯିବ। ପୁରୀରେ ପର୍ଯ୍ୟଟକମାନେ ଜଗନ୍ନାଥ ମନ୍ଦିର, ଗୋଲଡେନ୍ ପୁରୀ ବିଚ୍, କୋଣାର୍କର ସୂର୍ଯ୍ୟ ମନ୍ଦିର ଓ ଭୁବନେଶ୍ୱରରେ ମନ୍ଦିର ପରିଦର୍ଶନ କରିବେ। ପୁରୀ ପରେ ଶେଷ ଗନ୍ତବ୍ୟସ୍ଥଳ ହେଉଛି ଗୟା। ଯେଉଁଠାରେ ବିଷ୍ଣୁପଦ ମନ୍ଦିର ପରିଦର୍ଶନ କରାଯିବ। ଏହି ଟ୍ରେନ୍ ୮ଦିନ ଯାତ୍ରା ପରେ ଫେବୃଆରି ପହିଲାରେ ଦିଲ୍ଲୀକୁ ଫେରିବ।

# ଗ୍ରାମାଂଚଳରେ ବ୍ୟାପକ ସଚେତନତା ସୃଷ୍ଟି ହେଲେ ଦୁର୍ଘଟଣା କମିବ : ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଗ୍ରାମାଂଚଳରୁ ସହରାଂଚଳ ପର୍ଯ୍ୟନ୍ତ ସଡକ ସୁରକ୍ଷା ସଂପର୍କିତ ବ୍ୟାପକ ଜନସଚେତନତା, ଏଥି ନିମନ୍ତେ ରହିଥିବା ଆଇନର କଠୋର ଅନୁପାଳନ କରାଗଲେ ସଡକ ଦୁର୍ଘଟଣାଜନିତ ମୃତ୍ୟୁକୁ ହ୍ରାସ କରାଯାଇପାରିବ ବୋଲି ବୁଧବାର ଭୁବନେଶ୍ୱର ଲୋକସେବା ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ସଡକ ସୁରକ୍ଷା ପରିଷଦର ୨ୟ ବୈଠକରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଯୋଗଦେଇ ପ୍ରକାଶ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀମତୀ ସାହୁ ଆହୁରି ମଧ୍ୟ କହିଛନ୍ତି ଯେ, ଆମ ରାଜ୍ୟରେ ପ୍ରାୟ ୬୮ ପ୍ରତିଶତ ଦୁର୍ଘଟଣା ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଘଟୁଛି। ୨ଚକିଆ ଯାନ ଚାଳକ ଓ ସହଯାତ୍ରୀ ଉଭୟ ହେଲମେଟ୍ ପିନ୍ଧିବାକୁ ବାଧ୍ୟତାମୂଳକ କରି ଆମେ ବହୁ ଅମୂଲ୍ୟ ଜୀବନ ରକ୍ଷା କରିପାରିବା ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ଯାନ ଚାଳକଙ୍କୁ ଉପଯୁକ୍ତ ଯୋଗ୍ୟତା ଭିତିରେ ଲାଇସେନ୍ସ ପ୍ରଦାନ, ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଁଚାଇବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ମନ୍ତ୍ରୀ କହିଥିଲେ । ନିଶା ସେବନ କରି ଗାଡି ଚଳାଇବା ଏବଂ ଭୁଲ ପାର୍ଶ୍ୱରେ ଗାଡିଚାଳନା ରୋକିବା ଦିଗରେ କଡାକଡି ପଦକ୍ଷେପ ନିଆଯିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ପ୍ରଦୀପ ଜେନା ଯୋଗଦେଇ କହିଲେ ଯେ, ଆମ ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁର କାରଣ ଅନୁଧ୍ୟାନ କରି ଏ ଦିଗରେ ଦୃଢ ପଦକ୍ଷେପ ନେବାକୁ ହେବ। ବେପରୁଆ ଗାଡି ଚାଳନା ଏବଂ ରାସ୍ତା ନିର୍ମାଣଜନିତ ତୃଟି ପ୍ରତି ଯଦି ଆମେ ସଜାଗ ରହିବା, ତେବେ ଅଧିକାଂଶ ସଡକ ଦୁର୍ଘଟଣା ଜନିତ କ୍ଷୟକ୍ଷତିକୁ ଆମେ ରୋକି ପାରିବା। ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ସୁନିଲ କୁମାର ବଂଶଲବୈଠକରେ ଯୋଗଦେଇ କହିଲେ ଯେ, ଆମେ ସମସ୍ତେ ଚାହୁଁଛୁ ସଡକ ଦୁର୍ଘଟଣା ହ୍ରାସ ପାଉ। ଆମର ରାସ୍ତା ଓ ଯାନ ନିର୍ମାଣ କ୍ଷେତ୍ରରେ ଗୁଣାତ୍ମକତା ବୃଦ୍ଧି ଘଟିଛି । କିନ୍ତୁ ଯାନ ଚାଳକମାନଙ୍କର ଯାନ ଚାଳନାରେ ଉନ୍ନତ ମାନସିକତାର ଆବଶ୍ୟକତା ରହିଛି । ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଥିବା ପଦ୍ଧତିକୁ ସରଳ କରାଯାଉ, କିନ୍ତୁ, ଯୋଗ୍ୟତା ମାନଦଣ୍ଡରେ କୌଣସି କୋହଳ ମନୋବୃତି କରାଯିବା ଉଚିତ୍ ନୁହେଁ ବୋଲିସେ ମତ ରଖିଥିଲେ। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ଯୋଗଦେଇ କହିଲେ ଯେ ସଡକ ଦୁର୍ଘଟଣା ଯୋଗୁଁ ମୃତ୍ୟୁବରଣ କରୁଥିବା ବ୍ୟକ୍ତିର ପରିବାର ଉପରେ ସାମାଜିକ ତଥା ଆର୍ଥିକ ଦୃଷ୍ଟିକୋଣରୁ ଗୁରୁତର ପ୍ରଭାବ ପଡୁଛି। ଏଣୁ ଦୁର୍ଘଟଣାକୁ ଏଡାଇବା ପାଇଁ ପରିବହନ ବିଭାଗ ସହିତ ପୁଲିସ୍ ବିଭାଗର ମଧ୍ୟ ସମାନ ଦାୟିତ୍ୱ ରହୁଛି। ସମସ୍ତଙ୍କ ସମନ୍ୱୟରେ ସଡକ ସୁରକ୍ଷା ଆଇନ୍ ଓ ନିୟମକୁ କଠୋର ଅନୁପାଳନ କରିବାକୁ ପଡିବ ବୋଲି ଶ୍ରୀମତୀ ପାଢୀ କହିଥିଲେ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପରିବହନ ଆୟୁକ୍ତ ଅରୁଣ ବୋଥ୍ରା, ଭୁବନେଶ୍ୱର-କଟକ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ବିଭାଗ ସଚିବ, ଜାତୀୟ ରାଜପଥ କର୍ତୃପକ୍ଷଙ୍କ ପ୍ରତିନିଧି, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ଯୁଗ୍ମ ଶାସନ ସଚିବ କିଶୋର ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରୀ ନୃତ୍ୟ ଓ ଖୋ ଖୋ ଖେଳି ଦାବି ଜଣାଇଲା ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘର ୧୭ ଦିନର ଧାରଣାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥିବା ଓଡ଼ିଶା କଳା ଓ କ୍ରୀଡ଼ା ପ୍ରଶିକ୍ଷକ ପ୍ରଶିକ୍ଷିକାମାନେ ସମ୍ବଲପୁରୀ ନୃତ୍ୟ, ଖୋ ଖୋ ଖେଳି ଏବଂ ଢୋଲ ବଜାଇ ଅଭିନବ ଉପାୟରେ ରାଜ୍ୟ ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଛନ୍ତି। ଆଜକୁ ପ୍ରାୟ ୯ ବର୍ଷ ଧରି ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ତାର ନ୍ୟାର୍ଯ୍ୟ ଦାବୀ 'ସ୍ଥାୟୀ ନିଯୁକ୍ତି' ପ୍ରସ୍ତାବକୁ ସରକାରଙ୍କୁ ଅବଗତ କରାଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାଁନ୍ତି। ଚଳିତବର୍ଷ ବିଧାନସଭା ଅଧିବେଶନରୁ ତା ୫.୧୨.୨୦୨୨ରିଖ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୧୭ ଦିନ ଧରି ବିଧାନସଭା ସମ୍ମୁଖରେ ମହାସଂଘ ତାର ଧାରଣା ଜାରି ରଖିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବ କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କୁ ବ୍ୟତିବ୍ୟସ୍ତ କରିଦେଇଛି। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ମହାସଂଘର ଦାବୀ ପ୍ରତି ଦୃଷ୍ଟି ଦେଇ ନାହାଁନ୍ତି, ସେତେଦିନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚ୍ଲୁ ରହିବ ବୋଲି ମହାସଂଘର ଆବାହକ ଧର୍ମେନ୍ଦ୍ର ପଣ୍ଡା, ଜଗତଜୀବନ ନାୟକ ଓ ଦେବବ୍ରତ ପଟ୍ଟନାୟକ, ସଂଯୋଜକ ଆଶୁତୋଷ ଶତପଥି, ବିଜନ ଦାସ, ଶଙ୍କର ପ୍ରସାଦ ମହାପାତ୍ର, ଆରତୀ ଆଚ୍ରର୍ଯ୍ୟ, ସ୍ମୀତାଞ୍ଜଳି ମହାପାତ୍ର, ସ୍ୱାତୀମୁକ୍ତା, ଦିଲ୍ଲୀପ ପଣ୍ଡା, ମନୋଜ ଚୌଧୁରୀ, ହିମାଦ୍ରୀ ସାହୁ, କୃଷ୍ଣସୁଦାମା ପାଣିଗ୍ରାହୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ରାଜ୍ୟ ବାହାର ୧୦୩ ସୁପର ସ୍ପେଶାଲିଟି ହସ୍ପିଟାଲ୍ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ରାଜ୍ୟ ସରକାର ଓଡ଼ିଶା ବାହାରେ ଥିବା ୧୦୩ ଟି ସୁପର ସ୍ପେସାଲିଟି ହସ୍ପିଟାଲ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବି.ଏସ୍.କେ.ଓ୍ୱାଇ) ଅନ୍ତର୍ଭୁକ୍ତ କରିଛନ୍ତି । ଓଡ଼ିଶା ହେଲଥ୍ ଆସୁରାନ୍ସ ସୋସାଇଟି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା ଡ଼ି.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବି.ଏସ୍.କେ.ଓ୍ୱାଇ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି । ସୋସାଇଟି ସଭାକକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭାନନ୍ଦ ମହାପାତ୍ର ବି.ଏସ୍.କେ.ଓ୍ୱାଇ କାର୍ଯ୍ୟନ୍ୱୟନ ସମ୍ବନ୍ଧିତ ବିଭିନ୍ନ ଦିଗ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ।ବର୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷାକରି ଡାକ୍ତର ବୃନ୍ଦା ଡି. ତାଲିକା ଅନ୍ତର୍ଭୁକ୍ତ ହସ୍‌ପିଟାଲ ମାନେ ଚିକିତ୍ସା ବାବଦରେ ଦେଇଥିବା ବିଲ୍ ଗୁଡ଼ିକର ପୈଠ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଶ୍ଚିତ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନଲାଇନ୍ ରେ ଆସୁଥିବା ବିଲ୍ ଗୁଡ଼ିକୁ ଦୈନନ୍ଦିନ ଭିତରେ ନିରୀକ୍ଷଣ କରି ପୈଠ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସେ ନୋଡାଲ୍ ଅଫିସର ମାନଙ୍କୁ ପରାମର୍ଶ ଦେଇଥିଲେ । ମୀକ୍ଷାରୁ ଜଣାପଡ଼ିଥିଲା ଯେ ଚଳିତବର୍ଷ ନଭେମ୍ବର ଶେଷ ସୁଦ୍ଧା ରାଜ୍ୟବାହାରେ ଥିବା ଉଚ୍ଚମାନର ୧୦୩ ଟି ସୁପର ସ୍ପେସାଲିଟି ହସ୍ପିଟାଲ୍ କୁ ବି.ଏସ୍.କେ.ଓ୍ୱାଇ ତାଲିକା ଅନ୍ତର୍ଭୁକ୍ତ କାଯାଇଛି। ଏଗୁଡ଼ିକ ମଧ୍ୟରେ ତାମିଲ୍ନାଡୁର ଖ୍ରୀଷ୍ଟିଆନ୍ ମେଡ଼ିକାଲ କଲେଜ, ବେଙ୍ଗାଲୁରୁର ଶ୍ରୀ ଶଙ୍କରା କ୍ୟାନ୍ସର ଫାଉଣ୍ଡେସନ୍, କଲିକତାର ଟାଟା ମେଡିକାଲ୍ ସେଂଟର, ଭାଇଜାକ୍ ଓ ସଙ୍ଗୁରରେ ଥିବା ହୋମି ବାବା କ୍ୟାନ୍ସର ପ୍ରତିଷ୍ଠାନ, ବାରଣାସୀର ଏଚ୍. ବି. କ୍ୟାନ୍ସର ହସ୍ପିଟାଲ୍ ଏବଂ ମହାନାନା ପଣ୍ଡିତ ମଦନ ମୋହନ ମାଲବ୍ୟ କର୍କଟ କେନ୍ଦ୍ର, ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ୍ ହସ୍ପିଟାଲ୍ ଏବଂ କର୍କଟ ଚିକିତ୍ସା ଗବେଷଣଶ ଓ ଶିକ୍ଷାର ଉତ୍କର୍ଷ କେନ୍ଦ୍ର ହସ୍ପିଟାଲ୍ ଆଦି ଅନ୍ତର୍ଭୁକ୍ତ । ଚେନ୍ନାଇ, ଦିଲ୍ଲୀ, ଡେହେରାଡୁନ୍, ଭାସୀ, ବେଙ୍ଗାଲୁରୁ, ମୁମ୍ବାଇ, କୋଲକାତା, ଅମ୍ରିତସର, ଫରିଦାବାଦ୍, ଗୁର୍ଗାଁଓ, ଯାଜପୁର, ନଇଡା, ଲୁଧିଆନା, ନୂଆଦିଲ୍ଲୀ, ପଞ୍ଜାବ ଆଦି ସ୍ଥାନରେ ପ୍ରତିଷ୍ଠିତ ଫୋର୍ଟିସ୍ ଗ୍ରୁପ୍ ର ୨୪ଟି ହସ୍ପିଟାଲ୍କୁ ମଧ୍ୟ ତାଲିକା ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବେଙ୍ଗାଲୁରୁ ମୁମ୍ବାଇ, ରାୟପୁର, କୋଲକାତା ଏବଂ ଜାମସେଦପୁରରେ ଥିବା ନାରାୟଣ ହୃଦୟାଳୟର ୭ଟି ସୁପର ସ୍ପେସାଲିଟି ହାର୍ଟ ହସ୍ପିଟାଲ୍ କୁ ଚଳିତବର୍ଷ ତାଲିକା ଅନ୍ତର୍ଭୁକ୍ତ କରାଯାଇଛି ।ଓ.ଏସ୍.ଟି.ଏଫ୍ ଗ୍ରୁପ୍ ର ୧୩ ଟି ହସ୍ପିଟାଲ୍ ମଧ୍ୟ ବି.ଏସ୍.କେ.ଓ୍ୱାଇ ଅନ୍ତର୍ଭୁକ୍ତ ହୋଇଛନ୍ତି। ସେମଧ୍ୟରୁ ବିଶାଖାପାଟନାମରେ ୭ଟି, ରାୟପୁରରେ ୩ଟି ଏବଂ ସୁରାଟରେ ୩ଟି ହସ୍ପିଟାଲ୍ କାର୍ଯ୍ୟକରୁଛି। ଏହାଛଡ଼ା ବିଶାଖାପାଟନମର ଏ.ଏନ୍.ହସ୍ପିଟାଲ୍, କୁଇନ୍ସ ଆର ଏନ୍.ଆଇ. ହସ୍ପିଟାଲ୍, ସାଗର ଦୁର୍ଗା ହସ୍ପିଟାଲ୍, ବିଜେଥା ହସ୍ପିଟାଲ୍, ଏମ୍.ବି.ମଲ୍ଟି ସ୍ପେସାଲିଟି ହସ୍ପିଟାଲ୍, କିମ୍ସ ଆଇକନ୍ ହସ୍ପିଟାଲ୍, ଜି.ଜେ. ହସ୍ପିଟାଲ୍, ଜିସ୍ମ ଆଣ୍ଡ ଓମ୍ନି ମହିଳା ଓ ଶିଶୁ ହସ୍ପିଟାଲ୍, ଗୀତମ୍ ଭେଷଜ ବିଜ୍ଞାନ ପ୍ରତିଷ୍ଠାନ, ଆୟୁଷ୍ମାନ୍ ହସ୍ପିଟାଲ୍ ଏବଂ ମେଡିକଭର ହସ୍ପିଟାଲ୍ ଆଦିକୁ ବି.ଏସ୍.କେ.ଓ୍ୱାଇ ତାଲିକାଭୁକ୍ତ କରାଯାଇଛି । ସେହିପରି ରାୟପୁରସ୍ଥିତ ୨୧ ଟି ସୁପର ସ୍ପେସାଲିଟି ହସ୍ପିଟାଲ୍, ସୁରାଟ ସ୍ଥିତ ୨ ଟି, ଶିରକାକୁଲମ୍ର ୨ଟି, କୋଲକାତାର ୧ଟି, ମଦୁରାଇର ୧ ଟି, ହାଇଦ୍ରାବାଦର ୧ଟି, ଛତିଶଗଡ଼ର ୧ଟି, ରାଇଗଡ଼ର ୧ ଟି, ଦ୍ୱାରକାନଗରର ବଟି, ବିଜିଆନଗରମ୍ ର ୨ ଟି ସୁପର ସ୍ପେସାଲିଟି ହସ୍ପିଟାଲକୁ ତାଲିକା ଭୁକ୍ତ କରାଯାଇଛି । ଜାନୁଆରୀରୁ ନଭେମ୍ବର ମାସ ମଧ୍ୟରେ ସମୁଦାୟ ୨୮,୦୦୦ ଓଡ଼ିଆଙ୍କର ବାହାର ରାଜ୍ୟର ହସ୍ପିଟାଲ୍ ମାନଙ୍କରେ ମାଗଣା ଚିକିତ୍ସା ବାବଦରେ ରାଜ୍ୟ ସରକାର ପ୍ରାୟ ୩୯ କୋଟି ଟଙ୍କାର ବିଲ୍ ପୈଠ କରିଛନ୍ତି।

## ଗୋବିନ୍ଦ ସାହୁ ମୃତ୍ୟୁ ଘଟଣା : ଡିଜିଙ୍କୁ ଭେଟି ଏସ୍‌ଆଇଟି ତଦନ୍ତ ଦାବି କଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟଣାରେ ବୁଧବାର ଓଡ଼ିଶା ରାଜ୍ୟ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଓଡ଼ିଶା ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଭେଟିବା ସହ ଚାରି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଭାରତୀୟ ପିଙ୍ଗଳ କୋର୍ଟ ୩୦୨ ଦଫା ନେଇ ଯେଉଁ ପୁଲିସ୍ ଅଧିକାରୀମାନେ ଜେଲ ଦରାୟିତ୍ୱରେ ରହିଥିଲେ ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ। ଗୋବିନ୍ଦ ସାହୁ ମୃତ୍ୟୁର ପୋର୍ଷ୍ଟ ମର୍ଟମ ରିପୋର୍ଟକୁ ସାର୍ବଜନୀନ କରାଯିବା ସହ ଉଚ୍ଚ ନ୍ୟାୟାଳୟ ନିୟନ୍ତ୍ରିତ ସ୍ୱତନ୍ତ୍ର ବିଚାର ବିଭାଗୀୟ ତଦନ୍ତ ଟିମ୍ (ଏସ୍‌ଆଇଟି) କରାଯାଉ। ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ଭେଟିଥିବା ପ୍ରତିନିଧି ମମଣ୍ଡଳରେ ଡଃ ଲେଙ୍କାଙ୍କ ସହ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ନିରଞ୍ଜନ ନାୟକ, ଜ୍ଞାନରଞ୍ଜନ ରାଉତ, ମାନସ ନାୟକ, ଜଗତ ଜୀବନ ମହାନ୍ତି, ସୁଦୀପ ସାମଲ, ସୋନୁ ସ୍ୱାଇଁ, ବିଶ୍ୱଜିତ ଲେଙ୍କା, ଆଦିତ୍ୟ ପ୍ରସାଦ ପରିଡା, ପ୍ରମୋଦ ବେହେରା, ନରେନ ବେହେରା ଓ ମନୋଜ ତରାଇ ପ୍ରମୁଖ ରହିଥିଲେ।

## ଜାତିବ୍ୟବସ୍ଥା ଓ ସଂରକ୍ଷଣ...

(ପୃଷ୍ଠା ୪ର ଅବଶିଷ୍ଟ) ବଡ ବିଡ଼ମ୍ବନା ହେଉଛି ଯେଉଁମାନେ ଉତ୍ପାଦକ ଗୋଷ୍ଠୀ ସେମାନେ ସମାଜରେ ନୀଚ ଓ ଘୃଣିତ। ଯେଉଁମାନେ ସଫେଇ କାର୍ଯ୍ୟ କରି ପରିବେଶକୁ ନିର୍ମଳ କରୁଛନ୍ତି ସେମାନେ ଘୃଣିତ ଓ ଅସ୍ପୃଶ୍ୟ। ସ୍ୱାଧୀନତା ପରେ ଅବସ୍ଥାରେ ପରିବର୍ତ୍ତନ ଆସୁଛି। ଜାତି ବ୍ୟବସ୍ଥାର କ୍ରୁରତା ହ୍ରାସ ପାଉଛି। ଏହାର କାରଣ ହେଉଛି ଅନଗ୍ରସର ବର୍ଗ ପାଉଥିବା ସାମ୍ବିଧାନିକ ସଂରକ୍ଷଣ। ଏହା ତାଙ୍କ ଆର୍ଥିକ ବିକାଶ ଓ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସହାୟକ ହୋଇଛି।

ବର୍ଣ୍ଣବ୍ୟବସ୍ଥା ପ୍ରଦତ୍ତ ସାମାଜିକ ସଂରକ୍ଷଣ ଏବେବି ବଳବତ୍ତର ରହିଛି। ସାମାଜିକ ମାନସିକତାରେ ପରିବର୍ତ୍ତନ ଆସିନାହିଁ। ମନ୍ଦିରରେ ପୂଜା ବ୍ରାହ୍ମଣ କରିବ। ବାଳ କାଟିବ ବାରିକ। ଲୁଗା ସଫା କରିବ ଧୋବା। ଏହିପରି ଅନେକ କାର୍ଯ୍ୟ ସଂରକ୍ଷିତ ରଖାଯାଇଛି ବିଭିନ୍ନ ଜାତି ପାଇଁ। ବେଳେ ବେଳେ ଶୂଦ୍ରମାନଙ୍କ ଉପରେ ଲଦାଯାଇଥିବା କାର୍ଯ୍ୟକୁ ମାନିବାକୁ ବାଧ୍ୟ କରାଯାଉଛି। ନମାନିଲେ ଅତ୍ୟାଚାର କରାଯାଉଛି। ସବର୍ଣ୍ଣମାନେ ଭାବୁଛନ୍ତି ଆମେ ଯୋଗ୍ୟ ଓ ଶୂଦ୍ରମାନେ ଅଯୋଗ୍ୟ। ଦେଶର ସମସ୍ତ ସୁବିଧା ସୁଯୋଗ ସବର୍ଣ୍ଣମାନେ ପାଇବାକୁ ହକଦାର। ଶୂଦ୍ରମାନେ ଯେମିତି ଥିଲେ ସେହିପରି ରହିବା ଉଚିତ୍। ଏହାହିଁ ଜାତିବାଦ। ଉଚ୍ଚନୀଚ ଭେଦଭାବ ଓ ଘୃଣା-ଦ୍ୱେଷ ଭାବର ସମାହାର ହିଁ ଜାତି। ବର୍ଣ୍ଣବ୍ୟବସ୍ଥାର ସୃଷ୍ଟି କାଳରୁ ଏହା ରହିଛି। ସମ୍ବିଧାନର ପ୍ରଣେତାମାନେ ସମାଜର ଏ ମାନସିକତାକୁ ଠିକଭାବେ ବୁଝିଥିଲେ। ସେମାନେ ଚାହିଁଥିଲେ ସମାଜରେ ସମାନତା ଆଣିବାପାଇଁ। ତଳେ ପଡିଥିବା ଶୂଦ୍ର ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କୁ ଚାକିରି, ଶିକ୍ଷା ଓ ସ୍ଥଳ ବିଶେଷରେ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ଦେବାର ବ୍ୟବସ୍ଥା କରିଯାଇଛନ୍ତି।

ସଂରକ୍ଷଣ ହେଉଛି ନିର୍ମୂଳୀ ଲତା। ଜାତି ବ୍ୟବସ୍ଥା ଉପରେ ଏହା ମାଡିଛି। ଜାତି ହଟିଲେ ସମସ୍ତ ପ୍ରକାର ଜାତିଗତ ସଂରକ୍ଷଣ ମଧ୍ୟ ହଟିବ। ସାମ୍ବିଧାନିକ ସଂରକ୍ଷଣର ମୂଳ ଆଧାର ଜାତି। ସେହିପରି ସାମାଜିକ ସଂରକ୍ଷଣର ମୂଳ ଆଧାର ମଧ ଜାତି। ଜାତି ବ୍ୟବସ୍ଥା ଏକ ବିକଶିତ ଓ ସୁସଭ୍ୟ ସମାଜର ଲକ୍ଷଣ ନୁହେଁ। ଏହା ହଟିଲେ ସମାଜ ଐକ୍ୟବଦ୍ଧ ହେବ। ସମସ୍ତ ପ୍ରକାର ବିଭେଦ ହଟିବ। ବଂଶାନୁକ୍ରମିକ ଜାତିବ୍ୟବସ୍ଥା ଧର୍ମାନୁମୋଦିତ ମଧ୍ୟ ନୁହେଁ। ତେଣୁ ଯେଉଁମାନେ ସାମ୍ବିଧାନିକ ସଂରକ୍ଷଣକୁ ବିରୋଧ କରୁଛନ୍ତି ସେମାନେ ପ୍ରଥମେ ଚାଲି ଆସିଥିବା ସାମାଜିକ ସଂରକ୍ଷଣକୁ ବିରୋଧ କରନ୍ତୁ ଓ ଏଦିଗରେ ପଦକ୍ଷେପ ନିଅନ୍ତୁ। ଯେଉଁମାନେ ଉଭୟ ସାମାଜିକ ଓ ସାମ୍ବିଧାନିକ ସଂରକ୍ଷଣକୁ ବିରୋଧ କରୁଛନ୍ତି ସେମାନେ ଜାତି ବ୍ୟବସ୍ଥାର ମୂଳୋତ୍ପାଟନ ପାଇଁ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରନ୍ତୁ। ଯେଉଁମାନେ କହୁଛନ୍ତି ସଂରକ୍ଷଣ ଆମ ସମ୍ବିଧାନିକ ଅଧିକାର ସେମାନେ ଏହାର ମହତ୍ ଉଦ୍ଦେଶ୍ୟକୁ ବୁଝନ୍ତୁ। ସମାଜରେ ସମାନତା ସ୍ଥାପନ ହେବାପରେ ଏ ଅଧିକାର ସମାପ୍ତ ହେବା ସ୍ୱାଭାବିକ। ଯେଉଁମାନେ କହୁଛନ୍ତି ଉଭୟ ସଂରକ୍ଷଣ ଓ ଜାତି ବଞ୍ଚିରହୁ ସେମାନଙ୍କ ଯୁକ୍ତି ବି ଭୁଲ। ଏହା ଦ୍ୱାରା ଗୋଟିଏ ପ୍ରଗତିଶୀଳ ସମାଜ ଗଠନ କରାଯାଇ ପାରିବ ନାହିଁ। ତେଣୁ ସଂରକ୍ଷଣ ପାଇଁ ଦାବି କଲାବେଳେ ଓ ଯେଉଁମାନେ ସଂରକ୍ଷଣ ଭୋଗୀ ସେମାନେ ନିଜ ମଧ୍ୟରେ ଥିବା ଜାତିବାଦକୁ ପ୍ରଥମେ ହଟାନ୍ତୁ। କାରଣ ଜାତି ଭେଦଭାବର ଚିରନ୍ତନ ବ୍ୟବସ୍ଥା। ଜାତି ଥିବା ଯାଏଁ ସମାନତା ଆସିପାରିବ ନାହିଁ।

ସ୍ୱାଧୀନତା ପରେ ଆଉ ସାମାଜିକ ସଂରକ୍ଷଣର କୌଣସି ଆବଶ୍ୟକତା ନାହିଁ। ତେଣୁ ବର୍ଣ୍ଣବ୍ୟବସ୍ଥା ଜନିତ ସଂରକ୍ଷଣକୁ ସମାପ୍ତ କରାଯାଉ। ଏହା ହଟିଲେ ସାମ୍ବିଧାନିକ ସଂରକ୍ଷଣ ମଧ ଆପେ ହଟିବ। ମୂଳ ନଥିଲେ ଶାଖା ପ୍ରଶାଖା କୋଉଠୁ ଆସିବ। ସାମ୍ବିଧାନିକ ସଂରକ୍ଷଣ ସେତେଯାଏଁ ପ୍ରାସଙ୍ଗିକ ହୋଇଯିବ ଯେତେଯାଏଁ ସାମାଜିକ ସଂରକ୍ଷଣ ଥିବ। ଏ ଦିଗରେ ବ୍ୟାପକ ବିତର୍କ ହେଉ। ଏ ସମସ୍ତର ଊର୍ଦ୍ଧରେ ଏକ ଭେଦଭାବ ରହିତ ସମତାଭିତ୍ତିକ ସମାଜ ପ୍ରତିଷ୍ଠାର ସଂକଳ୍ପ ସମସ୍ତେ ନିଅନ୍ତୁ। ନୂଆ ସମାଜର ପରିକଳ୍ପନା ସମସ୍ତଙ୍କ ମଧ୍ୟରେ ଅଙ୍କୁରିତ ହେଉ।

♥ ଦର୍ଶନ ବିଭାଗ, ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

## ଧର୍ମପରାୟଣ କୌଶଲ୍ୟା ଦେବୀଙ୍କର ଦେହାନ୍ତ : ଅଞ୍ଚଳରେ ଶୋକର ଛାୟା



ବସ୍ତା, ୨୧/୧୨ (ନି.ପ୍ର): ବସ୍ତାବ୍ଲକ ଦୁଧହଂସା ପଞ୍ଚାୟତ ନଳବାହାର ଗ୍ରାମର ସ୍ୱର୍ଗତ ଆଦିକନ୍ଦ ବାରିକ ଙ୍କ ଧର୍ମ ପତ୍ନୀ କୌସଲ୍ୟା ବାରିକ (୮୦)ଙ୍କ ଗତକାଲି ମୃତ୍ୟୁ ଘଟିଛି । ଏନେଇ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ଧର୍ମପରାୟଣ ସମାଜସେବୀ ପରୋପକାରୀ ଭାବେ ଉକ୍ତ ଗ୍ରାମରେ ତାଙ୍କର ନାମଥିଲା । ତାଙ୍କର ୫ପୁତ୍ର ପୁତ୍ରବଧୁ ନାତି ନାତୁଣି ମୃତ୍ୟୁ ସମୟରେ ପାଖରେଥିଲେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦୁଧହଂସା ସରପଞ୍ଚ ବିନତି ବିଶ୍ୱାଳ, ସମାଜସେବୀ ମନୋରଞ୍ଜନ ବିଶ୍ୱାଳ ସାମ୍ବାଦିକ ବିଜୟ କୁମାର ଭୂୟାଁ, ରବିନାରାୟଣ ସାହୁ, ସୁଶାନ୍ତ ପ୍ରଧାନ, ଦିଲ୍ଲୀପ କୁମାରସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱାସାନା ଦେଇଥିଲେ । ସାନପୁଅ ଜଳଧର ମୁଖାଗ୍ନୀ ଦେଇଥିଲେ ।

## ଏବିଭିପିର ୪୭ ତମ ରାଜ୍ୟ ଅଧିବେଶନ ଆଜିଠାରୁ ଅନୁଗୁଳରେ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ଅଧିବେଶନ ଶୁକ୍ରବାର ଠାରୁ ଅନୁଗୁଳ ଠାରେ ଅନୁଷ୍ଠିତ ହେବ। ଏହି ଅଧିବେଶନ ତିନି ଦିନ ଧରି ଚାଲିବା ସାରା ରାଜ୍ୟର ଛାତ୍ର ପ୍ରତିନିଧି ମାନେ ଏହି ଅଧିବେଶନରେ ଯୋଗ ଦେବେ । ପରିଷଦର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହାର ଉଦଘାଟନ ପରମହଂସ ପ୍ରଜ୍ଞାନନାନ୍ଦ ଜୀ କରିବେ । ଏଥିରେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ । ପରିଷଦର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଯାଜ୍ଞବଳ୍କ ଶୁକ୍ଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେବେ। ଏଥିରେ ପରିଷଦର ରାଷ୍ଟ୍ରୀୟ ସହ ସଂଗଠନ ସମ୍ପାଦକ ଗୋବିନ୍ଦ ନାୟକ ଓ ପ୍ରାନ୍ତ ସଂଗଠନ ସମ୍ପାଦକ ବୈଲୋଚନ ସାହୁ ମଧ୍ୟ ଉପସ୍ଥିତ ରହିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସମ୍ପୂର୍ଣ୍ଣ ଛିଡ଼ି ଯାଇଥିବା ହାତ ....

ପ୍ରାୟ ୪ଟା ସମୟରେ ଅସାବଧାନତାବଶତ ହାତ ପଶିଯାଇଥିଲା। ପରେ ତାଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା ଯେଉଁଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଛିଡିଯାଇଥିବା ହାତର ଅଂଶକୁ ଏକ କପଡ଼ାରେ ଗୁଡ଼ାଇ ଏକ ବରଫ ଥଳୀରେ ରଖି ଏମ୍ସକୁ ଅଣାଯାଇଥିଲା। ବର୍ଷାଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଡାକ୍ତରମାନେ ତୁରନ୍ତ ପ୍ରତିରୋପଣ କରିବାର ଯୋଜନା କରିଥଲେ। ବର୍ନସ୍ ଏବଂ ପ୍ଲାଷ୍ଟିକ ବିଭାଗ ମୁଖ୍ୟ ଡ. ସଞ୍ଜୟ ଗିରିଙ୍କ ନେତୃତ୍ୱରେ ଅସ୍ଥିଶଲ୍ୟ ଏବଂ ନିଶ୍ଚେତକ ବିଭାଗର ଡ଼ାକ୍ତରମାନଙ୍କୁ ନେଇ ଏକ ଉଚ୍ଚ ସ୍ତରୀୟ ଟିମ୍ ଗଠନ କରାଯାଇ ହାତ ପ୍ରତିରୋପଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଦଳରେ ବର୍ନସ୍ ଏବଂ ପ୍ଲାଷ୍ଟିକ ବିଭାଗର ଡ. ଶାନ୍ତନୁ ସୁବା, ଡ. ପ୍ରିୟଙ୍କା ପନ୍ତ, ଡ. ଆକାଂକ୍ଷା ରାଜପୁତ, ଡ. ବିଷ୍ଣୁ ପ୍ରମୁଖ ରହିଥିବା ବେଳେ ଅସ୍ଥିଶଲ୍ୟ ବିଭାଗରୁ ଡ. ନିଖିଲ ଏବଂ ଡ. ମନୋଜ, ନିଶ୍ଚେତକ ବିଭାଗରୁ ଡ. ଜୟନ୍ତ ମିତ୍ର, ଡ. ହୃଷୀକେଶ ଏବଂ ଡ. ଶୈଳଯା ସାମିଲ ଥିଲେ। ନର୍ସିଂ ଅଧିକାରୀ ବାବୁଲାଲ ଏବଂ ଜସୱନ୍ତ ସିଂ ପ୍ରମୁଖ ସହଯୋଗ କରିଥିଲେ। ସକାଳ ୮ଟା ପର୍ଯ୍ୟନ୍ତ ଅସ୍ତ୍ରୋପଚାର ଚାଲିଥିଲା ଏବଂ ପରେ ରୋଗୀଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଅସ୍ତ୍ରୋପଚାରର ପ୍ରାୟ ଦୁଇ ସପ୍ତାହ ପରେ ବର୍ତ୍ତମାନ ବର୍ଷାଙ୍କର ହାତରେ ରକ୍ତ ସଂଚାଳନ କରୁଛି। ଯାହାକି ବେଶ୍ ଖୁସିର ବିଷୟ ବୋଲି ଡ. ଗିରି ପ୍ରକାଶ କରିଛନ୍ତି। ଆଜି ୱାର୍ଡରେ ଯୁବତୀଙ୍କୁ ସାକ୍ଷାତ କରିଥଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଡାକ୍ତରୀ ଦଳର ସାହସିକ କାର୍ଯ୍ୟ ଏବଂ ଯୁବତୀଙ୍କ ଧର୍ଯ୍ୟକୁ ପ୍ରଶଂସା କରିଥିଲେ ଡ. ବିଶ୍ୱାସ। ଧୀରେ ଧୀରେ ଫିଜିଓଥେରାପି ଏବଂ ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ସହାୟତାରେ ପ୍ରାୟ ୩-୪ ମାସ ମଧ୍ୟରେ ଏହି ଆଙ୍ଗୁଠି ସ୍ୱାଭାବିକ କାମ କରିବା ଆରମ୍ଭ କରିବ । ଡକ୍ଟର ଗିରିଙ୍କ କହିବା ଅନୁଯାୟୀ ଏପରି ଜଟିଳ ପରିସ୍ଥିତିରେ ପ୍ରଥମ ଛଅ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଏପରି ଘଟଣା ଘଟେ, ସେତେବେଳେ କଟି ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିବା ଅଂଶକୁ ଏକ ଗଜ୍ କନା କିମ୍ବା କପଡାରେ ଗୁଡ଼ାଇବା ସହିତ ଏକ ପଲିଥିନ୍‌ରେ ରଖିବା ଉଚିତ୍। ସଙ୍ଗେସଙ୍ଗେ ଉକ୍ତ ପଲିଥିନ୍‌କୁ ଏକ ବରଫ ଚାମ୍ବରରେ ସଠିକ୍ ଭାବରେ ସଂରକ୍ଷିତ କରି ରଖିବା ଉଚିତ୍।

### ବାଲେଶ୍ୱରରେ ୧୯୧ଟି ପ୍ରକଳ୍ପ....

ମିଶନ ଶକ୍ତି କାର୍ଯ୍ୟକ୍ରମ ଦ୍ୱାରା ମା ମାନଙ୍କୁ ନୂଆ ପରିଚୟ ମିଳିପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସୋର ବିଧାୟକ ପର୍ଶୁରାମ ଧଡ଼ା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସମେତ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଇଂ ରବୀନ୍ଦ୍ର କୁମାର ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଇଡ୍‌କଲ୍ ଜିଏମ୍ ଗୟା....

ଭଡ଼ାଘର ଓ ସରକାରୀ କାର୍ଯ୍ୟାଳୟ, ନୟାଗଡ଼ ଓଡ଼ଗାଁସ୍ଥିତ ପୈତୃକ ବାସଭବନ, ରାୟଗଡ଼ା ସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭୁବନେଶ୍ୱରସ୍ଥିତ ମଂଚେଶ୍ୱରରେ ଥିବା ୩ମହଲା ବିଶିଷ୍ଟ କୋଠା, ଏକ କେବୁଲ୍ ଫ୍ୟାକ୍ଟ୍ରି, ଜୟଦେବ ବିହାର ଅଂଚଳରେ ଥିବା ୪ମହଲା ବିଶିଷ୍ଟ ନିର୍ମାଣାଧୀନ ବିଲ୍ଡିଂ, ସୁଙ୍କିରେ ଘର ଥିବା ଜଣାପଡ଼ିଥିଲା। ଏହାଛଡ଼ା ରାଜଧାନୀରେ ୭ଟି ପ୍ଲଟ, ଯାଜପୁରରେ ୫ଟି ଏବଂ ନୟାଗଡ଼ରେ ଗୋଟିଏ ପ୍ଲଟକୁ ଠାବ କରିଥିଲା। ସେହିପରି ବିଭିନ୍ନ ବ୍ୟାଙ୍କରେ ଥିବା ୧୬ଟି ଆକାଉଂଟ ଥିବା ବେଳେ ୩ଟି ଆକାଉଂଟରେ ସାଢ଼େ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମା ଥିବା ଜଣାପଡ଼ିଥିଲା। ବାକି ୧୨ଟି ଆକାଉଂଟର ଯାଂଚ କରାଯାଇଥିଲା। ସେହିପରି ତାଙ୍କ ଘରୁ ବୁଧବାର ୧ କେଜି ୯୬ ଗ୍ରାମର ସୁନା ଗହଣା ଓ ୭ କେଜି ୫୦୦ ଗ୍ରାମର ରୁପା ଜିନିଷ ଜବତ କରାଯାଇଛି। ତାଙ୍କର ୨ଟି ଚାରି ଚକିଆ ଓ ୪ଟି ୨ ଚକିଆ ଯାନ ରହିଛି। ଭିଜିଲାନ୍ସ ପକ୍ଷରୁ ଗୟା ସାନ୍ତରାଙ୍କୁ ଗିରଫ କରାଯାଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି।

### ଚୀନରୁ ଆସୁଛି କରୋନାର....

ହସ୍ପିଟାଲ ଜାମ୍ ହୋଇଗଲାଣି । ଆଉ ରୋଗୀଙ୍କୁ ରଖିବାକୁ କ୍ଷମତା ନାହିଁ । ଫଳରେ ହସ୍ପିଟାଲ ବାହାରେ ରୋଗୀଙ୍କ ଚିକିତ୍ସା ଚାଲିଛି । ଆଉ ଗୋଟିଏ ଦୃଶ୍ୟ ସାମ୍ନାକୁ ଆସିଛି ଯେଉଁଥିରେ ହସ୍ପିଟାଲ ଟିକେଟ କାଉଣ୍ଟର ନିକଟରେ ଲମ୍ବା ଧାଡ଼ି । ଶହ ଶହ ଲୋକ ଅପେକ୍ଷା କରିଛନ୍ତି, କେତେବେଳେ ସେମାନଙ୍କ ନମ୍ବର ଆସିବ, ଆଉ ଚିକିତ୍ସା ପାଇଁ ସୁଯୋଗ ମିଳିବ । ହେଲେ ଏଥିପାଇଁ ରୋଗୀଙ୍କୁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ଆଉ ଗୋଟିଏ ଦୃଶ୍ୟଟି ବିଚଳିତ କଲା ଭଳି । ହଳିଦିଆ ପଲିଥିନରେ ଘୋଡ଼ାଇ ମୃତଦେହ ଗୁଡ଼ିକୁ ରଖାଯାଇଛି, ଆଉ ଗୋଟିଏ ପରେ ଗୋଟିଏ ସେଠାରୁ ସ୍ଥାନାନ୍ତର କରାଯାଉଛି । ଅନ୍ତର୍ଜାତୀୟ ସମାଲୋଚନା ଓ ଚୀନବାସୀଙ୍କ ପ୍ରବଳ ବିରୋଧ ପରେ ଜିରୋ କୋଭିଡ ନୀତିକୁ ହଟାଇ ଦେଇଥିଲେ ଜିନପିଙ୍ଗ ସରକାର । ଏହାପରେ କୋଭିଡର ନୂଆ ଭାରିଆଣ୍ଟ ସ୍ଥିତିକୁ ଅତି ଭୟଙ୍କର କରିଦେଇଛି ।

### କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ....

ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ସାମ୍ବାଦିକତା ପାଠ୍ୟକ୍ରମରେ ଶ୍ରେଷ୍ଠସ୍ଥାନ ଅଧିକାର କରି, ସେ ପବ୍ଲିକ ରିଲେସନ ସୋସାଇଟ ଅଫ ଇଣ୍ଡିଆରୁ ମଧ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଗାୟତ୍ରୀବାଳା, ପ୍ରାୟ ଛଅ ସାତ ବର୍ଷ ବୟସରୁ କବିତା ଲେଖିବା ଆରମ୍ଭ କରିଥିଲେ । ଗାୟତ୍ରୀବାଳାଙ୍କ ଜେଜେବାପା ଜଣେ ଉପନ୍ୟାସିକ ଥିଲେ ଓ ତାଙ୍କଠାରୁ ଗାୟତ୍ରୀବାଳା ଅନୁପ୍ରାଣିତ ହୋଇଥିଲେ । ପିଲାବେଳରୁ ସେ, ନିଜ ଦୁଃଖ ଓ ଅସହାୟତା ଯାହାକୁ ଅନ୍ୟଭାବରେ କହି ପାରୁନଥିଲେ ତାହା କବିତା ମାଧ୍ୟମରେ ପ୍ରକାଶ କରିପାରୁଥିଲେ । ବାର ବର୍ଷ ହେବା ବେଳକୁ, ତାଙ୍କର ପ୍ରଥମ କବିତା ପ୍ରକାଶିତ ହୋଇସାରିଥିଲା । ୨୦୦୦ ମସିହାରେ, ରାଜ୍ୟ ଯୁବ ପୁରସ୍କାର ତାଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହୋଇଥିଲା ।

## ଆଇଓସିଏଲ୍ ନିର୍ଦ୍ଦେଶକ ସୁଦୀପ୍ତ ରାୟଙ୍କ ପିତୃ ବିୟୋଗ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ରାଜ୍ୟ ବିଜେପି ମୁଖପାତ୍ର ଆଇଓସିଏଲ୍ ନିର୍ଦ୍ଦେଶକ ସୁଦୀପ୍ତ ରାୟଙ୍କ ବାପା କାଳୀଚରଣ ପାଇକରାୟଙ୍କ ଗୁରୁବାର ଜଟଣୀସ୍ଥିତ ବାସଭବନରେ ୯୫ ବର୍ଷ ବୟସରେ ନିଧନ ଘଟିଛି। ସ୍ୱର୍ଗତଃ ପାଇକରାୟଙ୍କ ବିୟୋଗରେ ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ବହୁ ପ୍ରମୁଖ ନେତୃବୃନ୍ଦ ଗଭୀର ଶୋକ ବ୍ୟକ୍ତ କରି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ବୋଲି କହିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସ୍ୱର୍ଗତଃ ପାଇକରାୟ ଜଟଣୀ ପିପିଲି ଅଂଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ଏବଂ ଅନେକ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ। କଂଟି ଗ୍ରାମପଂଚାୟତର ୩ଥର ନାଏବ ସରପଂଚ, ସମବାୟ ସମିତି ସଭାପତି, ମିଷ୍ଟଭାଷୀ ଓ ପରୋପକାରୀ ସ୍ୱର୍ଗତଃ ରାୟ ଅଂଚଳରେ ଶିକ୍ଷାର ଉନ୍ନତି ପାଇଁ ଅନେକ ଶିକ୍ଷାନୁଷ୍ଠାନ ଗଢିଥିଲେ।

## ଜେଲ ୱାର୍ଡର ପରୀକ୍ଷା ବାତିଲ : ଆଗାମୀ ୨୮ତାରିଖ ପୁନଃ ପରୀକ୍ଷା

ନୀଳଗିରି, ୨୨/୧୨ (ନି.ପ୍ର): ଓଡ଼ିଶା ପ୍ରିଜନ୍ ରିକ୍ରୁଟମେଂଟ ବୋର୍ଡ ଦ୍ୱାରା ଅନୁଷ୍ଠିତ ଜେଲ ୱାର୍ଡର ପରୀକ୍ଷା ଗୁରୁବାର ନୀଳଗିରିସ୍ଥିତ ଆର.କେ.ସି.ଏ.ଟି. ପରିସର ଅନୁଷ୍ଠିତ ହେବାର ଥିଲା। ୨ଗୋଟି ସିଟିଂରେ ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷା ଦେବା ପାଇଁ ପ୍ରାୟ ୨୩୦ପିଲା ପ୍ରଥମ ସିଟିଂ ପରୀକ୍ଷା ଦେବାକୁ ହଲକୁ ପଶିଥିଲେ। ମାତ୍ର ସରଭର ପ୍ରୋବ୍ଲେମ ଥିବାରୁ ପରୀକ୍ଷା ସଠିକ୍ ଟାଇମରେ ଅନୁଷ୍ଠିତ ହୋଇ ପାରି ନ ଥିଲା । ଫଳରେ ପରୀକ୍ଷା ହଲରେ ଉତେଜନା ଦେଖାଦେଇଥିଲା । କିଛି ପିଲା ୨୦ମିନିଟ୍ ଆଉ କିଛି ପିଲା ୪୦ମିନିଟ ପରୀକ୍ଷା ଦେଇଥିବା ବେଳେ ୨ଘଂଟା ର ପରୀକ୍ଷା ସମୟ ଥିଲା। ଏ ନେଇ ପ୍ରଥମ ସିଟିଂ ପିଲା ଗଣ୍ଡଗୋଳ କରିବାରୁ ୨ୟ ସିଟିଂ ପିଲାମାନେ ମଧ ପରୀକ୍ଷା ଦେଇ ପାରି ନ ଥିଲେ । ପରେ ଉଭୟ ପରୀକ୍ଷାକୁ ବାତିଲ କରି ଆଗାମୀ ୨୮ତାରିଖ ପରୀକ୍ଷା ହେବାକୁ କର୍ତ୍ତୃପକ୍ଷ ପିଲାମାନଙ୍କୁ ଲିଖିତ ପ୍ରତିଶୃତି ଦେବା ପରେ ଘଟଣା ପ୍ରଶମିତ ହୋଇଥିଲା । ଉତେଜନାସ୍ଥଳରେ ପୋଲିସ ମୁତୟନ ଯୋଗୁଁ ବଡ଼ ଧରଣର ଅଘଟଣରୁ ବର୍ତିଯାଇଥିଲା ।

## କରୋନା ନେଇ ଆଜି ଆୟୋଜିତ ହେବ ଉଚ୍ଚ ସ୍ତରୀୟ ବୈଠକ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): କରୋନା ନେଇ ଶୁକ୍ରବାର ଆସନ୍ତାକାଲି ଦିନ ୧୨.୩୦ ରେ ସଚିବାଳୟରେ ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏଥିରେ କୋଭିଡ ସ୍ଥିତିକୁ ନେଇ ଆବଶ୍ୟକୀୟ ପଦକ୍ଷେପ କଣ ନିଆଯିବ ତାହା ଉପରେ ବୈଠକ ହେବ। ସ୍ୱାସ୍ଥ୍ୟ ବିଭାଗ ସହ ଆରଏମଆରସି, ଆଇଏଲଏସ ଓ ବିଭିନ୍ନ ମେଡ଼ିକାଲ୍ କଲେଜ କର୍ତୃପକ୍ଷ ବୈଠକରେ ସାମିଲ ହେବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତଙ୍କୁ ମାସ୍କ ପିନ୍ଧିବାକୁ ଅନୁରୋଧ କରାଯାଇଛି । ବିଶେଷ କରି ଗହଳି ସମୟରେ ମାକ୍ସ ପିନ୍ଧିବାକୁ ନ ଭୁଲିବାକୁ କୁହାଯାଇଛି । ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଥନ୍ତି ଯେ ସେପଟ୍ମ୍ବର ୩୦ ରେ ଯେଉଁ ଭାରିଏଣ୍ଟ ଜଣକ ପାଖେ ଚିହ୍ନଟ ହୋଇଥିଲା। ଏହା ପରେ ଏହି ବି୭ ଭାରିଏଣ୍ଟର କୌଣସି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ଭୟଭୀତ ହେବାର ଆବଶ୍ୟକ ନାହିଁ। ଚୀନ ରେ ଏହ ବ୍ୟାପୁଛି, ତାହା ନୁହେଁ ଯେ ଭାରତରେ ସେହି ହାରରେ ଏହା ବ୍ୟାପିବ ଓ ଆକ୍ରାନ୍ତ କରାଇବ। ସର୍ଭେଲାନ୍ସ ଜାରି ରହିଛି ଆଗକୁ ବି ରହିବ। ବୁଷ୍ଟର ଡୋଜ ନେବାକୁ ସମସ୍ତଙ୍କୁ ଅନୁରୋଧ। ସେ ଲୋକଙ୍କୁ ନିବେଦନ କରିଛନ୍ତି ଯେ ସଚେତନ ହୁଅନ୍ତୁ, ଅଯଥା ଗହଳି କରନ୍ତୁ ନାହିଁ। ଗହଳିକୁ ଗଲେ ମାସ୍କ ପିନ୍ଧନ୍ତୁ। ନିଜ ପାଇଁ ନିଜେ ସତର୍କ ହୁଅନ୍ତୁ। ଟେଷ୍ଟିଂ, ଟ୍ରାକିଂ,ଟ୍ରିଟମେଣ୍ଟ ସରକାର କରୁଛନ୍ତି ତାହା ଜାରି ରହିବ। ଭାରତ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ଆଗକୁ କଟକଣା ଲାଗୁ ହେବ।

## ବିଶିଷ୍ଟ ଔପନ୍ୟାସିକ ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ବିଶିଷ୍ଟ ଔପନ୍ୟାସିକ ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ଔପନ୍ୟାସିକ, ଗାଳ୍ପିକ ତଥା ପ୍ରାବନ୍ଧିକ ମହାପାତ୍ର ନୀଳମଣି ସାହୁଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରୁଥିବା 'ଅଭିଶପ୍ତ ଗନ୍ଧର୍ବ', 'ଆକାଶ ପାତାଳ', 'ବିହଙ୍ଗ ବିପ୍ଳବ' ଭଳି କାଳଜୟୀ ରଚନା ଏହି ବାସ୍ତବବାଦୀ ସାହିତ୍ୟ ସ୍ରଷ୍ଟାଙ୍କୁ ସର୍ବଦା ସ୍ମରଣୀୟ କରିରଖିବ।

## ବାଲେଶ୍ୱର ଜିଲ୍ଲା ବାରିକ ସମିତିର ରୂପସା ଶାଖାର ବୈଠକ



ରୂପସା, ୨୧/୧୨ (ନି.ପ୍ର): ସନ୍ଧ୍ୟା୫-୩୦ ସମୟରେ, ଗେଟ୍ ବଜାର ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ବାରିକ (ଡେନିମ ସେଲୁନ୍) ନିକଟରେ ବାଲେଶ୍ୱର ଜିଲ୍ଲା ବାରିକ ସମିତିର, ରୂପସା-ଶାଖାର, ଏକ ବୈଠକ, ଜିଲ୍ଲା-ଉପ ସଭାପତି ଶ୍ରୀଯୁକ୍ତ ପରମାନନ୍ଦ ବାରିକଙ୍କ ଆହ୍ୱାନରେ, ବୟୋଜ୍ୟେଷ୍ଠ ଶ୍ରୀଯୁକ୍ତ ଜୟନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ବକ୍ତା ହିସ୍ୱାରେ ଶ୍ରୀଯୁକ୍ତ ବାରିକ, ଜାତିଭାଇ(କ୍ଷୌରକାର)ତଥାସେଲୁନ ଭାଇ ମାନଙ୍କର, ଏକତା ସୁବିଧା-ଅସୁବିଧା ଉପରେ ଆଲୋକପାତ କରିବା ସହିତ ଆଗାମି ତା୨୭-୦୧-୨୩ରିଖରେ ହେବାକୁ ଯାଉଥିବା ଜିଲ୍ଲା ୮୪ ତମ ବାର୍ଷିକ ଅଧିବେଶନ କିପରି ସଫଳ ହେବ ସେ ବିଷୟରେ ସମ୍ୟକ ଆଲୋଚନା କରିଥିଲେ । ଉପସ୍ଥିତ ଥିଲେ ଶ୍ରୀଯୁକ୍ତ ମାଧବ ବାରିକ, ସଞ୍ଜୟ ବାରିକ, ଭଗବାନ ବାରିକ, ତପନ କୁମାର ବାରିକ, ସଞ୍ଜୀବ କୁମାର ବାରିକ୍ ଓ ମୃତ୍ୟୁଞ୍ଜୟ ବାରିକ ଇତ୍ୟାଦି । ଶେଷରେ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାମ୍ର ମିଷ୍ଟାନ୍ନ ସେବନରେ ଆପ୍ୟାୟିତ କରିଥିଲେ ।

## କରୋନା ମହାମାରୀର ଗତିକୁ ଦେଖି ସଂସଦରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୨/୧୨ : ଗୁରୁବାରଦିନ ସଂସଦରେ ପୁଣି ମାସ୍କ ବାଧ୍ୟତାମୂଳକ କରାଯାଇଛି । ଚୀନରେ କରୋନାର ମାମଲା ଲଗାତର ବଢ଼ିବାରେ ଲାଗିଛି । ଯାହାକୁ ଦେଖି ସଂସଦରେ ସୁରକ୍ଷା କର୍ମୀ, ଅଧିକାରୀ ଏବଂ ସଂସଦ ମଧ୍ୟରେ ମାସ୍କ ବିତରଣ ହୋଇଛି ଏବଂ ତାଙ୍କୁ ମାସ୍କ ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି । ରାଜ୍ୟସଭା ସଭାପତି ଜଗଦୀପ ଧନଖଡ଼ ଏବଂ ଲୋକସଭାର ଅଧ୍ୟକ୍ଷ ଓମ୍ ବିର୍ଲା ଆଜି ସଦରେ ମାସ୍କ ଲଗାଇ ପହଂଚିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବି ରାଜ୍ୟସଭାରେ ପହଂଚିବା ବେଳେ ମାସ୍କ ପିନ୍ଧିଥିବା ଦେଖାଯାଇଥିଲା । ଏହା ବାଦ କେତେକ ସାଂସଦ ମଧ୍ୟ ମାସ୍କ ପିନ୍ଧିଥିଲେ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
RAIRANGPUR (R&B) DIVISION
INVITATION FOR BIDS (IFB)
Corrigendum to Bid Identification No. S.E 42 OF 2022-23
No. 10,056 Dt. 12/12/2022

The cost of Approximate value of work published for Sl No. 1 to 6 of Bid Identification No SE 42 of 2022-23 may be read as follows. All other terms and conditions remain unaltered.

Sl No. 1. Rd. 29,35,300.00, Sl. No.2. Rs. 29,24,300.00, Sl No. 3. Rs. 29,07,800.00, Sl No. 4 Rs. 30,08,700.00, Sl No. 5 Rs. 30,53,200.00 & Sl No. 6 Rd. 31,50,800.00

Superintending Engineer
Rairangpur (R&B) Division

OIPR : 34041/11/0024/2223

**ଦକ୍ଷିଣପୂର୍ବ ରେଳପଥ - ଟେଣ୍ଡର**

ଟେଣ୍ଡର ନୋଟିସ୍ ନମ୍ବର: e-Tender/2022/56 । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ବିଭାଗୀୟ ରେଳ ପରିଚାଳକ (ଇଞ୍ଜିନିୟର)ଦକ୍ଷିଣପୂର୍ବ ରେଳପଥ ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ ଇ-ଟେଣ୍ଡର କାର୍ଯ୍ୟପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ୧୫.୦୦ଘଣ୍ଟା ପୂର୍ବରୁ ଟେଣ୍ଡର ଗ୍ରହଣ କରାଯାଇ ୧୫.୩୦ ଘଣ୍ଟାରେ ଖୋଲାଯିବ । ଟେଣ୍ଡର ନମ୍ବର E-KGP-South-41-2022 । କାର୍ଯ୍ୟର ବର୍ଣ୍ଣନା: DEN / South / KGP (୨ୟ କଲ୍) ଅଧୀନରେ ଗୋପୀନାଥପୁର-ନୀଳଗିରି ଷ୍ଟେସନ-ବଲେଶ୍ୱର ବିଭାଗ ମଧ୍ୟରେ LCର ପରିଚାଳନା ସହିତ ୯ ନମ୍ବର ମାନବ ବିହୀନ ସ୍ତର କ୍ରସିଂ ଗେଟ୍‌ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ । ଟେଣ୍ଡର ମୂଲ୍ୟ: ଟ 1,39,46,472 ଅମାନତ ଟଙ୍କା: ଟ 2,19,700 ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: 0. ଖୋଲିବାର ତାରିଖ: 09.01.2023 । କାର୍ଯ୍ୟର ସମାପ୍ତି ସମୟ: ୨୪ (ଚବିଶି) ମାସ । ବିଡିଂ ଆରମ୍ଭ ତାରିଖ: 26.12.2022ରୁ 09.01.2023 ର ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରକାରୀ ମାନେ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟତା ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଆଶାୟୀ ବିଡରମାନେ ନିୟମିତ ଭାବରେ "www.ireps.gov.in" ପରିଦର୍ଶନ କରି ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ।

(PR-930)

## କାକରଭିଜା ସନ୍ଧ୍ୟାରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଭଦ୍ରକ କଲେକ୍ଟୋରେଟ୍ ଲିଗ୍ - ୨୦୨୨



ଭଦ୍ରକ, ୨୨/୧୨ (ନି.ପ୍ର): ଆସନ୍ତା ଜାନୁୟାରୀ ୧୩ ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶାର ଭୁବନେଶ୍ୱର ଏବଂ ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍ ଅବସରରେ ସରକାରୀ ନିର୍ଦ୍ଦେଶମତେ ତମାମ୍ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାର ସମସ୍ତ ବ୍ଲକରେ ଗ୍ରାମପଞ୍ଚାୟତ ସ୍ତରୀୟ ଏବଂ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି । ଜାନୁୟାରୀ ୨୫ ରୁ ୨୯ ମଧ୍ୟରେ ଏହି ଉପଲକ୍ଷେ ଜିଲ୍ଲାସ୍ତରରେ ମଧ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ପଲ୍ଲୀଶ୍ରୀମେଳା, ପୁସ୍ତକମେଳା, ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ଆଦି କାର୍ଯ୍ୟକ୍ରମ ଆୟୋଜନ ନେଇ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ବିଶ୍ୱ ପୁରୁଷ ହକି କପ ଭଳି ଏକ ଗୌରବାବହ କାର୍ଯ୍ୟକ୍ରମ ଆୟୋଜନ ନେଇ ଉକ୍ତ ଉଦ୍ଦେଶ୍ୟରେ ଉତ୍ସାହର ସହିତ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ଏକ ୩ଦିନିଆ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଭଦ୍ରକ କଲେକ୍ଟୋରେଟ୍ ଲିଗ୍ - ୨୦୨୨ ଆୟୋଜନ କରାଯାଇଛି । ଅଫିସ କାର୍ଯ୍ୟ ଅବଧି ପରେ ପ୍ରାୟ ସନ୍ଧ୍ୟା ୭ ଘ. ରୁ ଏହି ମ୍ୟାଚ୍ ଆରମ୍ଭ ହୋଇ ରାତ୍ର ୧୦ଟା ମଧ୍ୟରେ ଶେଷ ହେଉଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି କ୍ରୀଡ଼ା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନିଜେ ବ୍ୟାଟ୍ ଚାଳନା କରି ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ । ପ୍ରଥମ ମ୍ୟାଚ୍ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଏକାଦଶ ବନାମ କୃଷି ବିଭାଗ କର୍ମଚାରୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କୃଷି ବିଭାଗ ତରଫରୁ ସୁଧାଂଶୁ ନାୟକ ଓ ଜିଲ୍ଲାପାଳଙ୍କ କର୍ମଚାରୀ ତରଫରୁ ସରୋଜ କୁମାର ମଲ୍ଲିକ୍‌ଙ୍କ ଅଧିନାୟକତ୍ୱରେ ୭ ଓଭର ବିଶିଷ୍ଟ ଏହି ମ୍ୟାଚରେ କୃଷି ବିଭାଗ ବିଜୟୀ ହୋଇ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଶାସନିକ ଅଧିକାରୀଙ୍କ ଦଳ ସହ ମୁକାବିଲା କରି ମଧ ବିଜୟୀ ଘୋଷିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧିନାୟକତ୍ୱରେ ପ୍ରଶାସନିକ ଦଳର ବ୍ୟାଟିଂରେ ଉପଅଧିନାୟକ ଉପଜିଲ୍ଲାପାଳ ମନୋଜ ପାତ୍ରଙ୍କ ବ୍ୟାଟ୍ ଚାଳନାରୁ ଚୌକା ବର୍ଷା ବେଶ୍ ଆକର୍ଷଣୀୟ ଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତିଙ୍କ ବ୍ୟାଟିଂ ଓ ବୋଲିଂ ଉଭୟରେ କରିସ୍ମା ଦେଖିବାକୁ ମିଳିଥିଲା । ପ୍ରଶାସନିକ ଦଳ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଡ଼. ଲକ୍ଷ୍ମୀପ୍ରସାଦ ସାହୁ, ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସହାୟକ ଜିଲ୍ଲାପାଳ ସୁଧାଂଶୁ ମୋହନ ସ୍ୱାଇଁ, ଭଦ୍ରକ ବିଡ଼ିଓ ସୀତାକାନ୍ତ ରାଉତ, ତହସିଲଦାର ସମରେନ୍ଦ୍ର ଭଟ୍ଟ ପ୍ରମୁଖ ଖେଳିଥିଲେ । ତୃତୀୟ ମ୍ୟାଚ୍‌ରେ ଜିଲ୍ଲା ରେଜିଷ୍ଟ୍ରେସନ୍ କର୍ମଚାରୀ ଏକାଦଶ ଓ ରାଜସ୍ୱ କ୍ଷେତ୍ରୀୟ କର୍ମଚାରୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ରେଜିଷ୍ଟ୍ରେସନ ଦଳ ବିଜୟୀ ହୋଇଥିଲେ । ସୂଚନା ଯୋଗ୍ୟକି ଗତକାଲି ୨୧-୧୨-୨୨ ବୁଧବାର ଠାରୁ ଆରମ୍ଭ ହୋଇଥିବା ଏହି ଲିଗ୍ ମ୍ୟାଚ୍‌ରେ ୨୨-୧୨-୨୨ରେ ୩ଟି ମ୍ୟାଚ୍ ପରେ ବିଜେତାଙ୍କୁ ନେଇ ୨୩.୧୨.୨୨ରିଖ ଶୁକ୍ରବାର ଦିନ ୨ଟି ସେମିପାଇନାଲ ଓ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ବଡ଼ଦିନ ଉପଲକ୍ଷେ ଜ୍ୟୋତି ହସପିଟାଲରେ ସ୍ୱତନ୍ତ୍ର ଉତ୍ସବ

ବାଲେଶ୍ୱର, ୨୨/୧୨ (ନି.ପ୍ର): ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଉତ୍ସବ 'ବଡ଼ଦିନ' ଓ ଇଂରାଜୀ ନୂଆବର୍ଷ ଆଗମନରେ କୁରୁଡ଼ାସ୍ଥିତ ଜ୍ୟୋତି ହସପିଟାଲରେ ଏକ ସ୍ୱତନ୍ତ୍ର ଉତ୍ସବ ୨୧ ତାରିଖ ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତି ହସପିଟାଲର ପ୍ରତିଷ୍ଠାତା ବିଶପ ଥମାସ ଥିରୁଥଲିଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେକ୍ କାଟି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବଡ଼ଦିନ ଓ ନୂଆବର୍ଷ ଶୁଭେଚ୍ଛା ଦେବା ସହିତ ସମସ୍ତଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ପାରିଲେ ସମଗ୍ର ବିଶ୍ୱ ଗୋଟିଏ ପରିବାର ସଦୃଶ ଆମେ ଅନୁଭବ କରିପାରିବା ବୋଲି ବିଶପ ଥିରୁଥଲିଲ ମତ ପ୍ରକାଶ କରିଥିଲେ। ଜ୍ୟୋତି ହସପିଟାଲର ନିର୍ଦ୍ଦେଶକ ଡ. ଫାଦର ପିଟର ଆରସିଲଏଥିରେ ଅଧ୍ୟକ୍ଷତା କରିବା ସହିତ ସମସ୍ତଙ୍କୁ ବଡ଼ଦିନ ଓ ନୂଆବର୍ଷ ଶୁଭେଚ୍ଛା ଜଣାଇଥିଲେ। ପରସ୍ପର ପ୍ରତି ସଦଭାବନା ଓ ସମ୍ବେଦନଶୀଳତା ପ୍ରଦର୍ଶନରେ ହିଁ ପ୍ରଭୁ ଯୀଶୁଙ୍କ ଆଶିଷ ଲାଭ କରିପାରିବା ବୋଲି ସେ କହିଥିଲେ। ବାଲେଶ୍ୱର ରୋମାନ କ୍ୟାଥୋଲିକ ଡାଇଓସିସ୍‌ର ପ୍ରଶାସକ ଫାଦର ଆଇଜାକ୍ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜ୍ୟୋତି ହସପିଟାଲ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇବା ସହିତ ମାନବ ସମାଜ ପ୍ରତି ପ୍ରଭୁ ଯୀଶୁଙ୍କ ଆଦର୍ଶ ତଥା ଉପାଦେୟ ଉପଦେଶ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଫାଦର ଜୋଜ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନଟରାଜ ଦାସ ପ୍ରଭୁଯୀଶୁଙ୍କ ନୀତି ଆଦର୍ଶ ସମ୍ପର୍କରେ ପାୱାର ପଏଣ୍ଟରେ ପ୍ରଦର୍ଶିତ କରିଥିଲେ। ଡାକ୍ତର କୁମାର ପାତ୍ର ଓ ଡାକ୍ତର ଅର୍ଚ୍ଚନା ଜାତୀୟ ସଙ୍ଗୀତ ଗାନ କରିଥିଲେ। ଡାକ୍ତର ଦେବଦତ୍ତ ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେଣ୍ଟ ଥୋମାସ ସ୍କୁଲ ଅଫ ନର୍ସିଂର ସୁପରିନଟେଡେଂଟ ସିଷ୍ଟର ସୁମାରାଣୀ, ସିଷ୍ଟର ନୀତୁ ଗ୍ରେସି, ସିଷ୍ଟର ଲିଫି ମାରିଆ, ସିଷ୍ଟର ବିଦଫି, ସିଷ୍ଟର ଜେସମିଆ, ସିଷ୍ଟର ଜିନା, ସିଷ୍ଟର ସୌମ୍ୟାଙ୍କ ଜ୍ୟୋତି ହସପିଟାଲ ଷ୍ଟାଫ ଅମିତା ରାଣୀ ସେଠୀ, ଗୌରୀ ପ୍ରଧାନ, ଲିପ୍ସା ମହାନ୍ତି, ରୁବିନା, ସସ୍ମିତା, କ୍ରିଷ୍ଟାରାଣୀ, ଜୟଶ୍ରୀ ପ୍ରମୁଖଙ୍କ ସମେତ ଇନ୍ଦ୍ରଣୀ ରାୟ,ଶ୍ରୀୟା ବେରା, ସ୍ନେହା ନାୟକ ସୁପର୍ଣ୍ଣା ସିଟ୍, ସୁସ୍ମିତା ମହାପାତ୍ର, ଇପସିତା ବେରା, ସୁପର୍ଣ୍ଣା ରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶା ମିରର୍ ଦଶମ ସ୍ୱନକ୍ଷତ୍ର ଉତ୍ସବ




ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ର ଓଡ଼ିଶା ମିରର୍ ଦଶମ ସ୍ୱନକ୍ଷତ୍ର ଉତ୍ସବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ପାଳିତ ହେଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଇଞ୍ଜିନିୟର ରୋହିତ ପୂଜାରୀ ଯୋଗଦେଇ ଓଡ଼ିଶା ମିରର୍ ଓଡ଼ିଶାର ବିକାଶ କ୍ଷେତ୍ରରେ ଏକ ମାଧ୍ୟମ. ସାଧାରଣ ଲୋକଙ୍କ ସ୍ୱର ହେଇ ସମାସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖିବା ବାସ୍ତବରେ ପ୍ରଶଂସନୀୟ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବରେ ପ୍ରଖ୍ୟାତ କଥାକାର ଡ. ଅଜୟ ସ୍ୱାଇଁ ଯୋଗଦେଇ କହିଲେ ପ୍ରତ୍ୟେକ ଦିନ ୬୦ଟି ଭାଷା ମରୁଛି, ଭାଷାକୁ ବଞ୍ଚାଇବା ପାଇଁ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରକାଶିତ ସମ୍ବାଦର ଭାଷା ସବୁ ଶ୍ରେଣୀର ଲୋକେ ବୁଝିପାରିବାର ଆବଶ୍ୟକତା ରହିଛି। ତେବେ ଯାଇ ଭାଷା ବଞ୍ଚିପାରିବ। ବିଶିଷ୍ଟ ଅତିଥି ଭାବରେ ରାଜନଗର ବିଧାୟକ ଧ୍ରୁବ ସାହୁ କହିଲେ ଡିଜିଟାଲ ଯୁଗରେ ଓଡ଼ିଶା ମିରର୍ ଦଶବର୍ଷ ଧରି ପ୍ରକାଶିତ ହେବା ଏକ ଉଦାହରଣ।ବିଶିଷ୍ଟ ଅତିଥି ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ ଛବିରାଣୀ ହତ୍ୟାକାଣ୍ଡ ପାଖରୁ ଆରମ୍ଭ କରି ସାମ୍ବାଦିକତା କ୍ଷେତ୍ରରେ ନୋବେଲ ଶାନ୍ତି ପୁରସ୍କାର ପର୍ଯ୍ୟନ୍ତ ବ୍ୟାଖ୍ୟା ବଖାଣିଥିଲେ। ବିଶିଷ୍ଟ ଅନୁବାଦିକା ପ୍ରଫେସର୍ ଡ.ଭେଦୁଲା ରାମଲକ୍ଷ୍ମି, ବିଶିଷ୍ଟ ଅତିଥି ଭାବରେ ଯୋଗଦେଇସମ୍ଭାଷଣ ମାଧମରେ ଓଡ଼ିଶା ମିରରକୁ ପ୍ରତିପାଦନ କରିବାକୁ ଯାଇ କହିଲେ ମିରର୍ କେବେ ମିଛ କହେ ନାହିଁ। ପୁଣି ଏହା ଓଡ଼ିଶାର ମିରର୍ ତେଣୁ ଓଡ଼ିଶାର ପ୍ରକୃତ ସତ୍ୟକୁ ସଫଳ ଭାବେ ଉପସ୍ଥାପନ କରିପାରୁଛି। ତାପରେ ପୁଣି କହିଥିଲେ ଯିଏ ମାକୁ ଭଲପାଇବା ଶିଖିଛି ସିଏ ମାଉସୀକୁ ଭଲ ପାଇପାରିବ । ଯିଏ ମାକୁ ଭଲପାଏ ସିଏ ମାତୃଭୂମି ମାତୃଭାଷାକୁ ଭଲ ପାଇବ । ପୁଣି ଅପର ପକ୍ଷରେ କହିଲେ ଜଣେ ଯଦି ଅନ୍ୟର ମା ଅବା ମାତୃଭାଷାକୁ ସମ୍ମାନ ଦେବ ତେବେ ଅନ୍ୟ ଜଣେ ମଧ ତାର ମା ଅବା ମାତୃଭାଷାକୁ ସମ୍ମାନ ଦେବ ପ୍ରାରମ୍ଭରେ ପ୍ରଦ୍ୱୀପ ପ୍ରଜ୍ୱଳନ ସହିତ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଗାନ କରାଯିବା ପରେ ଓଡ଼ିଶା ମିରର୍ ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ ଅତିଥି ପରିଚୟ ଓ ସଂପାଦକୀୟ ଅଭିଭାଷଣ ରଖିଥିଲେ। ନିଜ ଅଭିଭାଷଣରେ ଶ୍ରୀଯୁକ୍ତ ଦିଲ୍ଲୀପ ବିଶ୍ୱାଳ ଓଡ଼ିଶା ମିରର୍ ଦଶବର୍ଷର ସଫଳତା ସମ୍ପର୍କରେ ଉଲ୍ଲେଖ କରି କହିଲେ ଆମେ ବଞ୍ଚିଛୁ ଏହା ହିଁ ଆମ ପାଇଁ ସର୍ବଶ୍ରେଷ୍ଠ ସଫଳତା।ଏହି ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ଓଡ଼ିଶା ମିରର୍ ସମ୍ମାନ - ୨୦୨୨ ପ୍ରଦାନ କରଯାଇଥିଲା। ସଭା ଶେଷରେ ଓଡ଼ିଶା ମିରର୍ କଲଚୁରାଲ ରିପୋର୍ଟର ସରିତା ବାରିକ ଧନ୍ୟବାଦ୍ ପ୍ରଦାନ କରିଥିଲେ, ଏହି କାର୍ଯ୍ୟକ୍ରମକୁ ଉପସ୍ଥାପିକା ମଧୁସ୍ମିତା ସେନାପତି ପରିଚାଳନା କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ଏହି କାର୍ଯ୍ୟକ୍ରମକୁ କବି ଓ ଗୀତିକାର କୁମାର ଲିଟନ ପରିଚାଳନା କରିଥିଲେ।

# ବିଶ୍ୱ କପ୍ ହକି ଟ୍ରଫିର ଜିଲ୍ଲା ପରିକ୍ରମା : ଭବ୍ୟ ସ୍ୱାଗତ ପାଇଁ ପ୍ରଶାସନିକ ପ୍ରସ୍ତୁତି



ଭଦ୍ରକ, ୨୨/୧୨ (ନି.ପ୍ର): ଆସନ୍ତା ଜାନୁୟାରୀ ୧୩ ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ପୁରୁଷ ବିଶ୍ୱ କପ୍ ହକି ମ୍ୟାଚ୍ ନିମନ୍ତେ ଡ଼ିସେମ୍ବର ୨୫ ରୁ ବିଶ୍ୱ କପ୍ ହକି ଟ୍ରଫି ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ତରଫରୁ ଭବ୍ୟ ସ୍ୱାଗତ ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏବଂ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଏ.ସି.ଡ଼ି.ଓ. କୁଶଳ ଚନ୍ଦ୍ର ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ଲକ୍ଷ୍ମୀ ପ୍ରସାଦ ସାହୁ, ଡ଼ି.ଏସ୍.ପି. ଡ଼ି.ଆଇ.ବି. କମଳ ଲୋଚନ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟକି ବିଶ୍ୱକପ୍ ହକି ଟ୍ରଫି ର ଜିଲ୍ଲା ପରିକ୍ରମା କାର୍ଯ୍ୟସୂଚୀ ଅନୁଯାୟୀ ଜାନୁୟାରୀ ୯ ତାରିଖରେ ଭଦ୍ରକ ଜିଲ୍ଲାରେ ବୁଲିବା କାର୍ଯ୍ୟକ୍ରମ ରହିଛି । ବାଲେଶ୍ୱର ଜିଲ୍ଲା ପରିକ୍ରମା ପରେ ଭଦ୍ରକ ଜିଲ୍ଲା ସୀମାନ୍ତ ମଇତାପୁର ଠାରେ ୮ ତାରିଖ ରାତିରେ କପ୍‌କୁ ସ୍ୱାଗତ କରାଯାଇ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଠାରୁ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଗ୍ରହଣ କରାଯିବ। ସର୍କିଟ୍ ହାଉସ୍‌ରେ ରାତ୍ରିଯାପନ ପରେ ୯ ତାରିଖ ସକାଳେ ପ୍ରଥମେ ବାସୁଦେବପୁର ଯାଇ ପ୍ରତ୍ୟାବର୍ତ୍ତନ ପରେ ସକାଳେ ଘ୮.୩୦ସୁଦ୍ଧା ସ୍ୱାଗତ ଶୋଭାଯାତ୍ରାରେ ନେହେରୁ ଷ୍ଟାଡ଼ିୟମକୁ ପାଛୋଟି ନିଆଯିବ ଏବଂ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ କିଛି ସମୟ ରହିବ । ଏହି ଅବଧି ମଧରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାପ୍ରେମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଜନ ପ୍ରତିନିଧି, ଗଣମାଧମ ପ୍ରତିନିଧି, ସ୍କୁଲ କଲେଜ ବିଦ୍ୟାର୍ଥୀ, ସାଧାରଣ ଜନତାଙ୍କୁ ସାମିଲ କରାଯିବା ନେଇ ବୈଠକରେ ଆଲୋଚନା କାଯାଇଥିଲା । ଷ୍ଟାଡ଼ିୟମ୍‌ରେ ସ୍ୱାଗତ କାର୍ଯ୍ୟକ୍ରମ ପରେ ସମୟ ଅନୁଯାୟୀ ଭଦ୍ରକ ସହରର ପ୍ରମୁଖ ଅନୁଷ୍ଠାନ ମାନଙ୍କ ତରଫରୁ ସ୍ୱାଗତ କାର୍ଯ୍ୟକ୍ରମ ପାଇଁ ଟ୍ରଫିର ପରିକ୍ରମା କରାଯିବା ନେଇ ମଧ ଆଲୋଚନା କରାଯାଇଥିଲା । ଟ୍ରଫିର ଭଦ୍ରକ ଜିଲ୍ଲା ପରିକ୍ରମାର ଶେଷ କାର୍ଯ୍ୟକ୍ରମ ଅନୁଯାୟୀ ଭଣ୍ଡାରିପୋଖରୀରେ ଏକ ସ୍ୱାଗତ ଉତ୍ସବ କରାଯାଇ ଛତାବର ଠାରେ ମଧାହ୍ନ ୧୨ଘ. ୧୫ମି ସୁଦ୍ଧା ଯାଜପୁର ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବ । ଜିଲ୍ଲା କ୍ରୀଡ଼ା ଅଧିକାରୀ ପଦ୍ମନ କୁମାର ରାୟଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଭଣ୍ଡାରିପୋଖରୀ ବି.ଡ଼ି.ଓ ଦେବଦତ୍ତ ଦାସ, ତହସିଲଦାର ସରୋଜ ନାୟକ , ଭଦ୍ରକ ବି.ଡ଼ି.ଓ. ସତୀକାନ୍ତ ରାଉତ ପ୍ରମୁଖଙ୍କ ସମେତ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଭୁବନେଶ୍ୱରରେ ମୋ ବସରେ ଲାଗିଲା ନିଆଁ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଭୁବନେଶ୍ୱରର ତମାଣ୍ଡୋ ଥାନା ସମ୍ମୁଖରେ ଗୁରୁବାର ସକାଳେ ଏକ ମୋ ବସରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଛି । ନିଆଁ ଲାଗିବା ସୂଚନା ମିଳିବା ପରେ ସଙ୍ଗେ ସଙ୍ଗେ ସେଠାରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବସ୍‌ରେ କିପରି ନିଆଁ ଲାଗିଲା, ସେ ସମ୍ପର୍କରେ ସୂଚନା ମିଳି ପାରି ନାହିଁ। ମିଳିଥିବା ସୂଚନା ଅନୁସାରେ ଏହି ବସ୍‌ଟି ତମାଣ୍ଡୋରୁ ଯାତ୍ରୀମାନଙ୍କୁ ନେଇ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ତମାଣ୍ଡୋ ଥାନା ସମ୍ମୁଖରେ ବସ୍‌ରେ ନିଆଁ ଲାଗିଯାଇଥିବା ଜଣାପଡ଼ିଥିଲା। ଧୂଆଁ ଦେଖି ସବୁ ଯାତ୍ରୀଙ୍କ ସହିତ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ଓହ୍ଲାଇ ଯାଇଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ଫିରୋଜପୁର ସେକ୍ଟରରେ ବିଏସଏଫ ପାକିସ୍ଥାନୀ ଡ୍ରୋନକୁ ଧ୍ୱଂସ କଲା

ଚଣ୍ଡିଗଡ଼, ୨୨/୧୨ (ନି.ପ୍ର): ବୁଧବାର ରାତିରେ ଫିରୋଜପୁର ସେକ୍ଟରରେ ହୋଇଥିବା ଅପରେସନ ସମୟରେ ବିଏସଏଫ ପାକିସ୍ଥାନୀ ଡ୍ରୋନକୁ ଗୁଳି ଚଳାଇଥିଲା । ଏହି ଅପରେସନ ପରେ ବିଏସଏଫ ଦ୍ୱାରା ସୀମାନ୍ତ ଅଂଚଳରେ ଅନେକ ଘଂଟା ଧରି ସର୍ଚ୍ଚ ଅପରେସନ କରାଯାଇଥିଲା । ବିଏସଏଫ ମୁଖପାତ୍ରଙ୍କ ଅନୁଯାୟୀ ବୁଧବାର ରାତି ପ୍ରାୟ ଆଠଟା ବେଳେ ଏକ ଡ୍ରୋନ ଭାରତ ସୀମାରେ ପ୍ରବେଶ କରିଥିଲା । ଏହି ଡ୍ରୋନ ଫିରୋଜପୁର ସେକ୍ଟର ଅନ୍ତର୍ଗତ ବିଓପି ହରଭଜନ ଅଂଚଳରେ ଦେଖିବାକୁ ମିଳିଥିଲା। ଯାହାପରେ ବିଏସଏଫ ଗୁଳି ଚଳାଇବା ଆରମ୍ଭ କରିଥିଲା। ବିଏସଏଫର ୧୦୧ ବାଟାଲିୟନର ସୈନିକ ମାନେ ଅନେକ ରାଉଣ୍ଡ ଗୁଳି ଚଳାଇଥିଲେ। କିଛି ସମୟ ପରେ ଶବ୍ଦ ବନ୍ଦ ହୋଇଗଲା ।

# ବିଜେପି ଆରମ୍ଭ କଲା କାର୍ଯ୍ୟକର୍ତ୍ତା ମାନଙ୍କର ମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଚାଷୀଙ୍କୁ ନ୍ୟାୟ ଦେବା ଦାବିରେ ଆଜି ରାଜ୍ୟର ସବ୍‌ଡିଭିଜନରେ ପ୍ରତିବାଦ ଏବଂ ଉପଜିଲ୍ଲାପାଳଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ଠାରୁ ମଣ୍ଡିଚାଲ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଗାମୀ ୨୮ ତାରିଖ ଯାଏ ଏହା ଚାଲିବ । ଏହି ଅଭିଯାନରେ ବିଜେପି କାର୍ଯ୍ୟକର୍ତା ମାନେ ମଣ୍ଡିକୁ ଯାଇ ଚାଷୀ ମାନଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଛି । ଉଲ୍ଲେଖନୀୟ ଯେ ଗତ କାଲି ବିଜେପି ରାଜ୍ୟର ୫୮ଟି ଉପଖଣ୍ଡରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘେରାଉ କରିଥିଲା । ଏହି ଅବସରରେ ଉପ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ସ୍ମାରକ ପତ୍ରରେ ମଣ୍ଡି ଖୋଲି ନଥିବା ସ୍ଥାନରେ ତୁରନ୍ତ ମଣ୍ଡି ଖୋଲିବା, ମଣ୍ଡିର ପରିଚାଳନାଗତ ତ୍ରୁଟି ସଜାଡିବା, କୃଷକ ରେଜିଷ୍ଟ୍ରେସନରେ ଅନିୟମିତା ଓ ପାତର ଅନ୍ତର ନୀତି ବନ୍ଦ କରିବାକୁ ଦାବି କରାଯାଇଥିଲା । ସେହିପରି ସେଂଟ୍ରାଲ ଟୋକନ ନାଁରେ ଭ୍ରଷ୍ଟାଚାର ବନ୍ଦ କରିବା, କଟନୀ-ଛଟନୀ ବନ୍ଦ କରିବା, ଚାଷୀ ମୁଣ୍ଡ ପିଛା ସର୍ବାଧିକ ୬୦କ୍ୱିଂଟାଲ ଧାନବିକ୍ରି କରିବା ନିଷ୍ପତିକୁ ରଦ୍ଦ କରି ବିକ୍ରି ସୀମାକୁ ବୃଦ୍ଧି କରିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଏମ୍ଏସପି ଚାଷୀଙ୍କୁ ପ୍ରଦାନ ଏବଂ ମୁଖ୍ୟମନ୍ତ୍ରୀ ୨୦୧୬ରେ ଘୋଷଣା କରିଥିବା କ୍ୱିଂଟାଲ ପିଛା ୧୦୦ଟଙ୍କା ବୋନସ ତୁରନ୍ତ ପ୍ରଦାନ କରନ୍ତୁ ବୋଲି ମଧ ଦାବି କରିଥିଲା ।

## ମାସ୍କ ଓ ସାମାଜିକ ଦୂରତା କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟରେ ମାସ୍କ, ସାମାଜିକ ଦୂରତା ଓ ଟୀକାକରଣକୁ ଗୁରୁତ୍ୱ ଦେବା, ହୋଟେଲ, ରେଷ୍ଟୁରାଂଟରେ ନୂଆବର୍ଷ ଉତ୍ସବ ପାଳନ ବନ୍ଦ କରିବାକୁ ସମାଜବାଦୀ ପାର୍ଟି ଦାବୀ କରିଛି। 'ପାର୍ଟି'ର ରାଜ୍ୟ ସଭାପତି ରବି ବେହେରା ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ରାଜନୈତିକ ଦଳ ଗୁଡ଼ିକର ସଭା, ସମାବେଶ, ବିବାହ ଉତ୍ସବରେ ଅଯଥା ଲୋକ ଗହଳି ବନ୍ଦ କରିବାକୁ ଦାବି କରିଛନ୍ତି। ଭାରତୀୟ ଭେଷଜ ସଂଘ ଦେଇଥିବା କରୋନା ଉପଦେଶକୁ ରାଜ୍ୟରେ କଡ଼ାକଡ଼ି ପାଳନ କରିବା ଓ ଟୀକାକରଣକୁ ବ୍ୟାପକ କରିବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି। ବି-ଏଫ୍-୭ ଭୂତାଣୁ ଓଡ଼ିଶାରେ ଦେଖା ଦେଇଥିବା ଯୋଗୁଁ କରୋନା କଟକଣା ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି।

# ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା



ବାଲେଶ୍ୱର, ୨୨/୧୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୁରୀ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ଦ୍ୱାଦଶ ବର୍ଷ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଇଶାଣୀ ଲବଣ ସ୍ମୃତି ସ୍ମାରକୀ ଷ୍ଟାଡିୟମ୍‌ରେ ଆୟୋଜିତ ଉଦଯାପନୀ ସମାରୋହରେ କଳା ଓ ସାଂସ୍କୃତିକ ଅନୁଷ୍ଠାନ 'ଚନ୍ଦ୍ରଭାଗା'ର ନିର୍ଦ୍ଦେଶକ କବି ଶ୍ରୀଦେବ ଅଧକ୍ଷତା କରିଥିଲେ। ବିଦ୍ୟାଳୟର ଅଧକ୍ଷା ସରୋଜିନୀ ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶୃଙ୍ଖଳିତ ହୋଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଭାସ୍କର ପାଣିଗ୍ରାହୀ ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ସହ ଶିଶୁର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ରତିକାନ୍ତ ପାତ୍ର ଯୋଗଦେଇ ଶିଶୁଙ୍କ ପାଠପଢ଼ା ସହ ଖେଳକୁଦର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସାରଗାଁ ଅଞ୍ଚଳର ଉଦୀୟମାନ ସଂଗଠକ ସୁଶାନ୍ତ ଶତପଥୀ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଷ୍ଟାଡିୟମରେ ପଞ୍ଚାୟତ ଅନୁଦାନରୁ ଖୁବ୍ ଶୀଘ୍ର ଶୌଚାଳୟ ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ଦେଇଥିଲେ। କ୍ରୀଡ଼ାର ଶେଷ ଭାଗରେ ମହିଳା ଅଭିଭାବକଙ୍କୁ ନେଇ ଆୟୋଜିତ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ବେଶ୍ ମଜାଦାର ଥିଲା। ପରିଶେଷରେ ଦୌଡ଼, ଗଣିତକଷା, ଜିଲାପି, ଅଖା ଦୌଡ଼ ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ତଥା ବିଦ୍ୟାଳୟର ନିର୍ଦ୍ଦେଶକ ଗୋପାଳ ମହାପାତ୍ର କ୍ରୀଡ଼ା ଉତ୍ସବ ପରିଚାଳନା କରିଥିଲେ। ବିଦ୍ୟାଳୟର ସମ୍ପାଦିକା ଜୟନ୍ତୀ ପାଣିଗ୍ରାହୀ, ଶିକ୍ଷକ ସନ୍ତୋଷ ପଣ୍ଡା, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଶିକ୍ଷୟିତ୍ରୀ ପ୍ରିୟା ପାଲ୍, ଲତିକା ରାୟ, ମୋନାଲିସା ପଣ୍ଡା, ଜୟନ୍ତୀ ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଶାଳା ସିଦ୍ଧି ଆବାସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନସ୍ଥ ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଦୁଇ ଦିବସୀୟ ରାଜ୍ୟସ୍ତରୀୟ ଶାଳା ସିଦ୍ଧି ଆବାସୀୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଭୁବନେଶ୍ୱର ସିରିପୁରସ୍ଥିତ 'ଇମେଜ୍' ଠାରେ ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ନିର୍ଦ୍ଦେଶକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ୯୦ ଜଣ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ,ଶୈକ୍ଷିକ ସଂଯୋଜକ ତଥା ଜିଲ୍ଲା ପ୍ରୋଗ୍ରାମରମାନେ ଯୋଗଦାନ କରିଛନ୍ତି । ଏଥିରେ ନୂଆଦିଲ୍ଲୀସ୍ଥିତ ନିପାରୁ ପ୍ରଫେସର ପ୍ରଣତି ପଣ୍ଡା ଓ ସହଯୋଗୀ ଏ.ନ. ରେଡି ଜାତୀୟ ସମ୍ବଳ ଶିକ୍ଷକ ଭାବରେ ଯୋଗଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଶେଷ କରି ଶାଳା ସିଦ୍ଧି -'ବିକାଶ ହେତୁ ବିଦ୍ୟାଳୟ ସ୍ୱ-ମୂଲ୍ୟାୟନ' ପ୍ରସଙ୍ଗରେ ବିଶଦ ଆଲୋଚନା କରାଯାଉଛି। ଅଂଶଗ୍ରହଣକାରୀ ପ୍ରଶିକ୍ଷାର୍ଥୀମାନେ ଏଥିରେ ସକ୍ରିୟ ଭାବରେ ଯୋଗଦାନ କରି ସେମାନଙ୍କ ସଂଶୟ ମୋଚନ କରିବାକୁ ଯଥେଷ୍ଟ ସୁଯୋଗ ପାଉଛନ୍ତି। ଏହି କାର୍ଯ୍ୟକ୍ରମ ୨୨ ଓ ୨୩ ତାରିଖ ଦୁଇ ଦିନ ବ୍ୟାପି ଚାଲୁ ରହିବ।

# ପୋଲିସ ପେଟ୍ରୋଲିଂ ପାଇଁ ଉପଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପଂଚାୟତ ସମିତି ଅଧକ୍ଷା



ନୀଳଗିରି, ୨୨/୧୨ (ନି.ପ୍ର): ରାଜ୍ୟ ରାଜପଥ ୧୯ ସେରଗଡ଼ ଉଦଳା ରାସ୍ତାର ଭାଲୁକାଶୁଣି ଅଂଚଳ ଏବେ ଲୁଟେରାଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ନେଇ ଅଂଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଗତ ୨୦ତାରିଖରେ ମାଟିଆଳି ଅଂଚଳର ବାପପୁଅଙ୍କ ଠାରୁ ୩ଲକ୍ଷ ୧୪ହଜାର ଟଙ୍କା ମରଣାନ୍ତକ ଆକ୍ରମଣ କରି ଲୁଟେରାମାନେ ଲୁଟି ନେବା ଏହାର ସତ୍ୟତମ ଉଦାହରଣ । ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ବାହାର ଜିଲ୍ଲା ଓ ରାଜ୍ୟର ପର୍ଯ୍ୟଟକମାନେ ଏଇ ରାସ୍ତା ଦେଇ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ଯାଉଥିବା ବେଳେ ସଦାସର୍ବଦା ଆଶା ଆଶଙ୍କାରେ ରହୁଛନ୍ତି । କେତେବେଳେ ଯେ ଅଘଟଣ ନ ଘଟିବ ତାହା କହିହେବ ନାହିଁ । ସଜନାଗଡ଼ରୁ ଗରଡିହି ଛକ ଏବଂ ଭାଲୁକାଶଉଣି ଛକରୁ ମାଟିଆଳି ରାସ୍ତାର ବୈଷ୍ଣବବନ୍ଧ ଆଶ୍ରମ ପର୍ଯ୍ୟନ୍ତ ରାସ୍ତାଟି ଶାଳ ଜଙ୍ଗଲ ପରିବେଷ୍ଟିତ ହୋଇଥିବାରୁ ବାରମ୍ବାର ଉକ୍ତ ଅଂଚଳରେ ରାହାଜାନି, ଛିନତାଇ, ବସଲୁଟ୍, ମର୍ଡର ଭଳି ସମସ୍ୟା ପୂର୍ବରୁ ଘଟିଛି । ନୀଳଗିରି ପୋଲିସ ଏବଂ ବରହମପୁର ପୋଲିସର ସୀମାନ୍ତ ଅଚଂଳ ହୋଇଥିବାରୁ ସଠିକ୍ ପୋଲିସ ପେଟ୍ରୋଲିଂ ଅଭାବ କାରଣରୁ ଉକ୍ତ ଅଂଚଳ ଏବେ ଅସୁରକ୍ଷିତ ହୋଇପଡ଼ିଛି । ଫଳରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି । ଏନେଇ ଗୁରୁବାର ନୀଳଗିରି ପଂଚାୟତ ସମିତି ଅଧକ୍ଷା ମର୍ମାହତ ହୋଇ ନୀଳଗିରି ଉପଜିଲ୍ଲାପାଳଙ୍କୁ ଉକ୍ତ ଅଂଚଳରେ ଦିବାରାତ୍ର ପେଟ୍ରୋଲିଂ ପାଇଁ ଚିଠି ଲେଖିଛନ୍ତି । ଚିଠିରେ ଉଭୟ ପୋଲିସ ଷ୍ଟେସନର ସର୍ବନିମ୍ନ ୨ଜଣ ଲେଖାଏଁ ଗୃହରକ୍ଷୀ ନିଯୁକ୍ତି ପାଇଁ ନିବେଦନ କରିଛନ୍ତି । ଫଳରେ ଉକ୍ତ ରାସ୍ତାରେ ଯାତାୟତ କରୁଥିବା ଯାତ୍ରୀ ସୁରକ୍ଷିତ ଭାବେ ନିଜ ଗନ୍ତବ୍ୟସ୍ଥଳକୁ ଯାଇପାରିବେ ବୋଲି ଉଲ୍ଲେଖ କରିଛନ୍ତି । ତେଣୁ ଯଥାଶୀଘ୍ର ନୀଳଗିରି ଉପଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱ ଦେଇ ଦିବାରାତ୍ର ପେଟ୍ରୋଲିଂ ପାଇଁ ବ୍ୟବସ୍ଥା କରିବାକୁ ନୀଳଗିରି ପଂଚାୟତ ସମିତିର ଅଧକ୍ଷା ଶୁଭଲକ୍ଷ୍ମୀ ମାଛୀ ଚିଠିଲେଖିଥିବା ଜଣାଯାଇଛି । ଅଧକ୍ଷାଙ୍କ ସହ ସମାଜସେବୀ ତଥା ରିଜର୍ଭବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ ମଦନମୋହନ ମାଝୀ ଉପସ୍ଥିତ ଥିଲେ ।

## ଅଙ୍ଗଦାନ ପାଇଁ ସତ୍ୟପାଠ ଦାଖଲ କରିଥିବା ବ୍ୟକ୍ତିଙ୍କ ସ୍ଲୋଗାନ



ଉଦଳା, ୨୨/୧୨ (ନି.ପ୍ର): ଦାନ ଦିଆ ଯାଉଥିବା ମୃତ ଶରୀର ଡ଼ାକ୍ତରୀ ଶିକ୍ଷା ଓ ଗବେଷଣା ପାଇଁ ବ୍ୟବହୃତ ହୋଇଥାଏ । ତେବେ ଏଥିପାଇଁ ବଞ୍ଚିଥିବା ଅବସ୍ଥାରେ ଅଙ୍ଗଦାନର ସତ୍ୟପାଠ ଦାଖଲ କରିବାକୁ ପଡ଼ିଥାଏ । ବର୍ତ୍ତମାନ ଓଡ଼ିଶାରେ ୧୫ଗୋଟି ମେଡ଼ିକାଲ କଲେଜ ରହିଛି । ଏଠାରେ ପିଲାମାନେ ପାଠ ପଢୁଛନ୍ତି ସତ କିନ୍ତୁ ମୃତ ଶରୀର ଅଭାବ ଯୋଗୁଁ ଅନେକ ସମୟରେ ପିଲାମାନଙ୍କର ପାଠପଢ଼ାରେ ଅସୁବିଧା ଦେଖା ଦେଉଛି । ତେବେ ମୃତ ଶରୀରକୁ ନିଆଁରେ ନପୋଡ଼ି କିମ୍ବା ମାଟିରେ ନପୋତି ମେଡ଼ିକାଲ କଲେଜକୁ ଦାନ କରିଦେଲେ ତାହା ପିଲାଙ୍କ ପାଠ ପଢ଼ା ଓ ଗବେଷଣା କାର୍ଯ୍ୟରେ ଲାଗନ୍ତା ବୋଲି ଉଦଳା ରୋଟାରୀ କ୍ଲବର ସଭାପତି ହରେନ ପଟ୍ଟନାୟକ କହିଛନ୍ତି । ତାଛଡ଼ା ମୃତ ଶରୀରର ଅନେକ ଅଙ୍ଗ ଆବଶ୍ୟକ ରୁଥିବା ରୋଗୀଙ୍କ ଦେହରେ ପ୍ରତିରୋପିତ ମଧ ହୁଏ । ଫଳରେ ଅନ୍ୟ ମୁଖରେ ହସ ଫୁଟାଇବା ସହିତ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଆଗକୁ ଯିବା ପାଇଁ ସହାୟକ ହୋଇଥାଏ । 'ନେଦରଲାଣ୍ଡ' ଏକ ଦେଶ ଯେଉଁଠାରେ ଶତପ୍ରତିଶତ ଲୋକ ନିଜର ଶରୀର ଦାନ ପାଇଁ ସତ୍ୟପାଠ ଦାଖଲ କରିଛନ୍ତି ଓ ସାରା ବିଶ୍ୱବାସୀଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି । ସେହିପରି ଉଦଳାସ୍ଥିତ ରୋଟାରୀ କ୍ଲବ ମାଧମରେ ସଚେତନତାର ବାର୍ତ୍ତା ବାଣ୍ଟିବା ସହିତ ସତ୍ୟପାଠ ଦାଖଲ ପାଇଁ କାଗଜପତ୍ର ପ୍ରସ୍ତୁତ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଏଠାରେ ସତ୍ୟପାଠ ଦାଖଲ କରିଥିବା ବ୍ୟକ୍ତିମାନେ ହେଲେ – ସୁଦର୍ଶନ ପ୍ରଧାନ, ସୁବାଶିନୀ ବେହେରା, ହରେନ ପଟ୍ଟନାୟକ, ଜୟନ୍ତି ପଟ୍ଟନାୟକ, ଦୁଳମଣି ପୁହାଣ, ସୁଭଦ୍ରରାଣୀ, ମିନାକ୍ଷୀ ମହାନ୍ତି, ପ୍ରତାପ ମହାନ୍ତି, ସବିତା ଦାସ, ଡ଼ାକ୍ତର ଭାଗବତ ବେହେରା, ରାଜେନ୍ଦ୍ର ପଣ୍ଡା, ରଶ୍ମିତା ପଣ୍ଡା, ପ୍ରହ୍ଲାଦ ଦାସ, ଗୀତାଶ୍ରୀ ରାୟ, ମମତା ମହାନ୍ତି, ସୁଜାତା ବିଶ୍ୱାଳ, ନର୍ମଦା ବେହେରା, ମମତା ସାହୁ, ଭାନୁମତି ନାୟକ, ବ୍ରହ୍ମାନନ୍ଦ ନାୟକ। ଉଦଳାରେ ପୁରୁଷଙ୍କ ତୁଳନାରେ ମହିଳା ମାନେ ଅଙ୍ଗଦାନ ପାଇଁ ଅଧିକ ଆଗ୍ରହୀ ଥିବାର ପରିଲକ୍ଷିତ ହେଉଛି । ବର୍ତ୍ତମାନ ସୁଦ୍ଧା ସତ୍ୟପାଠ ଦାଖଲ କରିଥିବା ବ୍ୟକ୍ତିଙ୍କ ମଧରେ ୧୧ ଜଣ ମହିଳା ଥିବା ବେଳେ ୯ ଜଣ ପୁରୁଷ ଅଛନ୍ତି । ଅଙ୍ଗଦାନ ପାଇଁ ଚାହୁଁଥିବା ବ୍ୟକ୍ତି ମୋବାଇଲ ନଂ- ୯୪୩୭୨୩୮୦୭ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି । ସତ୍ୟପାଠ ଦାଖଲ କରୁଥିବା ବ୍ୟକ୍ତି ମାନଙ୍କର କହିବା ଅନୁସାରେ ସ୍ୱର୍ଗ ଆକାଶରେ ନାହିଁ ଯେ ଛିଡ଼ିବ, କି ମାଟି ତଳେ ନାହିଁ ବାହାରିବ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo